READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA

RNI Regd. No. ODIODI/2017/71524

# ଏକମାତ୍ର

ଅନୁସନ୍ଧାନ ପରେ ଖବର

୮ମ ସ୍ୱନକ୍ଷତ୍ର ସଂଖ୍ୟା

ବର୍ଷ-୮ ସଂଖ୍ୟା-୧ ୧୫ - ୨୧ ଜାନୁଆରୀ, ୨୦୨୪ ଭୁବନେଶ୍ୱର Monday Weekly VOL-8 ISSUE-1 15th - 21st JANUARY, 2024 BHUBANESWAR ₹ 5/- (8 Pages)


## ପ୍ରତିକୂଳ ପରିସ୍ଥିତି ଓ ଖବରକାଗଜ



ଗତକାଲି ଓ ଆଜି ମଧ୍ୟରେ ଯେଉଁ ୨୪ ଘଣ୍ଟାର ପାର୍ଥକ୍ୟ ତାହା ଜୀବନ ଜଞ୍ଜାଳର ଗୁରୁତ୍ୱପୂର୍ଣ୍ଣ ଘଟଣାବଳୀର ସମାହାର ମାତ୍ର। ଯିଏ ଚାଲିଯାଉଛି ସିଏ ଆମର ଥିଲା ଓ ଯିଏ ଆସିଲା ସିଏ ଆମର ହୋଇଗଲା। ମାତ୍ର କେହି ଆମର ହୋଇ ଚିରକାଳ ରହିବେନି ଏହା ହିଁ ଚିରନ୍ତନ ସତ୍ୟ। ଏହି ବାସ୍ତବ ସତ୍ୟକୁ ଉପଲବ୍ଧି କରିବାରେ ଅନେକ ତିକ୍ତ ମଧୁର ଅନୁଭୂତି ଆମକୁ ଆଗକୁ ବଢିବାର ପ୍ରେରଣା ଦେଇଥାଏ। ଯେପରିକି ପରିବାରକୁ ଜଣେ ନୂଆ ସଦସ୍ୟ ଆସିଲେ ଆମେ ଖୁସି ଜାହିର କରୁ ଓ ଏଥିପାଇଁ ଉତ୍ସବ ପାଳନ କରିବା ପାଇଁ ଆଗଭର ହେଉ ତାହା ଜଣକୁ ବିଦାୟ ଦେଲାବେଳେ ହୋଇନଥାଏ। ଦୁଇପ୍ରକାର ଅନୁଭବ ମଣିଷକୁ ବଞ୍ଚିବା ଶିଖାଏ। କଅଁଳ ଶିଶୁଟିଏ କିଶୋର ହେବାର ଅନୁଭୂତି ଯେପରି ଭିନ୍ନ ସେଭଳି ଗଛଟିଏ ଅଧିକ ଶାଖା ପ୍ରଶାଖା ମେଲି ଦଣ୍ଡାୟମାନ ରହିଲେ ସେଥିରୁ ଭବିଷ୍ୟତ ଆକଳନ କରିହୁଏ। ଅନୁଭବର କ୍ଷେତରୁ ଫସଲ ଫଳାଇବାର ଆଶା କୃଷକଟି ମନରେ ନୂତନ ଆଶା ସଂଚାର କରୁଥିଲା ବେଳେ ଶ୍ରମିକଟିଏ ପାଇଁ ନୂଆ ସକାଳ ଆଶାବାଦର ସୂଚନା ଦିଏ। ପ୍ରତ୍ୟେକ ନିଜ ନିଜ କର୍ତ୍ତବ୍ୟ ପଥ ବାଛିନେଇ ଜୀବନ ଜିଇବାର ଅଦ୍ଭୁତ କଳା ହାସଲ କରିଥାନ୍ତି। ଜୀବନ ସାରା ଅନ୍ୟକୁ ଛାୟା ପ୍ରଦାନ କରୁଥିବା ବୃକ୍ଷ ଦିନେ ବୁଢା ହୁଏ ଓ ଧୀରେ ଧୀରେ ନିଜର ସବୁଜିମା ହରାଇବସେ। ସେଭଳି ପ୍ରତ୍ୟେକ ଘଟଣାର ଆରମ୍ଭ ଓ ଶେଷ ଥାଏ। କିଛି ଘଟଣା ମନକୁ ଶାନ୍ତି ପ୍ରଦାନ କରୁଥିଲା ବେଳେ ଆଉକିଛି ତିକ୍ତ ଅନୁଭୂତି ଦେଇ ଅଧିକ ଭାବିବାକୁ ସୁଯୋଗ ସୃଷ୍ଟିକରେ। ତାହା ହିଁ ଆମ ଜୀବନର ଅସଲ ବାସ୍ତବତା। ନୂଆ ଖବରକାଗଜଟିଏ ଆରମ୍ଭ ବେଳର ଉତ୍ସାହ ପୁରୁଣା ହେଲେ ଲୁଚିଯାଏ ସତ ମନ ଭିତରେ ଏହା ଏକ ଅଦ୍ଭୁତ ସାହସ ଭରୁଥାଏ। ଠିକ ସେମିତି ସାତବର୍ଷ ତଳେ ଆଜିର ଦିନରେ ଯେତେବେଳେ ଏକମାତ୍ର ଏହାର କାର୍ଯ୍ୟ ଆରମ୍ଭ କରିଥିଲା ଏହା ପଛରେ ଅନେକ ବ୍ୟକ୍ତିଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। କିଛି ବ୍ୟକ୍ତି ଉତ୍ତମ ପରାମର୍ଶ ଦେଇ କାଗଜ କିଭଳି ତିଷ୍ଠି ରହିବ ତାହା ବୁଝାଇଥିଲା ବେଳେ ଆଉକିଛି ଏଥିରେ ରହିଥିବା କଠୋର ତପସ୍ୟା ବାବଦରେ କହିଥିଲେ। ତାହାକୁ ପାଥେୟ କରି ସାତବର୍ଷ ନିରବଚ୍ଛିନ୍ନ ଭାବେ 'ଏକମାତ୍ର' ପ୍ରକାଶ ପାଇଆସିଛି। ଆଜି ଅଷ୍ଟମବର୍ଷରେ ପାଦ ଦେଲାବେଳେ ଅତୀତର ଅନେକ ସ୍ମୃତି ରୋମାଞ୍ଚ ଭରିଦେଉଥିଲା ବେଳେ ଆଉକିଛି ସ୍ମୃତି ମନକୁ ବତୁରାଇଦେଉଛି। ଯାହାହେଉ ସପ୍ତମ ପାହାଚ ଅତିକ୍ରମ କରି ଅଷ୍ଟମ ପାହାଚରେ ଏବେ ଏକମାତ୍ରର ପାଦ। ତେଣୁ 'ଏକମାତ୍ର' ତିଷ୍ଠି ରହିବା ପଛରେ ଯେଉଁମାନଙ୍କର ବଳିଷ୍ଠ ଭୂମିକା ରହିଛି ସେମାନଙ୍କ ନିକଟରେ ଆମେ ସବୁଦିନ ପାଇଁ କୃତଜ୍ଞ। କାରଣ ଜୀବନରେ ସାହାଯ୍ୟ କରିଥିବା ବ୍ୟକ୍ତିଙ୍କୁ ଭୁଲିଯିବା କିଛି ଲୋକଙ୍କୁ ହୁଏତ ସହଜ ଲାଗିପାରେ। ମାତ୍ର ଏହା ଆଦୌ ଠିକ କଥା ନୁହେଁ। ମାନବିକତା ଓ ନୀତିଗତ ଆଦର୍ଶ ହିଁ ମଣିଷକୁ ସମାଜରେ ପ୍ରତିଷ୍ଠିତ କରାଏ ଏବଂ ପରିଚୟ ଦିଏ। ଏହା ନଥିଲେ ମଣିଷର ଅସଲ ପରିଚୟ ହଜିଯାଏ। ତେଣୁ ଛୋଟ ହୁଅନ୍ତୁ କି ବଡ଼, ସବୁ ମଣିଷ ଆମ ଜୀବନର ପରିଧିକୁ ଆସିଥାନ୍ତି। କେହି ଅଧିକ କାର୍ଯ୍ୟ କରୁଥିଲେ ବି କେହି ସାମାନ୍ୟ ବା ମାମୁଲି କାର୍ଯ୍ୟଟିଏ କରି ନିଜର ଉପସ୍ଥିତି ଜାହିର କରିଥାନ୍ତି। ତେଣୁ ଉଭୟ କାର୍ଯ୍ୟରେ ମୂଲ୍ୟାୟନ ସମାନ ବୋଲି ଭାବିବାକୁ ହେବ। କାରଣ ତୁଳନାତ୍ମକ ଭାବେ ବିଚାର କଲେ ଯାହାଦ୍ୱାରା ଯେତିକି ସମ୍ଭବ ସେ ସେତିକି ହିଁ କାର୍ଯ୍ୟ କରିପାରିଥାନ୍ତି। ମୂଲ୍ୟବୋଧ ଦୃଷ୍ଟିରୁ ଉଭୟ ଆମ ନିକଟରେ ସମାନ। ତେବେ ସାମ୍ପ୍ରତିକ ବଜାର ଦର ଯାହା ସେଥିରେ ଖବରକାଗଜ ଖଣ୍ଡିଏ ପ୍ରକାଶ କରିବା ବଡ କଠିନ କାର୍ଯ୍ୟ। ସେଥିରେ ସାମାଜିକ ଗଣମାଧ୍ୟମର ଅଭ୍ୟୁଦୟ ମୁଦ୍ରିତ ଗଣମାଧ୍ୟମକୁ ବିପଦରେ ପକାଇଛି। ଟିଭି ଚ୍ୟାନେଲର ସଂଖ୍ୟା ଅପେକ୍ଷା ୟୁଟ୍ୟୁବ୍‌ରେ ଖବରର ବ୍ୟାପକ ପ୍ରସାରଣ ସମସ୍ତଙ୍କ ପାଇଁ ଏକ ନୂଆ ଆହ୍ୱାନ ସୃଷ୍ଟି କରିଛି। ଟିଭି ଚ୍ୟାନେଲ ଓ ଖବର କାଗଜ ଚଳାଇବାରେ ଯେତିକି ବ୍ୟୟ କରାଯାଉଛି ତାହା ତୁଳନାରେ ସୋସିଆଲ ମିଡିଆ ଓ ୟୁଟ୍ୟୁବ୍ ଚ୍ୟାନେଲରେ ଖର୍ଚ୍ଚ କିଛିନାହିଁ କହିଲେ ଚଳେ। ବ୍ୟସ୍ତବହୁଳ ଜୀବନ ଭିତରେ ଅଧିକାଂଶ ବ୍ୟକ୍ତି ଖବରକାଗଜ ପଢ଼ିବା ଓ ଟିଭି ଚ୍ୟାନେଲରୁ ନ୍ୟୁଜ୍ ଦେଖିବା ବଦଳରେ ସୋସିଆଲ ମିଡିଆକୁ ଅଧିକ ପସନ୍ଦ କରିବା ଅନ୍ୟଏକ ପ୍ରମୁଖ କାରଣ ପାଲଟିଛି। ଏଭଳି ସମୟରେ ଆମ ଖବରକାଗଜ ଯେଉଁମାନେ ନିୟମିତ ପଢୁଛନ୍ତି ଏବଂ ଏଥିରେ ପ୍ରକାଶ ପାଉଥିବା ଖବରକୁ ନେଇ ସନ୍ତୋଷ ପ୍ରକାଶ କରୁଛନ୍ତି ସେମାନଙ୍କୁ ସାଧୁବାଦ ଜଣାଉଛି। (signature)

## ବଢିବ ଚିକିତ୍ସା ଖର୍ଚ୍ଚ, ମହଙ୍ଗା ହୋଇପାରେ ଔଷଧ

**ନୂଆଦିଲ୍ଲୀ :** ସ୍ୱାସ୍ଥ୍ୟ କ୍ଷେତ୍ରରେ ଭାରତରେ ଧିରେ ଧିରେ ଉନ୍ନତି ଘଟୁଛି। କାରଣ ଦୁନିଆରେ ଭାରତକୁ ଫାର୍ମାସି କୁହାଯାଏ। ଶସ୍ତା ଔଷଧ ତିଆରି କରିବାରେ ଭାରତର ସମାନତା ନାହିଁ, କିନ୍ତୁ ଆଗାମୀ ଦିନରେ ଏହି ବାସ୍ତବତା ବଦଳିପାରେ। ଦେଶରେ ଲୋକଙ୍କ ଚିକିତ୍ସା ଖର୍ଚ୍ଚ ବଢିପାରେ, କାରଣ ଔଷଧର ମୂଲ୍ୟ ବୃଦ୍ଧି ହେବାର ସମ୍ଭାବନା ରହିଛି। ବାସ୍ତବରେ, ଔଷଧର ସ୍ୱଳ୍ପ ଯୋଗାଣ ହେତୁ କିଛି ଦିନ ଭିତରେ ଔଷଧର ମୂଲ୍ୟ ବୃଦ୍ଧି ହେବାର ସମ୍ଭାବନା ରହିଛି। ବାସ୍ତବରେ, ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଫାର୍ମାସ୍ୟୁଟିକାଲ୍ କମ୍ପାନୀଗୁଡିକ ପାଇଁ କିଛି ନିୟମ ପ୍ରସ୍ତୁତ କରିଛି, ଯାହା ସେମାନଙ୍କ କାରଖାନା ଚଳାଇବା ପାଇଁ ନିର୍ଦ୍ଦେଶାବଳୀ (ଏସ୍ଓପି) ସହିତ ଜଡିତ। ଏହି ନିୟମ ଯୋଗୁଁ ଦେଶରେ ଶସ୍ତା ଔଷଧ ଉତ୍ପାଦନ କରୁଥିବା ଅନେକ ଛୋଟ ଛୋଟ କମ୍ପାନୀମାନଙ୍କର କାରଖାନା ବନ୍ଦ ହେବାର ଆଶଙ୍କା ବଢ଼ିଛି। ଫାର୍ମାସ୍ୟୁଟିକାଲ୍ କାରଖାନାଗୁଡ଼ିକର କାର୍ଯ୍ୟ ପ୍ରଣାଳୀ ସମ୍ବନ୍ଧରେ ସଂଶୋଧିତ ନିୟମ 'କାର୍ଯ୍ୟସୂଚୀ-ଏମ୍' ସମ୍ବନ୍ଧରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ନିକଟରେ ଏକ



ବିଜ୍ଞପ୍ତି ଜାରି କରିଛି। ଫାର୍ମାସ୍ୟୁଟିକାଲ୍ କମ୍ପାନୀଗୁଡିକର କାର୍ଯ୍ୟାଳୟ କେତେ ବଡ, କାରଖାନା କେତେ ବଡ ହେବା ଉଚିତ, କେଉଁ ଉଦ୍ଭିଦ ଏବଂ କେଉଁ ଉପକରଣ ବ୍ୟବହାର କରାଯିବା ଉଚିତ ତାହା ଏଥିରେ କୁହାଯାଇଛି। ଏହି ସମସ୍ତ ବିଷୟରେ ସବିଶେଷ ତଥ୍ୟ ଦିଆଯାଇଛି। ଏହା ବ୍ୟତୀତ ଡ୍ରଗ୍ ଉତ୍ପାଦନ ପାଇଁ ଭଲ ଅଭ୍ୟାସଗୁଡିକ ବିଷୟରେ ମଧ୍ୟ ସୂଚନା ଦିଆଯାଇଛି। କେବଳ ଏତିକି ନୁହେଁ, ଫାର୍ମାସ୍ୟୁଟିକାଲ୍ କମ୍ପାନୀଗୁଡ଼ିକୁ ମଧ୍ୟ ପ୍ରତିବର୍ଷ ଗୁଣାତ୍ମକ ସମୀକ୍ଷା ଏବଂ ଗୁଣାତ୍ମକ ବିପଦ ପରିଚାଳନା ସମୀକ୍ଷା କରିବାକୁ ପଡିବ। ଏହି କାରଣରୁ ଦେଶର ଅନେକ କ୍ଷୁଦ୍ର ଏବଂ ମଧ୍ୟମ ଫାର୍ମାସ୍ୟୁଟିକାଲ୍ କମ୍ପାନୀ ବନ୍ଦ ହେବାର ଆଶଙ୍କା ଦେଖାଦେଇଛି। ଏହି କମ୍ପାନୀ ➤ ପୃ-୬

## ଏଆଇ ସର୍ଭେଲାନ୍ସ କ୍ୟାମେରା ଲେନ୍ସରେ ଅଯୋଧ୍ୟା

**ଅଯୋଧ୍ୟା :** ୨୨ ତାରିଖ ପ୍ରାଣ ପ୍ରତିଷ୍ଠା ଉତ୍ସବ ପୂର୍ବରୁ ଅଭେଦ୍ୟ ଦୁର୍ଗରେ ପରିଣତ ହୋଇଛି ଅଯୋଧ୍ୟା। ଆଣ୍ଟି ଡ୍ରୋନ୍ ପ୍ରଣାଳୀ, ଏଆଇ ସର୍ଭେଲାନ୍ସ କ୍ୟାମେରା ଓ ଟାୟାର କିଲର ବ୍ୟବସ୍ଥା ସାଙ୍ଗକୁ ମୁତୟନ ରହିବେ ବମ୍ ସ୍କ୍ୱାଡ। ରାଜ୍ୟ ପୁଲିସ ଓ ସିଆରପିଏଫ୍ ସହ ଏସଟିଏଫ୍, ଏଟିଏସ୍ ଓ ଏନଆଇଏ ଟିମ୍ ସୁରକ୍ଷା ଦାୟିତ୍ୱରେ ରହିବେ। ଭିଡ଼ ନିୟନ୍ତ୍ରଣ ଲାଗି ଇଣ୍ଟେଲିଜେଣ୍ଟ ଟ୍ରାଫିକ ମ୍ୟାନେଜମେଣ୍ଟ ସିଷ୍ଟମ ବ୍ୟବହାର କରାଯିବ। ମର୍ଯ୍ୟାଦା ପୁରୁଷୋତ୍ତମ ଭଗବାନ



ଶ୍ରୀରାମଚନ୍ଦ୍ରଙ୍କ ପ୍ରାଣ ପ୍ରତିଷ୍ଠାକୁ ଆଉ ରହିଲା ମାତ୍ର କିଛିଦିନ। ତା'ପୂର୍ବରୁ ଅରମ୍ଭ ହୋଇଛି ସ୍ୱତନ୍ତ୍ର ପୂଜାପାଠ।ପ୍ରାଣ ପ୍ରତିଷ୍ଠା ଉତ୍ସବ ପାଇଁ କଡ଼ା ସୁରକ୍ଷାବଳୟରେ ରହିବ ଅଯୋଧ୍ୟା। ଏଠାକୁ ଅସୁବିଧା ପ୍ରତ୍ୟେକ ବ୍ୟକ୍ତି ଓ ଯାନବାହନ ଉପରେ କଡ଼ା ନଜର ରଖିବ ମାଳମାଳ ଏଆଇ ପରିଚାଳିତ ସର୍ଭେଲାନ୍ସ କ୍ୟାମେରା। ଏଠାରେ ଡ୍ରୋନ୍ ଉଡାଣ ସଂପୂର୍ଣ୍ଣ ବନ୍ଦ ରହିବ। କୌଣସି ଅଜଣା ଡ୍ରୋନ୍ ଦୃଷ୍ଟିଗୋଚର ହେଲେ ଆଣ୍ଟିଡ୍ରୋନ ପ୍ରଣାଳୀ ଦ୍ୱାରା ଏହାକୁ ଖସାଇ ଦିଆଯିବ। କୌଣସି ସନ୍ଦିଗ୍ଧ ଗାଡ଼ି ନଜରକୁ ଆସିଲେ ଟାୟାର କିଲର୍ ବ୍ୟବସ୍ଥା ଦ୍ୱାରା ଏହାକୁ ତୁରନ୍ତ ଅଟକାଇ ଦିଆଯିବ। ଅର୍ଥାତ ଅଯୋଧ୍ୟାର ➤ ପୃ-୬

## ପ୍ଲାଷ୍ଟିକ୍ ବୋତଲ ପାଣିରେ ବିଷ



**ନୂଆଦିଲ୍ଲୀ :** ପ୍ଲାଷ୍ଟିକ ବୋତଲରୁ ଆମେ ଅନେକ ସମୟରେ ପାଣି ପିଉଥାଉ। ତେବେ ଜାଣିଛନ୍ତି କି ଏହି ପ୍ଲାଷ୍ଟିକ ବୋତଲରେ ଥିବା ପାଣି ମନୁଷ୍ୟ ଶରୀର ଲାଗି କେତେ କ୍ଷତିକାରକ। ପ୍ଲାଷ୍ଟିକ ବୋତଲରେ ଥିବା ୧ ଲିଟର ପାଣିରେ ରହିଛି ପାଖାପାଖି ୨ ଲକ୍ଷ ୪୦ ହଜାର କଣିକା। ଏହି ନାନୋପ୍ଲାଷ୍ଟିକ କଣିକାଯୁକ୍ତ ପାଣି ମଣିଷ ପିଇବା ଦ୍ୱାରା ଶରୀର ମଧ୍ୟକୁ ପ୍ରବେଶ କରିଥାଏ। ନାନୋପ୍ଲାଷ୍ଟିକ କଣିକା ମାଇକ୍ରୋପ୍ଲାଷ୍ଟିକ ତୁଳନାରେ ଅତି ସୂକ୍ଷ୍ମ ହୋଇଥିବାରୁ ଏହା ସହଜରେ ଶରୀରରେ ଖାଦ୍ୟନଳୀ ଏବଂ ଫୁସଫୁସ ଦେଇ ରକ୍ତକଣିକା ମଧ୍ୟକୁ ପ୍ରବେଶ କରିଥାଏ। ଆଉ ରକ୍ତକଣିକା ଦେଇ ଏହି ନାନୋ ପ୍ଲାଷ୍ଟିକ ହୃଦୟ ଏବଂ ମସ୍ତିସ୍କକୁ ମଧ୍ୟ ପ୍ରବେଶ କରେ। ନାନା ପ୍ଲାଷ୍ଟିକ ଜଣେ ମହିଳାଙ୍କ ଗର୍ଭରେ ଥିବା ଶିଶୁ ଶରୀରକୁ ମଧ୍ୟ ପ୍ରବେଶ କରିପାରେ। ମନୁଷ୍ୟର ଜୀବକୋଷକୁ ମଧ୍ୟ ପ୍ରବେଶ କରିଥାଏ ଏହି ପ୍ଲାଷ୍ଟିକ କଣିକା। ପୂର୍ବରୁ ପାଣିବୋତଲ ମଧ୍ୟରେ ମାଇକ୍ରୋ ପ୍ଲାଷ୍ଟିକ ଠାବ କରାଯାଇଥିଲା। ନାନୋପ୍ଲାଷ୍ଟିକ କଣିକା ମାଇକ୍ରୋ ପ୍ଲାଷ୍ଟିକ ତୁଳନାରେ ଅଧିକ କ୍ଷତିକାରକ। ➤ ପୃ-୬

## ଶ୍ରୀକ୍ଷେତ୍ରର ନବକଳେବର

**ପୁରୀ :** ଶ୍ରୀକ୍ଷେତ୍ରର ଚିତ୍ର ବଦଳୁଛି। ପରିକ୍ରମା ପ୍ରକଳ୍ପର ପରିକଳ୍ପନା ସହିତ ବ୍ୟାବସାୟିକ ପ୍ରତିଷ୍ଠାନକୁ ମଜଭୁତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯେଉଁ ସ୍ୱପ୍ନ ଦେଖିଥିଲେ ତାହା ଏବେ ସାକାର ହେବାକୁ ଯାଉଛି। ପୁରୀ ସହରରେ ଠିଆ ହୋଇଛି ତିନୋଟି ମାର୍କେଟ କମ୍ପ୍ଲେକ୍ସ। ଯାହାକି ଆସନ୍ତା ୧୭ ତାରିଖରେ ଲୋକାର୍ପିତ ହେବ। ଗରିବ ତୀର୍ଥଯାତ୍ରୀଙ୍କୁ ଶ୍ରୀକ୍ଷେତ୍ରରେ ରହିବା ଆଉ କଷ୍ଟଦାୟକ ହେବନାହିଁ। ପକେଟ୍‌କୁ ସୁହାଇବା ଭଳି ନିର୍ମିତ ହେଉଛି ଧର୍ମାଶାଳା। ରଥଯାତ୍ରା ଓ ଅନ୍ୟାନ୍ୟ ଯାନିଯାତ୍ରା ବେଳେ ଶ୍ରୀକ୍ଷେତ୍ରକୁ ଆସୁଥିବା ଗରିବ



ତୀର୍ଥଯାତ୍ରୀମାନେ ଆଉ ଅର୍ଥ ଅଭାବରୁ ବଡଦାଣ୍ଡରେ ଶୋଇବେ ନାହିଁ। ୧୧ ଏକର ପରିମିତ ଜମିରେ ତିଆରି ହେଉଛି ୩ ହଜାର ତୀର୍ଥଯାତ୍ରୀଙ୍କ ରହିବା ପାଇଁ ଧର୍ମଶାଳା। ମାତ୍ର ୨ ଶହରୁ ୪ଶହ ଟଙ୍କା ଦେଇ ଭକ୍ତମାନେ ଶ୍ରୀକ୍ଷେତ୍ରରେ ରାତି ବିତାଇ ପାରିବେ। ମେଘନାଦ ପାଚେରୀ କଡରେ ଗଦାହେବ ନାହିଁ ଅଳିଆ। ସେଥିପାଇଁ ନୂତନ ବ୍ୟବସ୍ଥା କରାଯାଇଛି। ଜାନୁଆରି ୧୭ ତାରିଖ ପୌଷ ଶୁକ୍ଳ ସପ୍ତମୀ ତିଥିରେ ଲୋକାର୍ପିତ ହେବ ବହୁପ୍ରତୀକ୍ଷିତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ। ଏଥିପାଇଁ ଆରମ୍ଭ ହୋଇଛି ପୂଜାକାର୍ଯ୍ୟ। ରାଜନଅର ଠାରେ ଗଜପତି ମହାରାଜା ଆଚାର୍ଯ୍ୟ ବରଣ କରିବା ପରେ ଗୁଆଟେକା କାର୍ଯ୍ୟ ପରେ ଅଙ୍କୁରରୋପଣ କରାଯାଇଥିଲା। ଶନିବାର ଦିନ ୧୧ଟାରୁ ରାତି ୮ଟା ଯାଏଁ ଅଙ୍କୁରପୂଜନ ଅନୁଷ୍ଠିତ ହୋଇଥିଲା। ନିଷ୍ପତ୍ତି ଅନୁଯାୟୀ, ➤ ପୃ-୬

## ବକ୍ରବାଣୀ



ରାମ ଜଗନ୍ନାଥ ବସି ଅଟୋରେ
ବୁଲୁଚନ୍ତି ଏବେ ଗାଆଁ ଦାଣ୍ଡରେ
ଶଙ୍ଖର ଦଳେକୁ ଫୁଲର ଦଳେ
ନାଚନ୍ତି ଭକୁଆ ଝାଞ୍ଜର ତାଳେ
ସହରୀ ଗାଉଁଲି ଏକାଠି ହେଇ
ନାଚୁଚନ୍ତି ସବୁ ତା'ଥେଇ ଥେଇ
ଅଲଜ୍ୟା ମୁହଁକୁ ସରମ ନାଇଁ
ଚାଉଳ ମାଗନ୍ତି ଭୋଅଟ ପାଇଁ
ଚାଲିଚି ତାମସା ସତେ ଯେମିତି
ଧରମ ସହୁଚି ୟାଙ୍କୁ କେମିତି।

——— ଟୁଟୁ

### ଶ୍ରୀ ରାମଲାଲଙ୍କ ପ୍ରାଣ ପ୍ରତିଷ୍ଠା ନିମନ୍ତେ ସ୍ୱତନ୍ତ୍ର ପୂଜାବିଧି ଆରମ୍ଭ କଲେ ପ୍ରଧାନମନ୍ତ୍ରୀ

## 'ମୁଁ ଆବେଗରେ ଭାବ ବିହ୍ୱଳ'

**ନୂଆଦିଲ୍ଲୀ (ପିଆଇବି):** ଆସନ୍ତା ୨୨ତାରିଖ ଦିନ ଅଯୋଧ୍ୟା ଧାମରେ ଶ୍ରୀ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏଗାରଦିନ ବ୍ୟାପୀ ସ୍ୱତନ୍ତ୍ର ବିଧିବିଧାନ ପାଳନ ଆରମ୍ଭ କରିଛନ୍ତି। ଏହା ଏକ ବିରାଟ ଦାୟିତ୍ୱ। ଆମ ଧର୍ମ ଗ୍ରନ୍ଥରେ କୁହାଯାଇଛି ଯେ ଭଗବାନଙ୍କ ଆରାଧନା ଓ ପୂଜା ନିମନ୍ତେ ଆମକୁ ନିଜ ମଧ୍ୟରେ ଦିବ୍ୟ ଚେତନା ଜାଗ୍ରତ କରାଇବାକୁ ପଡିବ। ସେଥିପାଇଁ ଧର୍ମଗ୍ରନ୍ଥରେ ଉପବାସ ଓ କଠିନ ନିୟମ ମାନ ଦର୍ଶାଯାଇଛି ଓ ପ୍ରାଣ ପ୍ରତିଷ୍ଠା ପୂର୍ବରୁ ସେଗୁଡିକୁ ଅନୁସରଣ କରିବାକୁ ପଡିବ। ମୁଁ ଆଧ୍ୟାତ୍ମିକ ଯାତ୍ରାରେ ମହାନ୍ ବ୍ୟକ୍ତି ଓ କେତେକ ପବିତ୍ର ଆତ୍ମାମାନଙ୍କ ଠାରୁ ଯେଉଁ ମାର୍ଗଦର୍ଶନ ପାଇଛି ସେମାନଙ୍କ ଦ୍ୱାରା ପ୍ରସ୍ତାବିତ 'ନିୟମ' ଅନୁସାରେ ମୁଁ ଆଜିଠାରୁ



ସ୍ୱତନ୍ତ୍ର ପୂଜା ବିଧିବିଧାନ ପାଳନ ଏଗାର ଦିନ ନିମନ୍ତେ ଆରମ୍ଭ କରିଛି।

ପ୍ରଧାନମନ୍ତ୍ରୀ ଏକ ଭାବପୂର୍ଣ୍ଣ ବାର୍ତ୍ତା ଦେଇ କହିଛନ୍ତି ଯେ ପ୍ରାଣପ୍ରତିଷ୍ଠା ଅବ୍ୟବହିତ ପୂର୍ବରୁ ସମଗ୍ର ଦେଶ ରାମ ଭକ୍ତିରେ ଆତ୍ମବିଭୋର ହୋଇଯାଇଛି। ଏହି କ୍ଷଣକୁ ସର୍ବ ଶକ୍ତିମାନଙ୍କ ଏକ ଆଶୀର୍ବାଦ ଭାବେ ବିବେଚନା କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ " ମୁଁ ଆବେଗରେ ଭାବ ବିହ୍ୱଳ ହୋଇ ଉଠିଛି। ଜୀବନରେ ପ୍ରଥମ ଥର ନିମନ୍ତେ ମୁଁ ଏହିଭଳି ଭାବନା ଦେଇ ଗତି କରୁଛି। ମୁଁ ଭକ୍ତିଭାବରେ ଏକ ଅପୂର୍ବ ପୁଲକ ଅନୁଭବ କରୁଛି। ମୋ ଅନ୍ତରରେ ଏହି ଆବେଗଭରା ଯାତ୍ରା ଅଭିବ୍ୟକ୍ତିର ଏକ ସୁଯୋଗ ନୁହେଁ, ଏହା ଏକ ଅଭିଜ୍ଞତା। ମୁଁ ଚାହିଁଲେ ମଧ୍ୟ ଏହାର ଗଭୀରତାକୁ ଶବ୍ଦ ଓ ପ୍ରଗାଢତାରେ ପ୍ରକାଶ କରିପାରୁନାହିଁ। ଆପଣମାନେ ମଧ୍ୟ ମୋ ପରିସ୍ଥିତିକୁ ଭଲଭାବେ ବୁଝି ପାରୁଥିବେ। ପ୍ରଧାନମନ୍ତ୍ରୀ ମୋଦୀ ଏହି ସୁଯୋଗ ନିମନ୍ତେ ତାଙ୍କ କୃତଜ୍ଞତା ପ୍ରକାଶ କରିଥିଲେ, "ଏକ ସ୍ୱପ୍ନ ସାକାର ହେଉଥିବା ବେଳେ ମତେ ଉପସ୍ଥିତ ରହିବାର ସୁଯୋଗ ମିଳିଛି। ପିଢି ପରେ ପିଢି ଅନେକଙ୍କ ହୃଦୟରେ ଏହା ଏକ ସଂକଳ୍ପ ଭାବେ ରହିଆସିଛି। ➤ ପୃ-୬

## ୨୦୨୪ରେ ବିଜେଡି କରିବ ଶ୍ରେଷ୍ଠ ପ୍ରଦର୍ଶନ

**ଭୁବନେଶ୍ୱର:** ୨୦୨୪ରେ ବିଜେଡି ଶ୍ରେଷ୍ଠ ପ୍ରଦର୍ଶନ କରିବ। ୨୦୧୯ ଅପେକ୍ଷା ଅଧିକ ଆସନ ସହ ଭୋଟ୍ ହାରରେ ବି ରେକର୍ଡ କରିବ ଦଳ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଫାଇଭ-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଜିଲ୍ଲା ଗସ୍ତ ସମୟରେ ରାଜ୍ୟବାସୀ ଏପରି ସଙ୍କେତ ଦେଲେଣି। ବିକଶିତ ଓଡ଼ିଶା ଗଠନ ପ୍ରକ୍ରିୟାକୁ ସଫଳ କରିବା ପାଇଁ ପ୍ରତ୍ୟେକ ଓଡ଼ିଆ ସଂକଳ୍ପ ନେଇଛନ୍ତି। ଯାହା ୨୪ ଭୋଟରେ ପ୍ରତିଫଳିତ ହେବ ବୋଲି ବିଜେଡି ଦାବି କରିଛି। ବିଜେଡିର ୨୪ ଆକଳନ। ବହୁ ଗୁଣିତ ହେବ ସଫଳତା। ଆସନ ସଂଖ୍ୟା ବୃଦ୍ଧି ସହ ବଢ଼ିବ ଭୋଟ୍ ହାର। ➤ ପୃ-୬

## ଖସୁନି ପିଆଜ ଦର

**ଭୁବନେଶ୍ୱର :** କମୁନି ପିଆଜ ଦର। ଅମଳ ପରେ ବି କିଲୋ ୪୦ ଟଙ୍କାରୁ ଖସୁନି। ଆଉ କେତେ ମହଙ୍ଗା ମାଡ଼ରେ ହନ୍ତସନ୍ତ ହେବେ ଖାଉଟି ? ଗତବର୍ଷ ୨୦ ଟଙ୍କାରେ ମିଳୁଥିବା ପିଆଜ ଏକାଥରକେ ୬ ମାସ ହେଲା ୪୦ ଟଙ୍କାରେ ସ୍ଥିର ରହିଛି। କେହି ପଦୁଟିଏ ବି ପାଟି ଫିଟାଉନାହାନ୍ତି। କେନ୍ଦ୍ର ସରକାରଙ୍କ କର୍ପୋରେଟ୍



ପ୍ରୀତି ଯୋଗୁ ୧୫ ଦିନ ହେଲାଣି ପିଆଜ ରପ୍ତାନୀକୁ ଅନୁମତି ➤ ପୃ-୬

## ମା'ମାନଙ୍କ ସଶକ୍ତିକରଣ ପରିବାରକୁ ନୁହେଁ, ସାରା ସମାଜକୁ ସଶକ୍ତ କରେ : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର :** ଜନତା ମଇଦାନଠାରେ 'କୃଷି ଓଡିଶା-୨୦୨୪' କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ କ୍ଷେତ୍ରରେ ମହିଳାମାନଙ୍କ ଅଧିକ ଭାଗିଦାରୀ ପାଇଁ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ସାରା ରାଜ୍ୟର ଚାଷୀମାନଙ୍କୁ ଶୁଭେଚ୍ଛା ଜଣାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବହୁତ ଖୁସିର କଥା ଯେ ଏ ବର୍ଷର 'କୃଷି ଓଡିଶା' କାର୍ଯ୍ୟକ୍ରମ ରାଜ୍ୟର ମହିଳା ଚାଷୀଙ୍କ ପାଇଁ ସମର୍ପିତ। ଏହା କୃଷି କ୍ଷେତ୍ରରେ ମା' ମାନଙ୍କ ଅବଦାନକୁ ସମ୍ମାନ ଜଣାଇବା ସହ ଏହା ଏ କ୍ଷେତ୍ରରେ ସେମାନଙ୍କ ଯୋଗଦାନକୁ ଉତ୍ସାହିତ କରିବ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆଜି କୃଷି କ୍ଷେତ୍ରରେ ମଧ୍ୟ ମା'ମାନଙ୍କୁ ଆହୁରି ଆଗକୁ ଯିବାର ସମୟ ଆସିଛି। କୃଷି ଉଦ୍ୟୋଗ କ୍ଷେତ୍ରରେ ସେମାନଙ୍କ ପାଇଁ ବହୁତ ସୁଯୋଗ ଅଛି। ଆମର ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, ମିଲେଟ ମିଶନ, କଫି ମିଶନ ଆଦି ଅନେକ ଯୋଜନା ଚାଲିଛି। ସେମାନେ ଏହାର ସୁଯୋଗ ନିଅନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ। ମା'ମାନଙ୍କ ସଶକ୍ତିକରଣ କେବଳ ଏକ ପରିବାରକୁ ନୁହେଁ, ବରଂ ସାରା ସମାଜକୁ ସଶକ୍ତ କରେ ବୋଲି ମତ ଦେଇ ସେ କହିଥିଲେ ଯେ



ସେମାନଙ୍କର ସଶକ୍ତିକରଣ ରାଜ୍ୟ ସରକାରଙ୍କ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ। ମିଶନ ଶକ୍ତି ଜରିଆରେ ମା'ମାନେ ବିକାଶର ସବୁ କ୍ଷେତ୍ରରେ ସହଭାଗୀ ହୋଇପାରିଛନ୍ତି ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ ଚାଷର ଉନ୍ନତି ଓ ଚାଷୀର କଲ୍ୟାଣ ଉପରେ ସେ ସବୁବେଳେ ଗୁରୁତ୍ୱ ଦେଇ ଆସିଛନ୍ତି। ଚାଷୀମାନଙ୍କ ପାଇଁ କାଳିଆ ଯୋଜନା ଏକ ବହୁତ ଭଲ ଯୋଜନା ବୋଲି ପ୍ରକାଶ କରି ସେ କହିଥିଲେ ଯେ କାଳିଆ ବୃତ୍ତିର ପରିସରକୁ ଆହୁରି ବ୍ୟାପକ କରାଯାଇଛି। ଏହାଦ୍ୱାରା ଆହୁରି ଅଧିକ ଚାଷୀ ପରିବାରର ପିଲା ବୃତ୍ତି ପାଇପାରିବେ ବୋଲି ସେ କହିଥିଲେ। ଏହି ଅବସରରେ ସେଠାରେ ଉପସ୍ଥିତ କୃଷି ବିଜ୍ଞାନୀ ତଥା ବିଶେଷଜ୍ଞମାନଙ୍କୁ ସ୍ୱାଗତ କରି ସେ କହିଥିଲେ ଯେ ରାଜ୍ୟର କୃଷି କ୍ଷେତ୍ରର ଅଭିବୃଦ୍ଧିରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କୃଷିର ଉନ୍ନତି ଓ କୃଷକ କଲ୍ୟାଣ ପାଇଁ ମୁଖ୍ୟମନ୍ତ୍ରୀ ସେମାନଙ୍କର ମତାମତ ଓ ପରାମର୍ଶକୁ ସ୍ୱାଗତ କରିଥିଲେ। ଅନ୍ୟପଟେ କୃଷି ଓଡ଼ିଶା-୨୦୨୪ର ଉଦଘାଟନ ପରେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଭବନ ଏବଂ ଇମେଜ୍ ନୂଆ କ୍ୟାମ୍ପସ ପାଇଁ ଭିତ୍ତି ରଖିଥିଲେ। ସୂଚନାଯୋଗ୍ୟ ଯେ ଏହି କ୍ୟାମ୍ପସ ସ୍ଥାନୀୟ ଶିରିପୁରଠାରେ ପ୍ରତିଷ୍ଠା କରାଯାଉଛି। ➤ ପୃ-୬

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

## କେମିତି କଟିବ ଏ ସପ୍ତାହ

**ମେଷ**
ରକ୍ତଚାପ ସମ୍ବନ୍ଧୀୟ ରୋଗ ହୋଇପାରେ। ଆର୍ଥିକ ଦେଣନେଣରେ ଚିନ୍ତା ବଢ଼ିପାରେ। ଛାତ୍ରଙ୍କର ପାଠପଢ଼ାରେ ମନ ଲାଗିବ ନାହିଁ। ଜୀବନସାଥୀଙ୍କ ଭିତରେ ମତଭେଦ ହୋଇପାରେ। ଶୁଭ ତାରିଖ-୧୫,୧. ଭାଗ୍ୟଫଳ-୬୦%। ପ୍ରତିକାର : ଗୁଡ ଚଣାର ଖାଦ୍ୟ ବାଣ୍ଟନ୍ତୁ।

**ବୃଷ**
ସ୍ୱାସ୍ଥ୍ୟ ଉତ୍ତମ ରହିବ। ବ୍ୟବସାୟ ପାଇଁ ଅନୁକୂଳ। କାର୍ଯ୍ୟକ୍ଷେତ୍ରରେ ପ୍ରଶଂସିତ। ଆୟ ବଢ଼ିବ। କାନୁନ ମାମଲାରେ ସଠିକ୍ ବ୍ୟକ୍ତିଙ୍କ ଉପଦେଶ ନିଅନ୍ତୁ। ଶୁଭ ତାରିଖ-୧୭, ୧୯, ଭାଗ୍ୟଫଳ-୮୦%। ପ୍ରତିକାର : ବରଗଛ ମୂଳରେ ମିଠା ଖିର ଢାଳନ୍ତୁ।

**ମିଥୁନ**
ସ୍ୱାସ୍ଥ୍ୟ ସାମାନ୍ୟ ରହିବ। ନୂଆ କାର୍ଯ୍ୟରେ ଯୋଗଦେବେ। ବ୍ୟବସାୟ ପରିଶ୍ରମ ବଢ଼ିବ। ଦାମ୍ପତ୍ୟ ଜୀବନ ମଧୁର ରହିବ। ପିତାମାତାଙ୍କ ଆଶୀର୍ବାଦ ନିଅନ୍ତୁ। ଶୁଭ ତାରିଖ-୧୫, ୧୬, ଭାଗ୍ୟଫଳ-୬୦%। ପ୍ରତିକାର : ରୂପାର ଏକ କଏନ ପାଖରେ ରଖନ୍ତୁ।

**କର୍କଟ**
ଋତୁକାଳୀନ ରୋଗ ହୋଇପାରେ। କାର୍ଯ୍ୟ ଓ ବ୍ୟବସାୟରେ କୌଣସି ଦୃଢ଼ ନିଷ୍ପତ୍ତି ନେଇପାରନ୍ତି। ସମ୍ପତ୍ତି କ୍ରୟ କରିପାରନ୍ତି। ଆୟର ଆପୂର୍ତ୍ତି ବଢ଼ିବ। ଛାତ୍ରଙ୍କ ପାଇଁ ସମୟ ଅନୁକୂଳ। ଦମ୍ପତ୍ତିଙ୍କ ପୁରୁଣା ମତଭେଦ ଦୂର ହେବ। ଶୁଭ ତାରିଖ-୧୭, ଭାଗ୍ୟଫଳ-୭୦%। ପ୍ରତିକାର : ମାଙ୍କଡଙ୍କୁ ଖାଇବାକୁ ଦିଅନ୍ତୁ।

**ସିଂହ**
ଦାନ୍ତରେ ସମସ୍ୟା ହୋଇପାରେ। ବ୍ୟୟ ବଢ଼ିବ। କ୍ଷତି ହୋଇପାରେ। କାର୍ଯ୍ୟରେ କାମ ବଢ଼ିବ। ଶୁଭ ଖବର ପାଇପାରନ୍ତି। ନୂଆ ଅତିଥିଙ୍କ ଆଗମନରେ ପରିବାରରେ ଖୁସି ବଢ଼ିବ। ପ୍ରେମୀଙ୍କ ପାଇଁ ସମୟ ଅନୁକୂଳ। ଶୁଭ ତାରିଖ ୮, ଭାଗ୍ୟଫଳ-୭୦%। ପ୍ରତିକାର : ଓସ୍ତଗଛ ମୂଳରେ ଜଳ ଅର୍ପଣ କରନ୍ତୁ।

**କନ୍ୟା**
ମୁଣ୍ଡ ବିନ୍ଧାରେ ପୀଡିତ ହୋଇପାରନ୍ତି। କାର୍ଯ୍ୟକ୍ଷେତ୍ରରେ ପ୍ରଶଂସିତ ହେବେ। ଆୟ ଓ ବ୍ୟୟ ବଢ଼ିବ। ବ୍ୟବସାୟରେ ସଠିକ୍ ନିଷ୍ପତ୍ତି ନିଅନ୍ତୁ। ଛାତ୍ରମାନେ କିଛି ଶୁଭ ଖବର ପାଇପାରନ୍ତି। ଜୀବନସାଥୀଙ୍କ ସମ୍ପର୍କ ଦୃଢ଼ ହେବ। ଶୁଭ ତାରିଖ-୧୬, ୧୭, ଭାଗ୍ୟଫଳ-୮୦%। ପ୍ରତିକାର : ଭଗବାନ ହନୁମାନଙ୍କୁ ପ୍ରସାଦ ଅର୍ପଣ କରି ବାଣ୍ଟନ୍ତୁ।

**ତୁଳା**
ଯାତ୍ରାରେ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ। କଠିନ ପରିଶ୍ରମରୁ ଲାଭ ମିଳିବ। କାର୍ଯ୍ୟକ୍ଷେତ୍ରରେ ସହକର୍ମୀ ଅସନ୍ତୁଷ୍ଟ ହେବେ। ସଞ୍ଚୟ ବଢ଼ିବ। ପରିବାରରେ ଝଗଡା ହୋଇପାରେ। ଶୁଭ ତାରିଖ-୧୭, ୧୯, ଭାଗ୍ୟଫଳ-୭୦%। ପ୍ରତିକାର : ମଙ୍ଗଳବାର ଦିନ ହନୁମାନଙ୍କୁ ବସ୍ତ୍ର ପିନ୍ଧାନ୍ତୁ।

**ବିଛା**
ମନ ଅସ୍ଥିର ରହିପାରେ। ବ୍ୟବସାୟରେ ଲାଭ ମିଳିବ। ନିବେଶ ପାଇଁ ସମୟ ଅନୁକୂଳ। ଛାତ୍ରମାନେ ପାଠରେ ମନଦେବେ। ପରିବାର ସହ ଭ୍ରମଣରେ ଯାଇପାରନ୍ତି। ଶୁଭ ତାରିଖ-୧୫, ୧୬, ଭାଗ୍ୟଫଳ-୮୦%। ପ୍ରତିକାର : ମଙ୍ଗଳବାର ଦିନ ୭ଜଣ ଅକ୍ଷମଙ୍କୁ ଖାଇବାକୁ ଦିଅନ୍ତୁ।

**ଧନୁ**
ରକ୍ତଚାପ ଓ ପେଟ ସମସ୍ୟା ହୋଇପାରେ। କାର୍ଯ୍ୟକ୍ଷେତ୍ରରେ ସମ୍ମାନ ବଢ଼ିବ। ତରବରିଆ ନିଷ୍ପତ୍ତି ନିଅନ୍ତୁ ନାହିଁ। ବ୍ୟୟରେ ବୃଦ୍ଧି ହେବ। ଜୀବନସାଥୀଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତିତ ହୋଇପାରନ୍ତି। ଗୃହ ମରାମତିରେ ମନଦେବେ। ଶୁଭ ତାରିଖ-୧୫, ୧୮, ଭାଗ୍ୟଫଳ-୬୦%। ପ୍ରତିକାର : ବାହାରକୁ ଗଲା ବେଳେ କିଛି ମିଠା ଖାଇ ବାହାରନ୍ତୁ।

**ମକର**
ସ୍ୱାସ୍ଥ୍ୟ ବିଗିଡିପାରେ। ଅନ୍ୟର ଉପଦେଶ ପାଇଁ ଲାଭ ମିଳିବ। କାର୍ଯ୍ୟକ୍ଷେତ୍ରରେ ଅଧିକାରୀ ଖୁସିହେବେ। ଶୁଭ ଖବର ପାଇବେ। ପରିବାରରେ ଶାନ୍ତି ରହିବ। ଶୁଭ ତାରିଖ - ୧୬, ୧୯, ଭାଗ୍ୟଫଳ-୮୦%। ପ୍ରତିକାର : ଭଗବାନ ଶିବଙ୍କୁ ଜଳ ଅର୍ପଣ କରନ୍ତୁ।

**କୁମ୍ଭ**
ମନ ଅସ୍ଥିର ରହିବ। ସମସ୍ତ କାର୍ଯ୍ୟରେ ବୁଦ୍ଧି ଲଗାନ୍ତୁ, ସଫଳ ହେବେ। ଆୟ ବଢ଼ିବ। ବାହାରୁ ଧନପ୍ରାପ୍ତି ଯୋଗ ଅଛି। ଭ୍ରମଣରେ ଯାଇପାରନ୍ତି। ଶୁଭ ତାରିଖ-୧୫, ୨୧, ଭାଗ୍ୟଫଳ-୬୦%। ପ୍ରତିକାର : କଳା କୁକୁରଙ୍କୁ ରୁଟି ଖାଇବାକୁ ଦିଅନ୍ତୁ।

**ମୀନ**
ସ୍ୱାସ୍ଥ୍ୟରେ ଉନ୍ନତି ପରିଲିକ୍ଷିତ ହେବ। ଅଯଥା ଉପଦେଶ କାହାକୁ ଦିଅନ୍ତୁ ନାହିଁ। ବିନିଯୋଗରୁ ଭଲ ଉପାର୍ଜନ ହେବ। ପୁରୁଣା ବିବାଦ ଦୂର ହେବ। ପରିବାରରେ ଶାନ୍ତି ବଢ଼ିବ। ଶୁଭ ତାରିକ-୧୫,୧. ଭାଗ୍ୟଫଳ-୮୦%। ପ୍ରତିକାର : ମଥାରେ କେଶର ତିଳକ ଲଗାନ୍ତୁ।

ଅନ୍ନପୂର୍ଣ୍ଣା ଖୁଣ୍ଟିଆ
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

# ମାଳଦ୍ୱୀପ ଓ ଲାକ୍ଷାଦ୍ୱୀପ ମଧ୍ୟରେ କ'ଣ ପାର୍ଥକ୍ୟ ?

**ନୂଆଦିଲ୍ଲୀ:** ଭାରତ ଏବଂ ମାଳଦ୍ୱୀପ ମଧ୍ୟରେ ବିବାଦ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲାକ୍ଷଦ୍ୱୀପ ଗସ୍ତର ଫଟୋରୁ ଆରମ୍ଭ ହୋଇଛି। ଏଭଳିକି ଭାରତରେ ପ୍ରତିକ୍ରିୟା ପ୍ରକାଶ ପାଇବା ସହ ଲୋକେ ମାଳଦ୍ୱୀପକୁ ବୟକଟ କରିବାକୁ ଦାବି ହୋଇଥିଲା। ଛୁଟି କାଟିବା ପାଇଁ ମାଳଦ୍ୱୀପ ଅପେକ୍ଷା ଲାକ୍ଷଦ୍ୱୀପ ଉତକୃଷ୍ଟ ବୋଲି ସୋସିଆଲ ମିଡିଆରେ ଟ୍ରେଣ୍ଡ ଆରମ୍ଭ ହୋଇଯାଇଛି। ତେବ ମାଳଦ୍ୱୀପ ଏବଂ ଲାକ୍ଷଦ୍ୱୀପ ମଧ୍ୟରେ କଣ ରହିଛି ପାର୍ଥକ୍ୟ। ଯଦି ମାଳଦ୍ୱୀପର ଇତିହାସ ଦେଖିବା ମାଳଦ୍ୱୀପ ଏକ ମାଲାୟାଲମ୍ ଶବ୍ଦ ଯାହାର ଅର୍ଥ ଦ୍ୱୀପଗୁଡିକରମାଳ। ୧୯୬୫ରେ ମାଳଦ୍ୱୀପ ବ୍ରିଟେନରୁ ସ୍ୱାଧୀନତା ପାଇଲା, ଏହା ପରେ ଏଠାରେ ରାଜତନ୍ତ୍ର ପ୍ରତିଷ୍ଠା ହେଲା। ତିନି ବର୍ଷ ପରେ ୧୯୬୮ ମସିହାରେ ମାଳଦ୍ୱୀପ ଏକ ସ୍ୱତନ୍ତ୍ର ରାଷ୍ଟ୍ର ଭାବେ ପ୍ରତିଷ୍ଠା ହେଲା। ଏହାର ଅବସ୍ଥାନ ବିଷୟରେ କହିଲେ, ଏହା ଭାରତର ଦକ୍ଷିଣ-ପଶ୍ଚିମରେ ରହିଛି। କେରଳର କୋଚି ଠାରୁ ମାଳଦ୍ୱୀପ ପର୍ଯ୍ୟନ୍ତ ଦୂରତା ଏକ ହଜାର କିଲୋମିଟର। ଭାରତ ମହାଶାଗରରେ ଅବସ୍ଥିତ ମାଳଦ୍ୱୀପ ଏକ ଅତି ଛୋଟ ଦେଶ। ମାଳଦ୍ୱୀପ ହେଉଛି ୧୨୦୦ ଦ୍ୱୀପପୁଞ୍ଜର ଏକ ସମିଶ୍ରଣ, ଯାହାର କ୍ଷେତ୍ର ୩୦୦ ବର୍ଗ କିଲୋମିଟର ଉପରେ ବିସ୍ତାର ହୋଇ ରହିଛି। ଏହାର ଜନସଂଖ୍ୟା ପ୍ରାୟ ୫ଲକ୍ଷ। ଦେଶର ଅର୍ଥନୀତି ସୁଦୃଢ଼ କରିବାରେ ପର୍ଯ୍ୟଟନର ସର୍ବାଧିକ ଅଂଶ ରହିଛି। ପ୍ରତିବର୍ଷ ଲକ୍ଷ ଲକ୍ଷ ପର୍ଯ୍ୟଟକ ମାଳଦ୍ୱୀପ ବୁଲିବାକୁ ଆସିଥାନ୍ତି। ଆମେ ମାଳଦ୍ୱୀପକୁ ଯୋଗାଯୋଗ କଥା କହିବା ଯଦି ଭାରତରୁ ମାଳଦ୍ୱୀପକୁ ବିମାନ ସଂଯୋଗ ବହୁତ ଭଲ। ପ୍ରାୟ ସମସ୍ତ ସହରରୁ



ମାଳଦ୍ୱୀପକୁ ଯାଇପାରିବେ। ଭାରତୀୟଙ୍କ ପାଇଁ ମାଳଦ୍ୱୀପ ଭିସା ମାଗଣା ରହିଛି। ସନ୍ ଦ୍ୱୀପ, ଗ୍ଲୋବିଙ୍ଗ ବିଚ୍, ଫିହାଲୋହି ଦ୍ୱୀପ, ମାଲେ ସହର, ମାଫୁଶି, ଆର୍ଟିଫିସିଆଲ ବିଚ୍, ମାମିଗିଲି ପରି ପର୍ଯ୍ୟଟନ ସ୍ଥଳି ପର୍ଯ୍ୟଟକଙ୍କୁ ବହୁତ ଆକର୍ଷିତ କରିଥାଏ।

ଲାକ୍ଷଦ୍ୱୀପର ଇତିହାସ କହିବା ଯଦି ତେବେ ଭାରତର ୮ଟି କେନ୍ଦ୍ରଶାସିତ ଅଞ୍ଚଳ ମଧ୍ୟରୁ ଏହା ଗୋଟିଏ। କେରଳ କୋଚି ଠାରୁ ଏହାର ଦୂରତା ୪୪୦ କିଲୋମିଟର। ମାଳଦ୍ୱୀପ ଠାରୁ ଏହାର ଦୂରତା ୭୦୦ କିଲୋମିଟର। ଲାକ୍ଷଦ୍ୱୀପରେ ୩୬ଟି ଦ୍ୱୀପ ରହିଛି। ଏହାର ସମୁଦାୟ କ୍ଷେତ୍ର ୩୨ କିଲୋମିଟର। ମାଳଦ୍ୱୀପ ଠାରୁ ଏହା ୧୦ ଗୁଣ ଛୋଟ। ଏଠାର ମୋଟ ଜନସଂଖ୍ୟା ୬୦ ହଜାରରୁ ଅଧିକ। ଲାକ୍ଷଦ୍ୱୀପର ୩୬ଟି ଦ୍ୱୀପ ମଧ୍ୟରୁ କେବଳ ୧୦ଟି ଦ୍ୱୀପରେ ଲୋକ ବସବାସ କରନ୍ତି। ଅବଶିଷ୍ଟ ଦ୍ୱୀପପୁଞ୍ଜରେ କେହି ବସବାସ କରନ୍ତି ନାହିଁ। ଏଠାକାର ଆୟର ଉତ୍ସ ହେଉଛି ମତ୍ସ୍ୟଚାଷ ଏବଂ ନଡିଆ ଚାଷ। ତେବେ ନିକଟ ଅତୀତରେ ଏଠାରେ ପର୍ଯ୍ୟଟନ ଶିଳ୍ପରେ ବୃଦ୍ଧି ଘଟିଛି। ବିମାନରେ ଏଠାକୁ ଯାଇହେବ। ଆଗାତୀରେ ଏକମାତ୍ର ବିମାନବନ୍ଦର ରହିଛି। ଲାକ୍ଷାଦ୍ୱୀପରେ ପହଞ୍ଚିବାକୁ ହେଲେ ଡଙ୍ଗାର ସାହାଯ୍ୟ ନେବା ପଡେ। ଏଠାରେ ଅନେକ ଦ୍ୱୀପ ଅଛି ଯେଉଁଠାରେ ଲୋକଙ୍କୁ ଯିବାକୁ ବାରଣ କରାଯାଏ। କବାରାଟ୍ଟୀ ଦ୍ୱୀପ, ଲାଇଟ ହାଉସ, ଜେଟି ସାଇଟ, ଅଗାତୀ, କଦମତ୍, ବଙ୍ଗାରମ, ଥିନାକାରା ଭଳି ପର୍ଯ୍ୟଟନସ୍ଥଳି ରହିଛି। ବିଶେଷ କରି ଡିସେମ୍ବରରୁ ଫେବୃଆରୀ ମାସରେ ଏଠାରେ ପର୍ଯ୍ୟଟଙ୍କ ଭିଡ ଜମିଥାଏ।

## ଆଳୁରୁ ତିଆରି ହେବ କ୍ୟାନସର ଔଷଧ

**ନୂଆଦିଲ୍ଲୀ:** ଆଳୁ କରିବ କ୍ୟାନସରର ମୁକାବିଲା। ଆଳୁରେ ତିଆରି ହେବ ଏବେ କ୍ୟାନସରର ଔଷଧ। କର୍କଟ ରୋଗ ଏବେ ବିଶ୍ୱରେ ଦ୍ରୁତ ଗତିରେ ବଢ଼ିଚାଲିଛି। ଆଗାମୀ ୨୦ବର୍ଷ ମଧ୍ୟରେ କ୍ୟାନସର ରୋଗୀଙ୍କ ସଂଖ୍ୟ ୨.୮କୋଟି ବୃଦ୍ଧି ହେବାର ସମ୍ଭାବନା ରହିଛି। ଏହାର ନିରାକରଣ ପାଇଁ ବିଭିନ୍ନ ଗବେଷଣା ଓ ଅଧ୍ୟୟନ ହେଉଛି। ତେବେ କର୍କଟ ରୋଗ ଯନ୍ତ୍ରଣା କମାଇବା ପାଇଁ ଏବେ ବୈଜ୍ଞାନିକମାନେ ଆଳୁରୁ ଔଷଧ ପ୍ରସ୍ତୁତି ପ୍ରକ୍ରିୟା ଆରମ୍ଭ କରିଦେଇଛନ୍ତି। ଆଳୁରେ ଥିବା ଗ୍ଲାଏକୋଏଲକାଲାଇଡ୍ସ କ୍ୟାନସର ଜୀବାଣୁକୁ ମାରିବାକୁ ସହାୟକ ହେବ। ଗ୍ଲାଏକୋଏଲକାଲାଇଡ୍ସ କ୍ୟାନସର



କୋଷିକାଗୁଡିକୁ ନଷ୍ଟ କରିବା ସହ ବୃଦ୍ଧି କରିବାରୁ ରୋକିବ। ଏଥିରେ ସୋଲାନାଇନ, ଚାକୋନାଇନ, ସୋଲାସୋନାଇନ, ସୋଲାମାର୍ଜାଇନ ଓ ଟୋମାଟାଇନ ଅଛି। ଯାହା କ୍ୟାନସର ରୋଗୀଙ୍କୁ ଭଲ କରିବାରେ ସାହାଯ୍ୟ କରିବ। ସେଥିପାଇଁ ଭବିଷ୍ୟତରେ କ୍ୟାନସର ରୋଗୀକୁ ଆଳୁ ଭଲ କରିପାରିବ ଏଥିରେ ସନ୍ଦେହ ନାହିଁ।

## ପୁରୁଷଙ୍କ ତୁଳନାରେ ମହିଳାମାନେ ଅଧିକ ଶୋଇବା ଜରୁରୀ

**ନୂଆଦିଲ୍ଲୀ :** ବ୍ୟସ୍ତବହୁଳ ଜୀବନରେ ସବୁ ବର୍ଗର ଲୋକ ନିଦ୍ରାହୀନତା ସମସ୍ୟାର ଶିକାର ହେଉଛନ୍ତି। ଅର୍ଥାତ୍ ସୁନିଦ୍ରାର ଅଭାବ। ସାଧାରଣତଃ ଷ୍ଟ୍ରେସ୍, ଶାରୀରିକ ଅସୁସ୍ଥତା କିମ୍ବା ମେଡିସିନ ଖାଇଥିଲେ ସଠିକ୍ ନିଦ୍ରା ହୁଏ ନାହିଁ। ତେବେ ଭଲନିଦ କେବଳ ଶରୀରକୁ ସୁସ୍ଥ ରଖେ ତା ନୁହେଁ। ବରଂ ମାନସିକ ସ୍ତରକୁ ମଧ୍ୟ ସୁସ୍ଥ ରଖିବାରେ ସହାୟକ ହୁଏ। ଜଣେ ସୁସ୍ଥ ରହିବା ପାଇଁ ପ୍ରତ୍ୟହ ୭-୮ ଘଣ୍ଟା ଶୋଇବା ଜରୁରୀ। କିନ୍ତୁ ପୁରୁଷଙ୍କ ତୁଳନାରେ ମହିଳା ମାନେ ଅଧିକ ବିଶ୍ରାମ ନେବା ଜରୁରୀ।

## ଭାରତ ହେବ ବିଶ୍ୱର ତୃତୀୟ ବୃହତ୍ ଅର୍ଥନୀତି: ଅର୍ଥମନ୍ତ୍ରୀ

**ନୂଆଦିଲ୍ଲୀ :** ୨୦୨୭-୨୮ ସୁଦ୍ଧା ୫ ଟ୍ରିଲିୟନ ଡଲାରରୁ ଅଧିକ ମୋଟ ଘରୋଇ ଉତ୍ପାଦ (ଜିଡିପି) ସହିତ ଭାରତ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତିରେ ପରିଣତ ହେବ ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି। ଅର୍ଥମନ୍ତ୍ରୀ କହିଛନ୍ତି ଯେ ବର୍ତ୍ତମାନ ୫୦ କୋଟିରୁ ଅଧିକ ଭାରତୀୟଙ୍କର ବ୍ୟାଙ୍କ ଆକାଉଣ୍ଟ ରହିଥିବାବେଳେ ୨୦୧୪ରେ ଏହି ସଂଖ୍ୟା ୧୫ କୋଟି ରହିଥିଲା। ଅର୍ଥମନ୍ତ୍ରୀ କହିଛନ୍ତି ଯେ ଗତ ୮-୯ ବର୍ଷ ମଧ୍ୟରେ ଭାରତ ୫୯୫ ବିଲିୟନ ଡ଼ଲାରର ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜିନିବେଶ (ଏଫଡିଆଇ) ପାଇଛି। ଅର୍ଥମନ୍ତ୍ରୀ କହିଛନ୍ତି ଯେ ରକ୍ଷଣଶୀଳ ଆକଳନ ଅନୁଯାୟୀ ୨୦୪୭ ସୁଦ୍ଧା ଭାରତୀୟ ଅର୍ଥନୀତିର ଆକାର ୩୦ ଟ୍ରିଲିୟନ ଡଲାରରେ ପହଞ୍ଚିବ। ଭାଇବ୍ରାଣ୍ଟ ଗୁଜୁରାଟ ଗ୍ଲୋବାଲ ସମ୍ମିଳନୀକୁ ସମ୍ବୋଧିତ କରି ଅର୍ଥମନ୍ତ୍ରୀ କହିଛନ୍ତି, ଏହା ସମ୍ଭବ ଯେ ୨୦୨୭-୨୮ ଆର୍ଥିକ ବର୍ଷ ସୁଦ୍ଧା ଆମେ ତୃତୀୟ ବୃହତ୍ତମ ଅର୍ଥନୀତି ହୋଇପାରିବା ଏବଂ ସେହି ସମୟ ସୁଦ୍ଧା ଆମର ଜିଡିପି ପାଞ୍ଚ ଟ୍ରିଲିୟନ ଡଲାର (ପାଞ୍ଚ ଟ୍ରିଲିୟନ ଡଲାର) ଅତିକ୍ରମ କରିବ।




ଏକ ରକ୍ଷଣଶୀଳ ଆକଳନ ହେଉଛି ଯେ ୨୦୪୭ ସୁଦ୍ଧା ଆମ ଅର୍ଥନୀତି ଅତି କମରେ ୩ ଟ୍ରିଲିୟନ ଡଲାରରେ ପହଞ୍ଚିବ। ବର୍ତ୍ତମାନ ଜିଡିପି ପ୍ରାୟ ୩.୪ ଟ୍ରିଲିୟନ ଡଲାର ସହିତ ଭାରତ ହେଉଛି ପଞ୍ଚମ ବୃହତ୍ତମ ଅର୍ଥନୀତି। ବର୍ତ୍ତମାନ ଆମେରିକା, ଚୀନ୍, ଜାପାନ ଏବଂ ଜର୍ମାନୀ ଏହାଠାରୁ ଆଗରେ ଅଛନ୍ତି। ଚଳିତ ଆର୍ଥିକବର୍ଷରେ ଭାରତୀୟ ଅର୍ଥନୀତି ୭.୩ ପ୍ରତିଶତ ହାରରେ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଥିବାବେଳେ ଗତ ଆର୍ଥିକ ବର୍ଷରେ ଏହାର ଅଭିବୃଦ୍ଧି ହାର ୭.୨ ପ୍ରତିଶତ ରହିଥିଲା। ଗତ ୮-୯ ବର୍ଷ ମଧ୍ୟରେ ୫୯୫ ବିଲିୟନ ଡଲାର ଏଫ୍ଡିଆଇ ଆସିଥିବା ସୀତାରମଣ କହିଛନ୍ତି। ୨୦୨୩ ପର୍ଯ୍ୟନ୍ତ ଭାରତକୁ ବିଗତ ୨୩ ବର୍ଷ ମଧ୍ୟରେ ୯୧୯ ବିଲିୟନ ଡ଼ଲାରରେ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜି ବିନିଯୋଗ ହାସଲ ହୋଇଛି। ଆର୍ଥିକ ଅନ୍ତର୍ଭୁକ୍ତିକରଣକୁ ଦୃଷ୍ଟିରେ ରଖି ସେ କହିଛନ୍ତି ଯେ ବ୍ୟାଙ୍କ ଆକାଉଣ୍ଟ ଥିବା ଲୋକଙ୍କ ସଂଖ୍ୟା ୫୦ କୋଟିକୁ ବୃଦ୍ଧି ପାଇଥିବାବେଳେ ୨୦୧୪ ରେ କେବଳ ୧୫ କୋଟି ଲୋକଙ୍କ ବ୍ୟାଙ୍କ ଆକାଉଣ୍ଟ ରହିଥିଲା।

**ଗୋଲ୍ଡମ୍ୟାନ୍ ସ୍ୟାଚ୍ ରିପୋର୍ଟ**

# ବଢ଼ିବ ପେଟ୍ରୋଲ, ଡିଜେଲ ଦର !

**ନୂଆଦିଲ୍ଲୀ :** ଲୋହିତ ସାଗରରେ ହୁତି ବିଦ୍ରୋହୀମାନଙ୍କ ଦ୍ୱାରା ଜାରି ରହିଥିବା ଉପଦ୍ରବ ଜନିତ ସଙ୍କଟ ଘନେଇବାରେ ଲାଗିଛି। ଯଦି ଏହି ସଙ୍କଟ ଦୀର୍ଘ ଦିନ ଜାରି ରୁହେ ତେବେ ବିଶ୍ୱ ବଜାରରେ ଅଶୋଧିତ ତୈଳ ମୂଲ୍ୟ ଉପରେ ଏହାର ପ୍ରଭାବ ପଡ଼ିବ। ଏଥିଯୋଗୁ ଅଶୋଧିତ ତୈଳ ମୂଲ୍ୟ ଦ୍ୱିଗୁଣିତ ହେବ।ଏପରିକି ବ୍ୟାରେଲ ପିଛା ୧୫୫ରୁ ୧୬୦ ଡଲାରରେ ପହଞ୍ଚିପାରେ। ଯଦି ଏହା ହୁଏ ତେବେ ଭାରତରେ ପେଟ୍ରୋଲ ମୂଲ୍ୟ ୧୩୫ ଟଙ୍କା ଛୁଇଁବ ବୋଲି ଗୋଲ୍ଡମ୍ୟାନ୍ ସ୍ୟାଚ୍ ପକ୍ଷରୁ ଏକ ରିପୋର୍ଟରେ କୁହାଯାଇଛି। ଦେଶରେ ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟ ଦୀର୍ଘ ଦିନ ଧରି ସ୍ଥିର ରହିଛି। ଆଗକୁ ନିର୍ବାଚନ ଥିବାରୁ ଆଗାମୀ ଦିନରେ ଏହି ଧାରା ଜାରି ରହିପାରେ। ହେଲେ ଲୋହିତ ସାଗରରେ ଦେଖାଦେଇଥିବା ସଙ୍କଟ ଯୋଗୁ ନିବାଚନ



ପରେ ଏଥିରେ କେତେକାଂଶରେ ପରିବର୍ତ୍ତନ ହେବା ସମ୍ଭାବନା ରହିଛି। ଗୋଲ୍ଡମ୍ୟାନ୍ ସ୍ୟାଚ୍‌ର ତୈଳ ଅନୁସନ୍ଧାନ ବିଭାଗର ମୁଖ୍ୟ ଡନ୍ ଷ୍ଟ୍ରଭେନ କହିଛନ୍ତି ଯେ, ଯଦି ଲୋହିତ ସାଗର ସଙ୍କଟ ଦୀର୍ଘ ସମୟ ଧରି ଚାଲିବ ତେବେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତ ଳର ମୂଲ୍ୟ ଦ୍ୱିଗୁଣ ହେବ। ଏହାର ଅର୍ଥ ହେଉଛି ବର୍ତ୍ତମାନର ସ୍ତରରୁ ଅଶୋଧିତ ତୈଳ ମୂଲ୍ୟ ବ୍ୟାରେଲ ପିଛା ୧୫୫ ରୁ ୧୬୦ ଡଲାରରେ ପହଞ୍ଚିପାରେ। ଯଦି ଅଶୋଧିତ ତୈଳର ମୂଲ୍ୟ ଏହି ସ୍ତରରେ ପହଞ୍ଚେ ତେବେ ଦେଶରେ ପେଟ୍ରୋଲ ମୂଲ୍ୟ ଲିଟର ପିଛା ଅତି କମ୍‌ରେ ୧୩୫ ଟଙ୍କା ହୋଇପାରେ। ବର୍ତ୍ତମାନ ବିଶ୍ୱ ବଜାରରେ ଅଶୋଧିତ ତୈଳ ମୂଲ୍ୟ ବ୍ୟାରେଲ ପିଛା ୭୭ ଡଲାରରୁ ଅଧିକ ରହିଛି। ଲୋହିତ ସାଗର ସଙ୍କଟ ଏ ପର୍ଯ୍ୟନ୍ତ ଶେଷ ହୋଇନାହିଁ। ଆମେରିକା, ବ୍ରିଟେନ ଏବଂ ଅନେକ ୟୁରୋପୀୟ ଦେଶ ଏବେ ହୁତିମାନଙ୍କୁ ଜବାବ୍ ଦେଉଛନ୍ତି। ଇରାନ୍ ହୁତି ଆତଙ୍କବାଦୀଙ୍କ ସମର୍ଥନରେ ଛିଡା ହୋଇଛି। ଏହି ପରିସ୍ଥିତି ଭାରତ ପାଇଁ ମଧ୍ୟ ଏହା ଏକ ବଡ ମୁଣ୍ଡବ୍ୟଥାର କାରଣ ହୋଇଛି। ତୈଳ ପରିବହନରେ ସମସ୍ୟା ଦେଖାଦେଲେ ଅଶୋଧିତ ତେଲର ମୂଲ୍ୟ ଦ୍ୱିଗୁଣିତ ହେବ। ଏପରି ହେଲେ ତୈଳ କମ୍ପାନୀଗୁଡିକ ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟ ବୃଦ୍ଧି କରିବାକୁ ପଡିପାରେ। ଏଥି ଯୋଗୁ ଦେଶରେ ପେଟ୍ରୋଲ ମୂଲ୍ୟ ଲିଟର ପିଛା ଆନୁମାନିକ ୧୩୫ ଟଙ୍କା ଏବଂ ଡିଜେଲ ୧୨୦ ଟଙ୍କା ପର୍ଯ୍ୟନ୍ତ ଯାଇପାରେ।

## ଡିସେମ୍ବରରେ କୋଭିଡ୍ ନେଇଛି ୧୦ ହଜାର ଜୀବନ

**ନୂଆଦିଲ୍ଲୀ :** ବିଶ୍ୱବାସୀଙ୍କ ପିଛା ଛାଡୁନି କୋଭିଡ। ଏବେ ବି ଜାରି ରଖିଛି ତାଣ୍ଡବ। ଗତ ଡିସେମ୍ବରରେ ପ୍ରାୟ ୧୦ ହଜାର ଲୋକଙ୍କ ଜୀବନ ନେଇଛି ଭାଇରସ। ଏନେଇ ସୂଚନା ଦେଇଛି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ। କରୋନା ବିପଦରୁ ବିଶ୍ୱ ରକ୍ଷା ପାଇଯାଇଛି ବୋଲି କୁହାଯାଉଥିଲେ ବି ଏବେ ବି ଭାଇରସ ନିଜର ଉତ୍ପାତ ବିଭିନ୍ନ ରାଷ୍ଟ୍ରରେ ଜାରି ରଖିଛି ବୋଲି କହିଛି ସଂଗଠନ। ବିଶେଷ କରି ଖ୍ରୀଷ୍ଟମାସ ସେଲିବ୍ରେସନ ଯୋଗୁ ଭାଇରସ ପରିବ୍ୟାପ୍ତ ହୋଇଥିଲା। ବିଶ୍ୱରେ ଜେଏନ.୧ ଭାରିଆଣ୍ଟ ଅଧିକ ବେଗରେ ସଂକ୍ରମିତ ହେଉଥିବାରୁ ଡିସେମ୍ବରରେ ମୃତ୍ୟୁସଂଖ୍ୟା ୧୦ ହଜାର ହେଲା ବୋଲି କହିଛି ସଂଗଠନ। କୋଭିଡ ୧୯ ଏକ ଗ୍ଲୋବାଲ ହେଲଥ ଏମର୍ଜେନସି ହୋଇ ନଥିବା ସତ୍ତ୍ୱେ ନିଜର ପ୍ରଭାବ ବଳବତ୍ତର ରଖିଛି ବୋଲି କହିଛନ୍ତି ଜାତିସଂଘ ସ୍ୱାସ୍ଥ୍ୟ ସଂସ୍ଥାର ମୁଖ୍ୟ ଟେଡରସ ଅଧନମ ଘେବ୍ରେସିସ। ଗତ ଡିସେମ୍ବରରେ ହସ୍ପିଟାଲରେ ରୋଗୀ ଭର୍ତ୍ତି ହେବା ସଂଖ୍ୟା ୪୨ ପ୍ରତିଶତ ବଢିଥିଲା। ୟୁରୋପ ଓ ଆମେରିକାର



ପ୍ରାୟ ୫୦ଟି ରାଷ୍ଟ୍ରରୁ ମିଳିଥିବା ତଥ୍ୟ ଅନୁସାରେ ଏହି ଆକଳନ କରାଯାଇଛି ବୋଲି ସେ କହିଛନ୍ତି। ସେପଟେ ସ୍ପେନରେ କୋଭିଡ ସଂକ୍ରମଣ ବଢୁଥିବାରୁ ସମସ୍ତ ହସ୍ପିଟାଲ ଓ ସ୍ୱାସ୍ଥ୍ୟ ସେବା ପ୍ରତିଷ୍ଠାନରେ ମାସ୍କକୁ ବାଧ୍ୟତାମୂଳକ କରାଯାଇଛି। ଦେଶରେ ଫ୍ଲୁ ଓ କୋଭିଡ ସଂକ୍ରମଣ ଖୁବ୍ ଅଧିକ ହେବାରେ ଲାଗିଥିବାରୁ ଏହି ପଦକ୍ଷେପ ନିଆଯାଇଛି ବୋଲି କହିଛନ୍ତି ସ୍ପେନ ସ୍ୱାସ୍ଥ୍ୟ ମନ୍ତ୍ରୀ ମୋନିକା ଗାର୍ସିଆ। ଘରୋଇ କ୍ଲିନିକ, ଫାର୍ମାସି, ଦନ୍ତ ବିଭାଗ ହସ୍ପିଟାଲ ଓ କାର୍ଯ୍ୟାଳୟ ସମେତ ଅନ୍ୟାନ୍ୟ ମେଡିକାଲ ଫାସିଲିଟିରେ ବି ଏହି ନିୟମ ପାଳନ ହେବ।

**ଏସ୍‌ବିଆଇ ଗବେଷଣା ରିପୋର୍ଟ**

# ଆୟ ଅସମାନତା ହ୍ରାସ, ଆର୍ଥିକ ଗତିଶୀଳତା ବୃଦ୍ଧି

**ନୂଆଦିଲ୍ଲୀ,(ପିଆଇବି):** ଏସବିଆଇ ରିସର୍ଚ୍ଚର ଏକ ନୂତନ ଅଧ୍ୟୟନରୁ ଜଣାପଡିଛି ଯେ ସାମ୍ପ୍ରତିକ ବର୍ଷଗୁଡ଼ିକରେ ଆୟ ଅସମାନତା ହ୍ରାସ ପାଇଛି। ଏହା ଭାରତୀୟଙ୍କ ଆୟ ବୃଦ୍ଧି ଏବଂ ଭାରତୀୟ ମଧ୍ୟବିତ୍ତଙ୍କ ପ୍ରଗତି ମାଧ୍ୟମରେ ଉନ୍ନତ ସ୍ଥାନାନ୍ତର ଧାରାକୁ ସମର୍ଥନ କରୁଛି। ସିବିଡିଟି ତଥ୍ୟକୁ ଉଦ୍ଧୃତ କରି ରିପୋର୍ଟରେ କୁହାଯାଇଛି ଯେ ଆୟକର ଆଧାର ବର୍ଷକୁ ବର୍ଷ ବୃଦ୍ଧି ପାଉଛି ଏବଂ ୨୦୨୧-୨୨ ଆର୍ଥିକ ବର୍ଷରେ ଆୟକର ରିଟର୍ଣ୍ଣ ଦାଖଲ କରୁଥିବା ବ୍ୟକ୍ତିଙ୍କ ସଂଖ୍ୟା ୭୦ ନିୟୁତ ଥିବା ବେଳେ ଏହା ୨୦୨୨-୨୩ରେ ୭୪ ନିୟୁତକୁ ବୃଦ୍ଧି ପାଇଛି। ଟିକସ ଆକଳନ ବର୍ଷ ୨୦୨୩-୨୪ ପାଇଁ ୩୧ ଡିସେମ୍ବର ୨୦୨୩ ସୁଦ୍ଧା ମୋଟ ୮୨ ନିୟୁତ ଆୟକର ରିଟର୍ଣ୍ଣ ଦାଖଲ କରାଯାଇଛି। ଏସବିଆଇ ରିପୋର୍ଟରେ ଆହୁରି ଦର୍ଶାଯାଇଛି ଯେ ୨୦୧୩-୧୪ ଏବଂ ୨୦୨୧-୨୨ ଆକଳନ ବର୍ଷ ମଧ୍ୟରେରେ ୫ ଲକ୍ଷରୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ କରୁଥିବା ବ୍ୟକ୍ତିଗତ ଟିକସଦାତାଙ୍କ ଦ୍ୱାରା ଦାଖଲ କରାଯାଇଥିବା ଆଇଟିଆର ୨୯୫% ବୃଦ୍ଧି ପାଇଛି, ଯାହା ସକଳ ମୋଟ ଆୟର ଉଚ୍ଚ ସୀମାକୁ ଉନ୍ନତିର ସକାରାତ୍ମକ ଧାରାକୁ ଦର୍ଶାଉଛି। ଏହି ସମୟ ମଧ୍ୟରେ ୧୦ ଲକ୍ଷରୁ ୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରୋଜଗାର କରୁଥିବା ଲୋକଙ୍କ ଦ୍ୱାରା ଦାଖଲ କରାଯାଇଥିବା ଆଇଟିଆର ସଂଖ୍ୟା ମଧ୍ୟ ପ୍ରାୟ ୩ ଗୁଣ (୨୯୧%) ବୃଦ୍ଧି ପାଇଛି। ଆୟ ଅସମାନତାର ସବୁଠାରୁ ଅଧିକ ବ୍ୟବହୃତ ଉପାୟ ମଧ୍ୟରୁ ଗିନି କୋଏଫିସିଏଣ୍ଟ ଅନ୍ୟତମ। ଗିନି କୋଏଫିସିଏଣ୍ଟ ସ୍କୋର ୦ ରୁ ୧ ମଧ୍ୟରେ ଥାଏ, ଯେଉଁଠାରେ ସମ୍ପୂର୍ଣ୍ଣ ସମାନତାର ଫଳ ଶୂନର ଗିନି କୋଏଫିସିଏଣ୍ଟ ହେବ ଏବଂ ସମ୍ପୂର୍ଣ୍ଣ ଅସମାନତା ୧ ରେ ପରିଣତ ହେବ। ଏହି ଉପାୟ ବ୍ୟବହାର କରି ଏସବିଆଇ ରିସର୍ଚ୍ଚ ହିସାବ କରିଛି ଯେ ଗିନି କୋଏଫିସିଏଣ୍ଟ ମୂଲ୍ୟାୟନ ବର୍ଷ ୨୦୧୪-୧୫ରେ ୦.୪୭୨ ରୁ ୨୦୨୨-୨୩ ପାଇଁ ୦.୪୦୨କୁ ହ୍ରାସ ପାଇଛି। ଇତିମଧ୍ୟରେ




୧୦ କୋଟି ଟଙ୍କାରୁ ଅଧିକ ଆୟ କରୁଥିବା ଶୀର୍ଷ ୨.୫% ଟିକସଦାତାଙ୍କ ଅଂଶଧନ ୨୦୧୩-୧୪ରେ ୨.୮୧% ଥିବାବେଳେ ୨୦୨୦-୨୧ରେ ଏହା ୨.୨୮%କୁ ହ୍ରାସ ପାଇଛି। ସମାନ ସମୟ ମଧ୍ୟରେ ୧୦୦ କୋଟି ଟଙ୍କାରୁ ଅଧିକ ଆୟ କରୁଥିବା ଶୀର୍ଷ ୧% ଟିକସଦାତାଙ୍କ ଅଂଶ ୧.୬୪% ରୁ ୦.୭୭% କୁ ହ୍ରାସ ପାଇଛି। ପିରାମିଡର ତଳଭାଗରେ ଥିବା ବର୍ଗର ଏକ ବଡ଼ ଉନ୍ନତି କାରଣରୁ ଆୟ ଅସମାନତା ହ୍ରାସ ପାଇଛି; ଆର୍ଥିକ ବର୍ଷ ୨୦୧୪ରେ ୩୬.୩ ପ୍ରତିଶତ ବ୍ୟକ୍ତିଗତ ଆଇଟିଆର ଦାଖଲକାରୀ ସର୍ବନିମ୍ନ ଆୟ ବର୍ଗ ଛାଡି ଉପରକୁ ଚାଲିଯାଇଛନ୍ତି ଏବଂ ଆର୍ଥିକ ବର୍ଷ ୨୦୧୪-୨୧ ମଧ୍ୟରେ ଏଭଳି ବ୍ୟକ୍ତିଙ୍କ ପାଇଁ ୨୧.୧ ପ୍ରତିଶତ ଅଧିକ ଆୟ ହୋଇଛି। ଏସବିଆଇ ଗବେଷଣା ରିପୋର୍ଟରେ ମହିଳା ଶ୍ରମଶକ୍ତିର ଅଂଶଗ୍ରହଣ ବୃଦ୍ଧି ପାଇଥିବା ଦର୍ଶାଯାଇଛି। ଏଥିସହିତ ଏମଏସଏମଇର ଆୟ ସ୍ପଷ୍ଟ ଭାବେ ବୃଦ୍ଧି ପାଇବା ଏବଂ କୋଭିଡ୍ ମହାମାରୀ ପରେ ବ୍ୟବହାର ପଦ୍ଧତିରେ ପରିବର୍ତ୍ତନ ଉପରେ ମଧ୍ୟ ଆଲୋକପାତ କରାଯାଇଛି। ଉଦାହରଣ ସ୍ୱରୂପ ଲୋକମାନେ ଦୁଇ ଚକିଆ ଯାନ ଛାଡ଼ି ଚାରି ଚକିଆ ଯାନ କିଣିଛନ୍ତି। ଟ୍ରାକ୍ଟରର ବର୍ଦ୍ଧିତ ବିକ୍ରି ଭାରତର ସୁଦୃଢ଼ ଅର୍ଥନୈତିକ ପୁନରୁଦ୍ଧାରକୁ ଦର୍ଶାଉଛି। ବାରମ୍ବାର 'କେ' ଆକାରର ଅଭିବୃଦ୍ଧି ସମସ୍ତ କଳ୍ପନାଜଳ୍ପନାର ଅନ୍ତ ଘଟାଇଛି। କେତେକ ବଛାବଛା କ୍ଷେତ୍ର ଭଲ ପ୍ରଦର୍ଶନ କରୁଥିବା ବେଳେ ଅନ୍ୟ କେତେକରେ ହ୍ରାସ ଦେଖିବାକୁ ମିଳିଛି।

# ଯୁବପିଢ଼ିଙ୍କ ଭବିଷ୍ୟତ ପାଇଁ କୌଶଳ କ୍ଷେତ୍ର ବେଶ୍ ଗୁରୁତ୍ୱପୂର୍ଣ୍ଣ : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର :** ରାଜ୍ୟ ସରକାର ୫୧୨ ନୂଆ ସହକାରୀ ପ୍ରଫେସର, ସହକାରୀ ଟ୍ରେନିଂ ଅଫିସର, କନିଷ୍ଠ ସହକାରୀ ଅଧିକାରୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଉଚ୍ଚଶିକ୍ଷା ବିଭାଗରେ ୧୫୮ ଜଣ ସହକାରୀ ପ୍ରଫେସରଙ୍କୁ ନିଯୁକ୍ତି ମିଳିଥିବା ବେଳେ, ୧୯୪ ଜଣ ସହକାରୀ ଟ୍ରେନିଂ ଅଫିସର, ୧୫୦ ଜଣ କନିଷ୍ଠ ସହାୟକଙ୍କୁ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗରେ ନିଯୁକ୍ତି ଦିଆଯାଇଛି। ଲୋକସେବା ଭବନର ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନବନିଯୁକ୍ତ ପ୍ରଫେସରମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଏଭଳି ଏକ ବୃତ୍ତିକୁ ଆପଣାଇବା ଓ ଯୁବପିଢ଼ିଙ୍କୁ ଦକ୍ଷକରି ଗଢ଼ିତୋଳିବା



ପାଇଁ ବ୍ରତୀ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଗତ କିଛି ବର୍ଷ ମଧ୍ୟରେ ଉଭୟ ସରକାରୀ ଏବଂ ଅଣ-ସରକାରୀ ସହାୟକ ମହାବିଦ୍ୟାଳୟ ପାଇଁ ରେକର୍ଡ ସଂଖ୍ୟକ ଶିକ୍ଷକ ଏବଂ ଅଣ-ଶିକ୍ଷକ କର୍ମଚାରୀ (୪୯୪୧) ନିଯୁକ୍ତ ହୋଇଛନ୍ତି। ସରକାରୀ ଭାବେ ଡିଗ୍ରୀ କଲେଜରେ ୫୫୬ ସହକାରୀ ପ୍ରଫେସରଙ୍କୁ ଏହି ସମୟ ମଧ୍ୟରେ ନିଯୁକ୍ତି ଦିଆଯାଇଛି। ସେହିପରି ଶିକ୍ଷକ ଶିକ୍ଷା ତାଲିମ ପ୍ରତିଷ୍ଠାନରେ ନିଯୁକ୍ତ ୩୩୨ ସହକାରୀ ପ୍ରଫେସର ଏବଂ ୩୦୮ ଜଣ ଅଣଶିକ୍ଷକ କର୍ମଚାରୀ ମଧ୍ୟ ନିଯୁକ୍ତ ହୋଇଛନ୍ତି। ଏହା ବ୍ୟତୀତ ଗତ କିଛି ବର୍ଷ ମଧ୍ୟରେ ଅଣ-ସରକାରୀ ସହାୟକ କଲେଜଗୁଡ଼ିକରେ ୩୭୪୫ ଅଧ୍ୟାପକ ନିଯୁକ୍ତ ହୋଇଛନ୍ତି। ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷାରେ ନବନିଯୁକ୍ତ କର୍ମଚାରୀଙ୍କ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଉଚ୍ଚଶିକ୍ଷା ସହିତ ଆମର ଯୁବପିଢ଼ିଙ୍କ ଭବିଷ୍ୟତ ପାଇଁ କୌଶଳ କ୍ଷେତ୍ର ବେଶ୍ ଗୁରୁତ୍ୱ ବହନ କରେ। ରାଜ୍ୟ ସରକାର ଦକ୍ଷ ତଥା ସଶକ୍ତ ଓଡ଼ିଶା ଆଡକୁ ଏକ ପରିବର୍ତ୍ତନଶୀଳ ଯାତ୍ରା ଆରମ୍ଭ କରିଛନ୍ତି। ଏହି ନିଯୁକ୍ତି ଦକ୍ଷତା ବିକାଶ ପାଇଁ ୫-ଟି ଢାଞ୍ଚାର ପ୍ରତିବଦ୍ଧତାକୁ ସୂଚିତ କରେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ କହିଛନ୍ତି ଯେ ରାଜ୍ୟରେ ୫-ଟି ପଦକ୍ଷେପକୁ ପ୍ରୟୋଗ କରି ଉଚ୍ଚଶିକ୍ଷା ବିଭାଗ କାର୍ଯ୍ୟ କରୁଛି। ଉଚ୍ଚଶିକ୍ଷାରେ ରାଜ୍ୟ ବଜେଟ୍ ୪୦୦୦ କୋଟିରେ ପହଞ୍ଚିଛି ଏବଂ ନିଯୁକ୍ତି ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି। ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ କହିଛନ୍ତି ଯେ ସ୍କିଲ୍-ଇନ୍-ଓଡ଼ିଶା ପଦକ୍ଷେପ ଦକ୍ଷତା ବିକାଶ ପାଇଁ ଉତ୍ତମ ପରିବେଶ ସୃଷ୍ଟି କରିଛି। ସ୍କିଲ୍-ଇନ୍-ଓଡିଶା ଓ ମେକ୍ ଇନ୍-ଓଡିଶା ବର୍ତ୍ତମାନ ସାରା ଦେଶରେ ଗୁଞ୍ଜରଣ ସୃଷ୍ଟି କରିଛି । ନବନିଯୁକ୍ତ ସହକାରୀ ପ୍ରଫେସର ଡ. ଅଭିପ୍ସା ବଳ, ସହକାରୀ ଟ୍ରେନିଂ ଅଫିସର ପଙ୍କଜିନୀ ବେହେରା ଏବଂ ସହକାରୀ ଟ୍ରେନିଂ ଅଫିସର ସ୍ୱିଟୀ ଦାସ ସେମାନଙ୍କ ଅଭିଜ୍ଞତା ବାଣ୍ଟି ୫-ଟି ପଦକ୍ଷେପକୁ ପ୍ରଶଂସା କରିଛନ୍ତି। ଯେଉଁଥିପାଇଁ ନିଯୁକ୍ତି ପ୍ରକ୍ରିୟା ନ୍ୟାୟପୂର୍ଣ୍ଣ, ଦକ୍ଷ ଏବଂ ସ୍ୱଚ୍ଛ ହୋଇଛି ବୋଲି ସେମାନେ କହିଛନ୍ତି।

# ବ୍ରହ୍ମପୁରରେ ଉତ୍ପାଦନ ହେବ ଆନ୍ଥ୍ରାକ୍ସ ଓଇଏନଟିଭି ଟିକା

**ବ୍ରହ୍ମପୁର :** ବ୍ରହ୍ମପୁରରେ ଉତ୍ପାଦନ ହେବ ଆନ୍ଥ୍ରାକ୍ସ ଓଇଏନଟିଭି ଟିକା। ଏନେଇ ଅତ୍ୟାଧୁନିକ ଜିଏମପି ଲାବୋରେଟୋରୀ ପ୍ରତିଷ୍ଠା ପାଇଁ ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ବିଭାଗ ଓ ରାଷ୍ଟ୍ରୀୟ ଦୁଗ୍ଧ ଉନ୍ନୟନ ବୋର୍ଡ ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷରିତ। ଚୁକ୍ତିନାମା ସ୍ୱାକ୍ଷରିତ ବେଳେ କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଉପସ୍ଥିତ ରହିଥିଲେ। ୩୬ ମାସ ମଧ୍ୟରେ ୫୨.୨ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବ ଏହି ଅତ୍ୟାଧୁନିକ ଲାବୋରେଟୋରୀ। ବାର୍ଷିକ ୫୦ ଲକ୍ଷ ଆନ୍ଥ୍ରାକ୍ସ ଓ ୨ କୋଟି ଇ.ଏନ୍.ଟି.ଭି ଟିକା ଉତ୍ପାଦନ କରାଯିବାର ଲକ୍ଷ୍ୟ ରଖାଯାଇଛି। ଚୁକ୍ତିନାମାରେ ପ୍ରାଣୀପାଳନ ଓ ପାଣୀଚିକିତ୍ସା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ରମାଶିଷ ହାଜରା ଓ ରାଷ୍ଟ୍ରୀୟ ଦୁଗ୍ଧ ଉନ୍ନୟନ ବୋର୍ଡର ସିନିୟର ଜେନେରାଲ୍ ମ୍ୟାନେଜର ସୁନୀଲ ସିହ୍ନା ସ୍ୱାକ୍ଷର କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟିସଂପନ୍ନ ପଦକ୍ଷେପ ଫଳରେ ରାଜ୍ୟ ସବୁକ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ପ୍ରାଣୀପାଳନ ରାଜ୍ୟର ଚାଷୀମାନଙ୍କ ରୋଜଗାର ଓ ଆୟବୃଦ୍ଧି ଦିଗରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଛି। ଏହା ରାଜ୍ୟର ପ୍ରାଣୀସଂପଦ କଲ୍ୟାଣ କ୍ଷେତ୍ରରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି କହିଛି ମନ୍ତ୍ରୀ। କାର୍ଯ୍ୟକ୍ରମରେ ଉନ୍ନୟନ କମିଶନର ଅନୁ ଗର୍ଗ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, ରାଷ୍ଟ୍ରୀୟ ଦୁଗ୍ଧ ଉନ୍ନୟନ ବୋର୍ଡର ବରିଷ୍ଠ ଜେନେରାଲ ମ୍ୟାନେଜର ସୁନୀଲ ସିହ୍ନା, ନାବାର୍ଡର ସିଜିଏମ୍ ସୁଧାଂଶୁ କେ. କେ. ମିଶ୍ର ପ୍ରମୁଖ ଉପସ୍ଥିତ ରହିଥିଲେ।

# ଜେଜେ ମାଆ, ଜେଜେ ବାପାଙ୍କ ଭତ୍ତା ବଢ଼ିବ: ପାଣ୍ଡିଆନ୍

**ଭୁବନେଶ୍ୱର :** ଭତ୍ତା ପାଉଥିବା ଜେଜେ ମାଆ, ଜେଜେ ବାପାଙ୍କ ପାଇଁ ଖସି ଖବର। ସେମାନଙ୍କ ଭତ୍ତା ବଢ଼ିବ। ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭତ୍ତା ଟଙ୍କା ବଢ଼ାଇବେ। ବାଲେଶ୍ୱର ପରେ ନବରଙ୍ଗପୁର ଗସ୍ତରେ ଯାଇ ଉମରକୋଟରେ ଆୟୋଜିତ ସାଧାରଣ ସଭାରେ ଏପରି କହିଛନ୍ତି ୫-ଟି ଅଧ୍ୟକ୍ଷ ଭି.କେ ପାଣ୍ଡିଆନ୍। ଉଦ୍‌ବୋଧନ ଦେଇ ଭି.କେ ପାଣ୍ଡିଆନ୍ କହିଛନ୍ତି, ବସ୍‌ରେ ଯିବା ଆସିବା କରୁଥିବା ମାଆମାନଙ୍କୁ ପାଇଁ ମୁଖ୍ୟମନ୍ତ୍ରୀ ଟିକଟର ଦାମ ୫ ଟଙ୍କା ରଖିଛନ୍ତି। ଠିକ୍ ସେହି ପରି କଲେଜ ପିଲା ଓ ସ୍କୁଲ ପିଲାଙ୍କ ବସ୍ ଟିକଟ ଦାମ ୫ ଟଙ୍କା ରଖିଛନ୍ତି। ବ୍ୟାଙ୍କ ସୁବିଧା ପାଇଁ ବହୁ ଦୂରଦୂରାନ୍ତକୁ ଯିବାକୁ ପଡୁଛି। ଏହି କଷ୍ଟରୁ ମୁକ୍ତି ଦେବା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ପ୍ରତି ପଞ୍ଚାୟତରେ ଆମ ବ୍ୟାଙ୍କ ଯୋଜନାରେ ବ୍ୟାଙ୍କ ଖୋଲିବାକୁ ପଦକ୍ଷେପ ନେଇଛନ୍ତି। ଆଗାମୀ ଦୁଇ ମାସରେ ପ୍ରତ୍ୟେକ ପଞ୍ଚାୟତରେ ଲୋକମାନେ ବ୍ୟାଙ୍କ ସୁବିଧା ପାଇବେ। ବିଶେଷ କରି ମିଶନ ଶକ୍ତି ମାଆମାନଙ୍କୁ ଆଉ ବେଶୀ ଦୂରକୁ ଯିବା ପାଇଁ ପଡ଼ିବ ନାହିଁ ବୋଲି ପାଣ୍ଡିଆନ୍ କହିଛନ୍ତି। ସେ ଆହୁରି କହିଛନ୍ତି, ଭତ୍ତା ପାଉଥିବା ଜେଜେ ବାପା, ଜେଜେ ମାଆମାନେ ଖୁବ୍‌ଶୀଘ୍ର ଖୁସି ଖବର ପାଇବେ। ମଧୁବାବୁ ପେନ୍‌ସନ ଯୋଜନାରେ ଭତ୍ତା ଟଙ୍କା ବଢ଼ାଇବାକୁ ମୁଖ୍ୟମନ୍ତ୍ରୀ ପଦକ୍ଷେପ ନେଉଛନ୍ତି। ଏଥିସହ କଳାକାରଙ୍କ ଭତ୍ତା ମଧ୍ୟ ବଢ଼ିବ। ଏଏନଏମ, ଅଙ୍ଗନବାଡି କର୍ମୀ, ଆଶା କର୍ମୀ, ଏମ୍ପିକେ ଓ ସିଆରପିଙ୍କ ସମେତ ସମସ୍ତ କମ୍ୟୁନିଟି ସପୋର୍ଟ କର୍ମୀଙ୍କ ଦରମା ବୃଦ୍ଧି ହେବ। ଆପଣମାନଙ୍କୁ ଅନୁରୋଧ ଭଲ କାମ କରନ୍ତୁ। ମୁଖ୍ୟମନ୍ତ୍ରୀ ଯେଉଁ ଦାୟିତ୍ୱ ଦେଇଛନ୍ତି, ତାହା ଠିକ୍ ଭାବେ କରନ୍ତୁ। ମାଆମାନଙ୍କୁ ସଶକ୍ତ କରାନ୍ତୁ। ତାଙ୍କ ରୋଜଗାରରେ ସହଯୋଗ କରନ୍ତୁ। ଆପଣମାନେ ସହଯୋଗ କଲେ ଓଡ଼ିଶା ଦୌଡ଼ିବ ଓ ନୂଆ ଓଡ଼ିଶା ଗଠନ ହେବ ବୋଲି ଭି.କେ ପାଣ୍ଡିଆନ୍ କହିଛନ୍ତି। ୫-ଟି ଅଧ୍ୟକ୍ଷ ଭି.କେ ପାଣ୍ଡିଆନ୍ ନବରଙ୍ଗପୁର ଗସ୍ତରେ ଯାଇଥିଲେ। ତାଙ୍କୁ ଜିଲ୍ଲା ବିଜେଡି ପକ୍ଷରୁ ଭବ୍ୟ ସ୍ୱାଗତ କରାଯାଇଥିଲା। ତା'ପରେ ରାଇଘର ମିନି ଷ୍ଟାଡିୟମ୍‌କୁ ପାଛୋଟି ନେଇଥିଲେ। ଉକ୍ତ ସଭାରେ ବିଜେଡିର ସାଂଗଠନିକ ସମ୍ପାଦକ ତଥା ବିଧାୟକ ପ୍ରଣବ ପ୍ରକାଶ ଦାସ, ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ଓ ଝରିଗାଁ ବିଧାୟକ ପ୍ରକାଶ ମାଝୀଙ୍କ ସମେତ ଜିଲ୍ଲାର ସମସ୍ତ ଜନ ପ୍ରତିନିଧି ଓ ହଜାର ହଜାର ସଂଖ୍ୟାରେ ସାଧାରଣ ଲୋକ ଯୋଗ ଦେଇଥିଲେ।

## ୧୭ଶହ ୧୩ କୋଟିରୁ ଅଧିକ ଟଙ୍କା ଅନୁମୋଦନ

# ୭ ଜିଲ୍ଲାରେ ପ୍ରତିଷ୍ଠା ହେବ ୧୪ ପ୍ରକଳ୍ପ

**ଭୁବନେଶ୍ୱର :** ରାଜ୍ୟରେ ନିବେଶର ନୂଆଯୁଗ। ପୁଞ୍ଜିନିବେଶ କ୍ଷେତ୍ରରେ ଆଉ ଏକ ମାଇଲଖୁଣ୍ଟ ସ୍ଥାପନ କଲା ଓଡ଼ିଶା। ୧୨୭ତମ ରାଜ୍ୟସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ବୈଠକରେ ୧୭୧୩ ଦଶମିକ ୭୫ କୋଟି ଟଙ୍କାର ୧୪ଟି ପ୍ରକଳ୍ପକୁ ଅନୁମୋଦନ ମିଳିଛି। ଧାତବ କ୍ଷେତ୍ର ଉପରେ ନିର୍ଭର କରୁଥିବା ଆନୁଷଙ୍ଗିକ ଶିଳ୍ପ, ଶକ୍ତି, ଔଷଧ, ପ୍ଲାଷ୍ଟିକ, ଖାଦ୍ୟ ପ୍ରକ୍ରିୟାକରଣ ଏବଂ ପର୍ଯ୍ୟଟନ ସମେତ ବିଭିନ୍ନ କ୍ଷେତ୍ରରେ ଅନେକ ପ୍ରକଳ୍ପକୁ ସବୁଜ ସଙ୍କେତ ଦିଆଯାଇଛି। ଏହାଦ୍ୱାରା ୫ ହଜାର ୧୩୪ ନିଯୁକ୍ତି ସୃଷ୍ଟି ସମ୍ଭାବନାଥିବାବେଳେ ୭ଟି ଜିଲ୍ଲାର ଅର୍ଥନୈତିକ ବିକାଶରେ ଉଲ୍ଲେଖନୀୟ ଯୋଗଦାନ ରହିବ। ଯାଜପୁରରେ ନିଓ ଇଣ୍ଡଷ୍ଟ୍ରିକ୍ ମେଟାଲ ପ୍ରୋସେସିଂ ପ୍ରାଇଭେଟ୍ ଲିମିଟେଡର ୭୨ କୋଟି ଟଙ୍କାର ପ୍ରକଳ୍ପ ସହିତ ରାଜ୍ୟରେ ଇସ୍ପାତ ଆନୁଷଙ୍ଗିକ ଉଦ୍ୟୋଗ କ୍ଷେତ୍ରରେ ବୃଦ୍ଧି ଘଟିବାକୁ ଯାଉଛି। ଦୁଇଟି ପର୍ଯ୍ୟାୟରେ ୧୬ ହଜାର ୟୁନିଟ୍ କ୍ଷମତା ବିଶିଷ୍ଟ ଇସ୍ପାତ ୟୁନିଟ୍ ପାଇଁ କ୍ରୋମ ପ୍ଲେଟିଂ, ଗ୍ରାଇଣ୍ଡିଂ ଓ ଟେକ୍ସରି" କରାଯିବ। ଏହା ୫୦ ଜଣଙ୍କୁ ନିଯୁକ୍ତି ସୁଯୋଗ ପ୍ରଦାନ କରିବ। ଷ୍ଟେନଲେସ୍ ଷ୍ଟିଲ୍ ଆଣ୍ଡ ଫେରୋ ଆଲଏଜ୍ କ୍ଷେତ୍ରରେ 'ଆନନ୍ଦ ଏକ୍ସପୋର୍ଟ ଯାଜପୁରରେ ଏହାର ବ୍ୟାପକ ସମ୍ପ୍ରସାରଣ ପାଇଁ ପଦକ୍ଷେପ ନେଇଛି। ଏହାଦ୍ୱାରା ୨ ହଜାର ୮୨୮ ଜଣଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଯାଜପୁରର କଳିଙ୍ଗ ନଗରରେ ଆସୋକା ସ୍କାଏ ମେଟାଲ୍ସ ପ୍ରାଇଭେଟ୍ ଲିମିଟେଡ୍ ମେଟାଲ୍ ଡାଉନଷ୍ଟ୍ରିମ୍ ୟୁନିଟ୍ ସ୍ଥାପନ କରିବାକୁ ଯାଉଛି। ମହିନ୍ଦ୍ରା ହୋଲିଡେଜ୍ ଆଣ୍ଡ ରିସୋର୍ଟ ପ୍ରକଳ୍ପକୁ ଗଂଜାମ ଜିଲ୍ଲାରେ ବାହୁଡ଼ା ନଦୀ ମୁହାଣ ନିକଟ ସୋନାପୁର



ବେଳାଭୂମିରେ ୨୨୮ ଦଶମିକ ୪୫ କୋଟି ଟଙ୍କା ବିନିଯୋଗ କରି ଏକ ଆକର୍ଷଣୀୟ ବିଳାସପୂର୍ଣ୍ଣ ରିସୋର୍ଟ ପ୍ରତିଷ୍ଠା କରିବା ନିମନ୍ତେ ଅନୁମୋଦନ ମିଳିଛି। ଟିଏସ୍ ବିଚ୍ ରିସୋର୍ଟସ୍ ପ୍ରାଇଭେଟ୍ ଲିମିଟେଡ୍ ୧୩୨ ଦଶମିକ ୧୬ କୋଟି ଟଙ୍କା ବିନିଯୋଗରେ ପୁରୀରେ ଏକ କନଭେନ୍ସନ୍ ସେଣ୍ଟର ଏବଂ ୪ ଟି ଷ୍ଟାର୍ ହୋଟେଲ୍ ସହିତ ଆତିଥେୟତା ପ୍ରଦାନ କ୍ଷେତ୍ରରେ ନୂତନ ଆକର୍ଷଣୀୟ ପରିକଳ୍ପନା ସୃଷ୍ଟି କରିଛି। ସେହିପରି ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍ ଯାଜପୁରରେ କ୍ୟାପ୍ଟିଭ୍ ରୁଫ୍ ଟପ୍ ସୌର ଶକ୍ତି ପ୍ଲାଣ୍ଟ ସ୍ଥାପନ କରିବ। ଏସିକେମ୍ ରେମେଡି ପ୍ରାଇଭେଟ୍ ଲିମିଟେଡ୍ ପୁରୀର କୁର୍କିଠାରେ ଟ୍ୟାବଲେଟ୍, କ୍ୟାପସୁଲ୍, ମଲମ ଏବଂ ଲିକୁଇଡ୍ ଓରାଲ୍ ଉତ୍ପାଦନ କରି ଔଷଧ କ୍ଷେତ୍ରରେ କାର୍ଯ୍ୟ କରୁଛି। ବେଷ୍ଟ ପାୱାର ଇକ୍ୱିପମେଣ୍ଟ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ ପକ୍ଷରୁ ଖୋର୍ଦ୍ଧାରେ ୟୁପିଏସ ସିଷ୍ଟମ ଓ ବ୍ୟାଟେରୀ ଉତ୍ପାଦନ ପାଇଁ ଏକ ୟୁନିଟ୍ ସ୍ଥାପନ ପାଇଁ ଯୋଜନା କରାଯାଇଛି। ଓରିବାକେ ପ୍ରାଇଭେଟ୍ ଲିମିଟେଡ୍ କଟକ ଜିଲ୍ଲା ଟାଙ୍ଗୀ-ଚୌଦ୍ୱାରଠାରେ ବିସ୍କୁଟ୍ ଏବଂ ଅନ୍ୟାନ୍ୟ ବେକ୍ଡ ଉତ୍ପାଦ ଉତ୍ପାଦନ ୟୁନିଟ୍ ସହିତ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ଉନ୍ନତି ଆଣିବାକୁ ଯାଉଛି। ଏହିପରି ମୋଟ ୧୪ଟି ଶିଳ୍ପକୁ ଅନୁମୋଦନ ମିଳିଛି।

# ଗୁଗୁଲ ମ୍ୟାପିଂରେ ଚିହ୍ନଟ ହେବେ ଅଭିଯୁକ୍ତ

**ଭୁବନେଶ୍ୱର :** ଗୁଗୁଲ ମ୍ୟାପିଂରେ ଚିହ୍ନଟ ହେବେ ଅଭିଯୁକ୍ତ। କ୍ରାଇମ କଣ୍ଟ୍ରୋଲରେ ନୂଆ ତରିକା ଆପଣାଇବ ପୋଲିସ। କ୍ରାଇମ ହଟ ସ୍ପଟ ଉପରେ ରହିବ ନଜର। ବୈଷୟିକ ଜ୍ଞାନକୌଶଳ ବ୍ୟବହାରକୁ ଗତକାଲି ପ୍ରତିଷ୍ଠା ଦିବସରେ ଗୁରୁତ୍ୱ ଦେଇଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଗୁଗୁଲ ମ୍ୟାପିଂ ପାଇଁ ବିଭିନ୍ନ ଟେଲିକମ ସଂସ୍ଥାର ସାହାଯ୍ୟ ନେବ କମିଶନରେଟ ପୋଲିସ। ପ୍ରଥମ ପର୍ଯ୍ୟାୟରେ ସ୍ନାଚିଂ, ଲୁଟ ଘଟଣାକୁ ଗୁରୁତ୍ୱ ଦିଆଯିବ। ଗୁଗୁଲ ଆପ୍ଲିକେସନ ଜରିଆରେ କ୍ରାଇମ ମ୍ୟାପିଂ ଟେକନିକ ଆପଣାଇବ ପୋଲିସ। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର ମଧ୍ୟ ପୋଲିସ ଖୁବଶୀଘ୍ର ସହାୟତା ନେବ।

# ପ୍ରଥମ ବିଶ୍ୱ ଓଡିଆ ଭାଷା ସମ୍ମିଳନୀର ଲୋଗୋ ଉନ୍ମୋଚନ କଲେ ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଥମ ବିଶ୍ୱ ଓଡିଆ ଭାଷା ସମ୍ମିଳନୀର ଲୋଗୋ ଉନ୍ମୋଚିତ କରିଛନ୍ତି। ଏହାର ଟ୍ୟାଗଲାଇନ ରହିଛି 'ଭାଷା ହିଁ ଭବିଷ୍ୟତ'। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଭାଷା ସମ୍ମିଳନୀର ବିପୁଳ ସଫଳତା କାମନା କରିଛନ୍ତି। ସୂଚନାଯୋଗ୍ୟ ଯେ ଏହି ସମ୍ମିଳନୀ ଆସନ୍ତା ଫେବୃଆରୀ ୩ ରୁ ୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବୁଦ୍ଧିଜୀବୀ, ଗବେଷକ, ବିଦ୍ୱାନ୍ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ମତ ବିନିମୟ ପାଇଁ ଏହି ସମ୍ମିଳନୀ ଏକ ସୁନ୍ଦର ମଞ୍ଚ ଭାବେ କାର୍ଯ୍ୟ କରିବ ବୋଲି ମୁଁ ଆଶା କରୁଛି। ସେ କହିଛନ୍ତି ଯେ ଆଧୁନିକ ଭାରତବର୍ଷରେ ଓଡ଼ିଶା ହେଉଛି ପ୍ରଥମ ଭାଷାଭିତ୍ତିକ ରାଜ୍ୟ। ଓଡ଼ିଆ ଭାଷା ଅନ୍ୟତମ ଶାସ୍ତ୍ରୀୟ ଭଷାର ମାନ୍ୟତା ଲାଭକରି ଆମ ମାଟି ଏବଂ ଭାଷାର ଗୌରବ ବୃଦ୍ଧି କରିଛି। ଓଡ଼ିଆ ଭାଷାର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ଉପରେ ବିସ୍ତୃତ ଆଲୋଚନା ସହିତ ଏହାର ପ୍ରଚାର-ପ୍ରସାର ପାଇଁ ଲକ୍ଷ୍ୟ ନିର୍ଦ୍ଧାରଣ ନିମନ୍ତେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଆୟୋଜନ। ସେ ପୁଣି କହିଛନ୍ତି ଯେ ଏକ ସ୍ୱତନ୍ତ୍ର ଐତିହ୍ୟର ଶକ୍ତିଶାଳୀ ବାହକ ଭାବରେ ଆମ ଭବିଷ୍ୟତ ପିଢ଼ିଙ୍କ ପାଖରେ କିପରି ଓଡ଼ିଆ ଭାଷାର ଆଦର ବଢ଼ିବ ଏବଂ ଆଧୁନିକ ଜ୍ଞାନକୌଶଳ ଜରିଆରେ ଆମ ଭାଷା କିପରି ଆଗକୁ ବଢ଼ିପାରିବ ସେ ସମ୍ପର୍କରେ ବିଚାର- ବିମର୍ଷ କରି ଭବିଷ୍ୟତ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯିବ।

## ନାବାର୍ଡର ନୂଆ ଋଣ ଯୋଜନା

# ୨୦୨୪-୨୫ ଆର୍ଥିକ ବର୍ଷରେ ଦିଆଯିବ ୨ ଲକ୍ଷ ୬ଶହ ୮ କୋଟି ଋଣ

**ଭୁବନେଶ୍ୱର :** ନାବାର୍ଡର ନୂଆ ଋଣ ଯୋଜନା । ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ କ୍ରେଡିଟ୍ ପ୍ଲାନ ପ୍ରସ୍ତୁତ କରିଛି ନାବାର୍ଡ। ୨ ଲକ୍ଷ କୋଟି ଟଙ୍କାରୁ ଅଧିକ ଋଣ ପ୍ରଦାନ ପାଇଁ ବିଭିନ୍ନ ବ୍ୟାଙ୍କ ସମ୍ମତି ପ୍ରକାଶ କରିଛନ୍ତି। ଗତ ବର୍ଷ ଶତ ପ୍ରତିଶତ ଲକ୍ଷ୍ୟ ହାସଲ ହୋଇଥିବା ବେଳେ ଚଳିତ ବର୍ଷ କୃଷି ସମେତ ଏମ୍‌ଏସ୍‌ଏମ୍‌ଇ ଏବଂ ମିଶନ ଶକ୍ତିକୁ ଗୁରୁତ୍ୱ ଦିଆଯାଇଛି। ବିଭିନ୍ନ ଜିଲ୍ଲାର ସମ୍ବଳ ଦେଖି ନାବାର୍ଡ ପକ୍ଷରୁ ପ୍ରସ୍ତୁତ ଏହି କ୍ରେଡିଟ୍ ପ୍ଲାନ୍‌କୁ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଇଛି। ନାବାର୍ଡ ପକ୍ଷରୁ ଭୁବନେଶ୍ୱରରେ ଆୟୋଜିତ ରାଜ୍ୟ କ୍ରେଡିଟ୍ ସେମିନାରରେ ଏହି ଯୋଜନା ହସ୍ତାନ୍ତର କରାଯାଇଥିବାବେଳେ ଗତ ବର୍ଷ ଭଲ ପ୍ରଦର୍ଶନ କରିଥିବା ବ୍ୟାଙ୍କ ଗୁଡିକୁ ସମ୍ମାନିତ କରାଯାଇଛି। କୃଷି, ଏମ୍‌ଏସ୍‌ଏମ୍‌ଇ ଏବଂ ମହିଳା ସ୍ୱାବଲମ୍ବୀ କ୍ଷେତ୍ରରେ ଲାଗିବ ନୂଆ ଡେଣା। ୨୦୨୪-୨୫ ଆର୍ଥିକ ବର୍ଷରେ ଦିଆଯିବ ୨ ଲକ୍ଷ ୬ଶହ ୮ କୋଟି ଟଙ୍କାର ଋଣ। ରାଜ୍ୟ ସରକାରଙ୍କୁ କ୍ରେଡିଟ୍ ପ୍ଲାନ୍ ଦେଲା ନାବାର୍ଡ। ଫୋକସରେ ମିଶନ ଶକ୍ତି ମହିଳା ଗୋଷ୍ଠୀ। ଏଥର ଉତ୍ପାଦନ ନୁହେଁ ଉତ୍ପାଦ ବିକ୍ରି ନେଇ ସ୍ୱତନ୍ତ୍ର ପ୍ଲାନିଂ। ଶତ ପ୍ରତିଶତରୁ ଅଧିକ ରେଜଲ୍ଟ ହାସଲ ଲକ୍ଷ୍ୟ। ଗତ ବର୍ଷ କୃଷି କ୍ଷେତ୍ରକୁ ଗୁରୁତ୍ୱ ଦେଇ ଶତପ୍ରତିଶତରୁ ଅଧିକ




ଲକ୍ଷ୍ୟ ହାସଲ କରିଥିଲେ ରାଜ୍ୟ ସରକାର। ପ୍ରତି ବର୍ଷ ଭଳି ଚଳିତ ବର୍ଷ ବି କ୍ରେଡିଟ୍ ପ୍ଲାନ୍ ପ୍ରସ୍ତୁତ କରି ରାଜ୍ୟ ସରକାରଙ୍କୁ ପ୍ରଦାନ କରିଛି ନାବାର୍ଡ। ବ୍ୟାଙ୍କରମାନେ ଏବର୍ଷ ଦୁଇ ଲକ୍ଷ କୋଟିରୁ ଅଧିକ ଋଣ ପ୍ରଦାନ ନେଇ ସମ୍ମତି ପ୍ରକାଶ କରିଛନ୍ତି। ତେବେ ଚଳିତ ବର୍ଷ କ୍ରେଡିଟ୍ ପ୍ଲାନ୍ ଓଡ଼ିଶା ସରକାରଙ୍କ ପାଇଁ ବହୁତ ବଡ ଚ୍ୟାଲେଞ୍ଜ ରହିବ ବୋଲି ନାବାର୍ଡ କ୍ରେଡିଟ୍ ପ୍ଲାନ ସେମିନାରରେ ଯୋଗ ଦେଇ କହିଛନ୍ତି ଉନ୍ନୟନ କମିଶନର ଅନୁ ଗର୍ଗ। ଗତ ବର୍ଷ କୃଷି କ୍ଷେତ୍ରକୁ ଅଧିକ ଗୁରୁତ୍ୱ ଦେଇ ପ୍ଲାନ୍ ପ୍ରସ୍ତୁତ କରାଯାଇଥିଲା। ଯାହା ଶତ ପ୍ରତିଶତରୁ ଅଧିକ ହାସଲ ହୋଇଥିଲା। କିନ୍ତୁ ଏବର୍ଷ କୃଷି ସମେତ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଶିଳ୍ପ ଏବଂ ମିଶନଶକ୍ତି ମହିଳାଙ୍କୁ ବେଶି ଗୁରୁତ୍ୱ ଦିଆଯାଇଛି। ବିଭିନ୍ନ ଜିଲ୍ଲାର ସମ୍ବଳ ଅନୁସାରେ କ୍ରେଡିଟ୍ ପ୍ଲାନ୍ କରାଯାଇଥିବା ବେଳେ ଗାଁ ଗାଁର ବିକାଶ ମୁଖ୍ୟ ଲକ୍ଷ୍ୟ। ଦେଶର କିଛି ରାଜ୍ୟ ମଧ୍ୟରୁ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ ଯିଏ ଶତ ପ୍ରତିଶତ କ୍ରେଡିଟ୍ ପ୍ଲାନ୍ ହାସଲ କରିଛି। ମିଶନ ଶକ୍ତି ଜରିଆରେ ରାଜ୍ୟରେ ୭୦ ଲକ୍ଷ ମହିଳା ସ୍ୱାବଲମ୍ବୀ ହୋଇଥିବା କହିଛି ନାବାର୍ଡ। ସେମାନଙ୍କ ଦକ୍ଷତା ବୃଦ୍ଧି ସହ ପ୍ରସ୍ତୁତ ଉତ୍ପାଦର ବିକ୍ରିପାଇଁ ବଜାର ଉପଲବ୍ଧ କରାଇବା ନାବାର୍ଡର ଲକ୍ଷ୍ୟ। ଓଡ଼ିଶାର ଭୁବନେଶ୍ୱର ଏବଂ ଖୋର୍ଦ୍ଧାରେ ଦୁଇଟି ମିଶନଶକ୍ତି ଷ୍ଟଲ ଲାଗିଥିବା ବେଳେ ବାକି ରାଜ୍ୟର ୧୬ଟି ଷ୍ଟେସନ୍ ଏବଂ ରାଜ୍ୟ ବାହାରର ସବୁଷ୍ଟେସନରେ ଷ୍ଟଲ ଖୋଲିବା ଲକ୍ଷ୍ୟ ରହିଛି। ଏହାକୁ ନେଇ ଏକ ସ୍ୱତନ୍ତ୍ର ବ୍ରାଣ୍ଡ୍ କରିବାକୁ ଉଦ୍ୟମ କରାଯାଉଛି।

## ରାଜ୍ୟରେ ଜଳସେଚନକୁ ଆହୁରି ସୁଦୃଢ କରିବାକୁ ମାଷ୍ଟରପ୍ଲାନ

# ନିର୍ମାଣ ହେବ ୧୨୮୦ ଚେକ୍ ଡ୍ୟାମ୍

**ଭୁବନେଶ୍ୱର :** ରାଜ୍ୟରେ ଜଳସେଚନକୁ ଆହୁରି ସୁଦୃଢ କରିବାକୁ ଜଳ ସମ୍ପଦ ବିଭାଗର ମାଷ୍ଟରପ୍ଲାନ। ମୁଖ୍ୟମନ୍ତ୍ରୀ ଆଡ଼ିବନ୍ଧ ଯୋଜନାରେ ନିର୍ମାଣ ହେବ ୧୨୮୦ ଚେକ୍ ଡ୍ୟାମ୍। ଏଥିପାଇଁ ଅର୍ଥ ମଞ୍ଜୁର କରିଛନ୍ତି ରାଜ୍ୟ ସରକାର। ସାରା ରାଜ୍ୟରେ ନିର୍ମାଣ ହେବାକୁ ଥିବା ଚେକ ଡ୍ୟାମ ଗୁଡ଼ିକର ମୁଖ୍ୟ ଉଦ୍ଦେଶ୍ୟ ଭୂତଳ ଜଳ ରିଚାର୍ଜ ଓ ଚାଷର ଉନ୍ନତି। ଏଥି ସହ ଦୁର୍ବଳ ଚେକ୍ ଡ୍ୟାମର ମରାମତି ପାଇଁ ବି ଅର୍ଥ ମଞ୍ଜୁର ହୋଇଛି। ପ୍ରତି ବ୍ଲକର ଜଳସେଚନ ସୁବିଧାକୁ ସମୀକ୍ଷା କରିବ ଜଳ ସମ୍ପଦ ବିଭାଗ। ଯେଉଁ ବ୍ଲକରେ ୩୫ ପ୍ରତିଶତରୁ କମ୍ ଜମିକୁ ଜଳସେଚନ ସୁବିଧା ଥିବ, ସେଠାରେ ମୁଖ୍ୟମନ୍ତ୍ରୀ ଆଡ଼ିବନ୍ଧ ତିଆରି ଯୋଜନାରେ ଜଳସେଚନ ସୁବିଧା ଯୋଗାଇ ଦିଆଯିବ। ଏଥିପାଇଁ ୨୦୨୪-୨୫ ଆର୍ଥିକ ବର୍ଷ ଶେଷ ସୁଦ୍ଧା ୮୧୧.୪୫କୋଟି ବ୍ୟୟରେ ୧୨୮୦ଟି ଚେକ୍ ଡ୍ୟାମ୍ ନିର୍ମାଣ କରାଯିବ। ଯେଉଁ ଚେକ୍ ଡ୍ୟାମ୍ ଗୁଡ଼ିକ ଭାଙ୍ଗିଯାଇଛି ସେଗୁଡ଼ିକର ମରାମତି କରାଯିବ। ୨୦୯୨ଟି ଚେକ୍ ଡ୍ୟାମର ଉନ୍ନତିକରଣ ପାଇଁ ୧୫୭.୫୮କୋଟି ଟଙ୍କା ଖର୍ଚ୍ଚ କରିବେ ରାଜ୍ୟ ସରକାର। ଏହିପରି ଚେକ୍ ଡ୍ୟାମ୍ ନିର୍ମାଣ ଓ



ଉନ୍ନତିକରଣ ପାଇଁ ୯୬୯କୋଟି ୩ଲକ୍ଷ ଖର୍ଚ୍ଚ କରାଯିବ। ଚେକ୍ ଡ୍ୟାମ୍ ଗୁଡ଼ିକ ଚାଷୀଙ୍କୁ ଖରିଫ ଋତୁରେ ପାଣି ଯୋଗାଇବ। ଏହି ଜଳସେଚନ ଉଦ୍ୟାନ କୃଷି ପାଇଁ ସହାୟକ ହେବ। ସେହିପରି ମୌସୁମୀ ପରବର୍ତ୍ତୀ ସମୟରେ ଲୋକଙ୍କ ପିଇବା ପାଣି ଓ ଭୂତଳ ଜଳସ୍ତର ବୃଦ୍ଧି ପାଇଁ ବ୍ୟବହାର କରାଯିବ। ୧୨୮୦ଟି ନୂଆ ଚେକ୍ ଡ୍ୟାମ୍ ନିର୍ମାଣ ଦ୍ୱାରା ୨୭ ହଜାର ୬୦୦ ହେକ୍ଟର ଜମିକୁ ଏବଂ ୨୦୯୨ଟି ଚେକ୍ ଡ୍ୟାମ୍ ଉନ୍ନତିକରଣ ଦ୍ୱାରା ୩୦ ହଜାର ୧୧୦ ହେକ୍ଟର ଚାଷ ଜମିକୁ ଜଳସେଚନ ସୁବିଧା ମିଳିବ। ଚେକ ଡ୍ୟାମ ଦ୍ୱାରା ବୋହୁଥିବା ପାଣିକୁ ଅଟକା ଯାଏ। ଯେଉଁ ବାଟ ଦେଇ ପାଣି ଅଟକା ଯାଏ, ସେଠାରେ ମାଟି ସଂଯୋଗରେ ଆସି ଭେଦିଥାଏ। ପାଖାପାଖି ୨୦ରୁ ୩୦ ପ୍ରତିଶତ ପାଣି ଭେଦି ଭୂତଳ ଜଳକୁ ରିଚାର୍ଜ କରେ।

# ଥାନା ଅଧିକାରୀଙ୍କୁ ମାନବ ସମ୍ବଳ ତଥ୍ୟ ମାଗିଲେ ଡିସିପି

**ଭୁବନେଶ୍ୱର :** ଆଗକୁ ଆସୁଛି ସାଧାରଣ ନିର୍ବାଚନ। ସ୍ୱଚ୍ଛ ଓ ଅବାଧ ସାଙ୍ଗକୁ ଶୃଙ୍ଖଳିତ ନିର୍ବାଚନ କରିବା ଲାଗି ଅଣ୍ଟା ଭିଡ଼ିଛି କମିସନରେଟ୍ ପୁଲିସ। କିଛିଦିନ ପୂର୍ବରୁ ବୁଥ ତଥ୍ୟ ମଗାଯାଇଥିବା ବେଳେ ବର୍ତ୍ତମାନ ମାନବସମ୍ବଳ ନେଇ ଭୁବନେଶ୍ୱର ଡିସିପି ପ୍ରତୀକ ସିଂ ଭୁବନେଶ୍ୱର ସହରାଞ୍ଚଳ ପୁଲିସ ଜିଲ୍ଲା (ୟୁପିଡି)ର ସମସ୍ତ ଥାନା ଅଧିକାରୀଙ୍କୁ ଏକ ଚିଠି ଲେଖି ସବିଶେଷ ତଥ୍ୟ ମାଗିଛନ୍ତି। ଆଗାମୀ ସାଧାରଣ ନିର୍ବାଚନରେ ଥାନାର କେଉଁ ଅଧିକାରୀ ଓ କର୍ମଚାରୀମାନେ ନିୟୋଜିତ ହେବେ ତାହାର ତାଲିକା ମଗାଯାଇଛି। ତଥ୍ୟ ଆସିବା ପରେ ଆଉ କେତେ ପୁଲିସ କର୍ମଚାରୀ ଆବଶ୍ୟକ ସେନେଇ ତାଲିକା ପ୍ରସ୍ତୁତ କରାଯିବ। ସୂଚନା ଅନୁସାରେ, ଭୁବନେଶ୍ୱର ସହରାଞ୍ଚଳ ପୁଲିସ ଜିଲ୍ଲା ଅଧୀନରେ ଜୟଦେବ, ଏକାମ୍ର ଭୁବନେଶ୍ୱର, ମଧ୍ୟ ଭୁବନେଶ୍ୱର, ଉତ୍ତର ଭୁବନେଶ୍ୱର ଓ ଜଟଣୀ ନିର୍ବାଚନମଣ୍ଡଳୀ ରହିଛି। ଉପରୋକ୍ତ ସମସ୍ତ ନିର୍ବାଚନମଣ୍ଡଳୀର ବୁଥ ଓ ଭୋଟରଙ୍କ ସଂଖ୍ୟା ଜାଣିବା ଲାଗି ଅକ୍ଟୋବର ମାସରେ ଚିଠି ଲେଖା ଯାଇଥିଲା। ସେହି ତଥ୍ୟ ମଧ୍ୟ ପୁଲିସର ହସ୍ତଗତ ହୋଇଛି। ଜୟଦେବ ନିର୍ବାଚନମଣ୍ଡଳୀରେ ମୋଟ ୨୩୬ଟି ବୁଥ୍ ରହିଥିବାବେଳେ ୧ଲକ୍ଷ ୭୫ ହଜାର ୧୧୭ ଜଣ ଭୋଟର ରହିଛନ୍ତି। ଏକାମ୍ର ନିର୍ବାଚନମଣ୍ଡଳୀରେ ମୋଟ ୨ଲକ୍ଷ ୫୦ ହଜାର ୪୮୯ ଜଣ ଭୋଟର ରହିଥିବାବେଳେ ୨୨୮ଟି ବୁଥ ରହିଛି। ସେହିପରି ଉତ୍ତର ନିର୍ବାଚନମଣ୍ଡଳୀରେ ୨୪୯ ବୁଥ୍ ରହିଥିବାବେଳେ ୨ ଲକ୍ଷ ୬୯ ହଜାର ୯୧୦ ଜଣ ଭୋଟର ରହିଛନ୍ତି। ମଧ୍ୟ ନିର୍ବାଚନମଣ୍ଡଳୀରେ ୨ଲକ୍ଷ ୧୨ ହଜାର ୩୬୨ ଜଣ ଭୋଟର୍ ରହିଥିବାବେଳେ ୧୯୯ଟି ବୁଥ୍ ରହିଛି। ଜଟଣୀ ନିର୍ବାଚନମଣ୍ଡଳୀରେ ୨୫୪ଟି ବୁଥ୍ ୨ଲକ୍ଷ ୩୫ ହଜାର ୩୨୧ଜଣ ଭୋଟର ରହିଛନ୍ତି। ଜଟଣୀ ନିର୍ବାଚନମଣ୍ଡଳୀ ଅଧୀନରେ ଥିବା ଖୋର୍ଦ୍ଧା ଜିଲ୍ଲାର ୧ ନମ୍ବର ଜିଲ୍ଲା ପରିଷଦ ସିଟ୍‌କୁ ବାଦ୍ ଦେଲେ



ବାକି ସବୁ ପଞ୍ଚାୟତ କମିସନରେଟ୍ ପୁଲିସ ଅଧୀନରେ ରହିଛି। ଭୁବନେଶ୍ୱର ୟୁପିଡି ଅଧୀନରେ ଆସୁଥିବା ସମସ୍ତ ବୁଥର ଭୋଟରଙ୍କ ସଂଖ୍ୟା ଜାଣିବା ପରେ ଆଗାମୀ ନିର୍ବାଚନର ସୁପରିଚାଳନା ଉପରେ ଗୁରୁତ୍ୱ ଦିଆଯାଇଛି । ଏଥିଲାଗି ଭୁବନେଶ୍ୱର ୟୁପିଡିର ଥାନା ଗୁଡ଼ିକରେ ଥିବା ଅଧିକାରୀ ଓ କର୍ମଚାରୀମାନଙ୍କ ମଧ୍ୟରୁ କେଉଁମାନେ ନିର୍ବାଚନ ପରିଚାଳନା ଦାୟିତ୍ୱରେ ରହିବେ ସେନେଇ ଏକ ତାଲିକା ପ୍ରସ୍ତୁତ କରି ଦାଖଲ କରିବାକୁ ଡିସିପି ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ପୁଲିସ ହେଡକ୍ୱାର୍ଟର୍ସର ଅତିରିକ୍ତ ଡିଜିପି (ଆଇନ ଶୃଙ୍ଖଳା)ଙ୍କ ଚିଠି ଆଧାରରେ ଏହି ତାଲିକା ଦେବାକୁ କୁହାଯାଇଛି। ବର୍ତ୍ତମାନ ଥାନାଗୁଡ଼ିକରେ ଥିବା ମାନବସମ୍ବଳ ଅର୍ଥାତ ଯେଉଁମାନେ ନିର୍ବାଚନ ଡ୍ୟୁଟି କରିବାକୁ ଯୋଗ୍ୟ, ସେମାନଙ୍କ ନାମ ଦେବାକୁ ଚିଠିରେ ଉଲ୍ଲେଖ କରାଯାଇଛି। ଯେଉଁ ପୁଲିସ କର୍ମଚାରୀମାନଙ୍କ ନାମ ଦିଆଯିବ କେବଳ ସେହି ଅଧିକାରୀ ଓ କର୍ମଚାରୀମାନେ ନିର୍ବାଚନ ସମ୍ବନ୍ଧୀୟ ଡ୍ୟୁଟିରେ ନିୟୋଜିତ ହେବେ। ଏହି ତାଲିକାରେ ନାମ ନ ଥିବା କର୍ମଚାରୀମାନେ ନିର୍ବାଚନ ଡ୍ୟୁଟି କରିପାରିବେ ନାହିଁ ବୋଲି କୁହାଯାଇଛି। ପୁଲିସ କର୍ମଚାରୀ ଓ ଅଧିକାରୀମାନେ କେଉଁ ନିର୍ବାଚନମଣ୍ଡଳୀର ସ୍ଥାୟୀ ବାସିନ୍ଦା ଓ କେଉଁଠି ରହୁଛନ୍ତି, କେଉଁ ନିର୍ବାଚନମଣ୍ଡଳୀର ଭୋଟର ତାଲିକାରେ ତାଙ୍କ ନାମ ରହିଛି ଏବଂ କେଉଁ ନିର୍ବାଚନମଣ୍ଡଳୀ ଅଧୀନସ୍ଥ ଥାନାରେ କାର୍ଯ୍ୟରତ ସେ ତଥ୍ୟ ମଧ୍ୟ ଉଲ୍ଲେଖ କରିବାକୁ କୁହାଯାଇଛି। ଥାନାଗୁଡ଼ିକରୁ ତାଲିକା ଆସିବା ପରେ ଜିଲ୍ଲାର ୮୦ ପ୍ରତିଶତ ଅଧିକାରୀ ଓ କର୍ମଚାରୀଙ୍କୁ ନେଇ ଏକ ତାଲିକା ପ୍ରସ୍ତୁତ କରାଯାଇ ସେହି ତାଲିକାକୁ ରାଜ୍ୟ ପୁଲିସ ମୁଖ୍ୟାଳୟକୁ ପଠାଯିବ। ୮୦ ପ୍ରତିଶତ ବାଦ୍ ମୋବାଇଲ ପାଟ୍ରୋଲିଂ, ସେକ୍ଟର ପାଟ୍ରୋଲ, ଫ୍ଲାଇଙ୍ଗ ସ୍କ୍ୱାଡ୍ ଓ ଅନ୍ୟ ନିର୍ବାଚନ ସମ୍ବନ୍ଧୀୟ ଡ୍ୟୁଟି ପାଇଁ ଓଏପିଏଫ ଓ ହୋମଗାର୍ଡ ଠାରୁ ଆରମ୍ଭ କରି ଏସ୍ପି ରାଙ୍କ୍ ପର୍ଯ୍ୟନ୍ତ ପୁଲିସ କର୍ମଚାରୀ ଓ ଅଧିକାରୀଙ୍କୁ ନେଇ ଅଲଗା ତାଲିକା ମଧ୍ୟ ପ୍ରସ୍ତୁତ କରାଯିବ। ଗତ ନିର୍ବାଚନଗୁଡ଼ିକରେ ଛୋଟ ବଡ଼ ଅଘଟଣ ଓ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିବାର ନଜିର ରହିଛି। ତେଣୁ ଆସନ୍ତା ନିର୍ବାଚନରେ ସେଭଳି କୌଣସି ଅଘଟଣକୁ ଏଡ଼ାଇବା ପାଇଁ ଏବେଠାରୁ ପ୍ରସ୍ତୁତ ଆରମ୍ଭ ହୋଇଛି କମିସନରେଟ୍ ପୁଲିସ ।

ପ୍ରାୟତଃ ମିଛୁଆ ଲୋକଙ୍କ କଥା ମିଠା ହୋଇଥାଏ ଓ ସଚ୍ଚା ଲୋକଙ୍କର କଥା କଡ଼ବା ହୋଇଥାଏ।




EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର


# ଘରୋଇ ଶିକ୍ଷା ଦୁର୍ନୀତି ୨୦୨୩: ବାୟଜୁର ଦୟନୀୟ ସ୍ଥିତି




ଅସିତ ମହାନ୍ତି


ଦୁଇ ବର୍ଷ ପୂର୍ବେ, ବାୟଜୁ' ନିବେଶକଙ୍କର ଆଖିର ତାରା ଥିଲା। ଏହା ପ୍ରତି ମାସରେ ଟଙ୍କା ରୋଜଗାର କରୁଥିଲା। ଲୋକମାନେ ବିନା ପ୍ରଶ୍ନରେ ଟଙ୍କା ଦେଉଥିଲେ। ବାୟଜୁର ମୂଲ୍ୟ ୨୨ ବିଲିୟନ ଡଲାରରେ ପହଞ୍ଚିଛି। ସାହରୁଖ ଖାନ ଏବଂ ମେସିଙ୍କ ପରି ବ୍ରାଣ୍ଡ ଆମ୍ବାସାଡରମାନେ ବାୟଜୁ ସହ ଥିଲେ। ବିଜୁଙ୍କ ଭାରତୀୟ କ୍ରିକେଟ୍ ଦଳ ଏବଂ ଫିଫା ବିଶ୍ୱକପ୍ ପ୍ରାୟୋଜିତ କରୁଥିଲା। ଜଣେ ବ୍ୟକ୍ତିଙ୍କୁ ଖୋଜିବା କଷ୍ଟସାଧ ହୋଇଥାନ୍ତା ଯିଏ ବାୟଜୁଙ୍କ ବିଷୟରେ ଜାଣି ନଥିଲେ। ବାୟଜୁର ଇକୋସିଷ୍ଟମ୍ ଏବଂ ଏଡ୍-ଟେକ୍ ଇଣ୍ଡଷ୍ଟ୍ରିର ଗର୍ବ ଥିଲା। ବାୟଜୁ ଦେଶର ମଧ୍ୟ ସେବା କରୁଥିଲା। 'ବାୟଜୁ' ଟେକ୍ନୋଲୋଜି ମାଧ୍ୟମରେ ଲକ୍ଷ ଲକ୍ଷ ଲୋକଙ୍କୁ ଶିକ୍ଷା ସୁଯୋଗ ପ୍ରଦାନ କରୁଥିଲା। ଅତିକମରେ ୨ ବର୍ଷ ପୂର୍ବେ ସମସ୍ତେ ଭାବିଥିଲେ ଯେ ବିଜୁଙ୍କର ଉତ୍ତମ ଉଦ୍ଦେଶ୍ୟ ସହିତ ଉତ୍ତମ କମ୍ପାନୀ ଅଟେ। ଆଜି ଏହି କମ୍ପାନୀ ବନ୍ଦ ହେବାକୁ ଯାଉଛି ଏବଂ ଲୋକମାନେ ଏହାକୁ ଅଭିଶାପ ଦେଉଛନ୍ତି। ଡିସେମ୍ବର ପ୍ରାରମ୍ଭରେ ବିଜୁଙ୍କ ପ୍ରତିଷ୍ଠାତା ବାୟଜୁ ରବିନ୍ଦ୍ରନ୍ ଘର ବନ୍ଧା ଦେଇଥିଲେ ଏବଂ ନଭେମ୍ବର ମାସରେ କମ୍ପାନୀର କର୍ମଚାରୀମାନଙ୍କୁ ଦରମା ଦେବା ପାଇଁ ୧୨ ମିଲିୟନ୍ ଡଲାରର ଋଣ ନେଇଥିଲେ। ସଂକ୍ଷେପରେ, ଭାରତର ସବୁଠୁ ବଡ ୟୁନିକର୍ଣ୍ଣ ଏବଂ ସବୁଠାରୁ ପ୍ରତିଷ୍ଠିତ ଏଡ୍-ଟେକ୍ କମ୍ପାନୀର ଭାଗ୍ୟ ସମ୍ପୂର୍ଣ୍ଣ ବଦଳି ଯାଇଛି। କମ୍ପାନୀ ଦରମା, ପିଏଫ୍ ଏବଂ ଟିଡିଏସ୍ ଦେବାକୁ ଅସମର୍ଥ। କମ୍ପାନୀ ଏତେ ଖରାପ ସ୍ଥିତିରେ ଅଛି ଯେ କର୍ମଚାରୀମାନେ ବୋନସ, ପ୍ରୋତ୍ସାହନ ଇତ୍ୟାଦି ପାଇ ନାହାଁନ୍ତି ଏବଂ ସେମାନେ କମ୍ପାନୀ ଛାଡୁଛନ୍ତି। ଏବଂ ବର୍ତ୍ତମାନ, କାର୍ଯ୍ୟାଳୟ ଏହାର ୟୁଟିଲିଟି ବିଲ୍ ପୈଠ କରିବାରେ ଅସମର୍ଥ। ଏହା ଉପରେ, ବୈଦେଶିକ ବିନିମୟ ପରିଚାଳନା ନିୟମ ଉଲ୍ଲଂଘନ ସେଠାରେ ଅଛି। ଏହାର ମୂଲ୍ୟ ୨୨ ବିଲିୟନ ଡ଼ଲାରରୁ ୩ ବିଲିୟନ ଡ଼ଲାରରେ ପହଞ୍ଚିଛି। କିନ୍ତୁ ଏହା କିପରି ହେଲା ? କମ୍ପାନୀ ଏଡଟେକ୍ ଥିଲା। ଟେକ୍ନୋଲୋଜି ପୁରୁଣା ହୋଇଯାଇଛି ନା ପିଲାମାନେ ଅଧ୍ୟୟନ ବନ୍ଦ କରି ଦେଇଛନ୍ତି ? ବିଜୁ ଏକ ଫାୟାର୍ କ୍ରାକର ରକେଟ୍ ପରି ଉପରକୁ ଯାଇ ଆକାଶରେ ବିସ୍ଫୋରଣ କଲା। ଏବଂ ବିସ୍ଫୋରଣର ଏହି କାହାଣୀ କେବଳ ଏକ ଟେକ୍ କମ୍ପାନୀ ଦ୍ୱାରା ନୁହେଁ, ବରଂ ସମଗ୍ର ଷ୍ଟାର୍ଟଅପ୍ ଇକୋ ସିଷ୍ଟମ୍ ଏଥିରୁ ଶିଖିବା ଉଚିତ୍। କାରଣ ସାମାଜିକ ବ୍ୟବସ୍ଥା ଏବଂ ଏହାର ଅର୍ଥନୀତି ଆଧାର ଜାଣିବା ଏବଂ ବୁଝିବା ବିନା ଯଦି ଜଣେ ବ୍ୟବସାୟରେ ବହୁ ଅର୍ଥ ବିନିଯୋଗ କରନ୍ତି, ତେବେ ସେ କ୍ଷତି ସହିବେ। କାରଣ ଯେଉଁ ସିଷ୍ଟମରେ ଆମେ ରହୁଛୁ, ତାହାକୁ ପୁଞ୍ଜିବାଦ କୁହାଯାଏ, ଯାହାର ମୂଳ ଲକ୍ଷ୍ୟ ହେଉଛି ଲାଭ, କେବଳ ଲାଭ ନୁହେଁ, ସୁପର ଲାଭ। ଅର୍ଥନୈତିକ ନିୟମ ଅନୁଯାୟୀ, ଶ୍ରମ ଖର୍ଚ୍ଚର ଶୋଷଣ ନକଲେ ଆପଣ ଲାଭ ଉପାର୍ଜନ କରିପାରିବେ ନାହିଁ। ଏହା ବ୍ୟତୀତ କମ୍ପାନୀ ବଜାରରେ ଯେଉଁ ଦ୍ରବ୍ୟ ବିକ୍ରୟ କରେ, ସେହି ଦ୍ରବ୍ୟର ମୂଲ୍ୟ ବୃଦ୍ଧି କରିବାକୁ ପଡିବ। ଲାଭ ପାଇବା ପାଇଁ ଅନ୍ୟ ଏକ ଉପାୟ ହେଉଛି, ଅନ୍ୟାୟ'ର ସାହାଯ୍ୟ ନେଇ। ବର୍ତ୍ତମାନ କଥା ହେଉଛି, ବଜାରରେ ଗ୍ରାହକଙ୍କ କ୍ରୟ କ୍ଷମତା କମ୍, ତେଣୁ ସେମାନେ ଉତ୍ପାଦ କିଣିବାକୁ ଅସମର୍ଥ। ଫଳସ୍ୱରୂପ ଏହା କମ୍ପାନୀର ଅଭିବୃଦ୍ଧି ଉପରେ ପ୍ରଭାବ ପକାଇବ। ଏହା ବାସ୍ତବରେ ପୁଞ୍ଜିବାଦର ନିୟମ। ବର୍ତ୍ତମାନ ବାୟଜୁର ସ୍କାମର କଥାକୁ ଆସନ୍ତୁ...। ଏହା ଜାଣିବାକୁ ହେଲେ ବାୟଜୁର ଇତିହାସକୁ ଦେଖିବାକୁ ପଡିବ।

ବାସ୍ତବରେ ବାୟଜୁ ଜଣେ କ୍ୟାଟ୍ (Common Admission Test) ଟପ୍‌ର ଥିଲେ। ବାୟଜୁ ରବିନ୍ଦ୍ରନଙ୍କ ଯାତ୍ରା ଆନୁଷ୍ଠାନିକ କ୍ଲାସରୁ ଆରମ୍ଭ ହୋଇଥିଲା। ଏବଂ ସେତେବେଳକୁ ସେମାନେ ଷଷ୍ଠ କିମ୍ବା ସପ୍ତମ ଅଧିବେଶନରେ ପହଞ୍ଚିନ୍ତି, ଏକ ହଜାରରୁ ଅଧିକ ଛାତ୍ର ତାଙ୍କ କ୍ଲାସରେ ଯୋଗଦେବା ଆରମ୍ଭ କରନ୍ତି। ବାୟଜୁ ହୃଦୟଙ୍ଗମ କଲେ ଯେ ସେ ଶିକ୍ଷାଦାନକୁ ପସନ୍ଦ କରନ୍ତି ଏବଂ ସେ ସାରା ଜୀବନ ଏହା କରିବାକୁ ଚାହୁଁଥିଲେ। ୨୦୦୬ରେ ସେ CAT କୋଚିଂ ପାଇଁ ଆନୁଷ୍ଠାନିକ ଭାବରେ ବାୟଜୁ କ୍ଲାସ୍ ଆରମ୍ଭ କରିଥିଲେ। ଛାତ୍ରମାନେ ବୃଦ୍ଧି ପାଇଲେ ଏବଂ ଶୀଘ୍ର ସେ ଅଡିଟୋରିୟମରେ ଶିକ୍ଷାଦାନ ଆରମ୍ଭ କଲେ। ଫ୍ରିମିୟମ ମଡେଲରେ କ୍ଲାସଗୁଡିକ ଡିଜାଇନ୍ କରାଯାଇଥିଲା। ପ୍ରଥମ ଶ୍ରେଣୀ ମାଗଣା ଥିଲା ଏବଂ ଯଦି ଆପଣ ଏହାକୁ ପସନ୍ଦ କରନ୍ତି, ତେବେ ଆପଣଙ୍କୁ ଅଧିବେଶନ ପାଇଁ ୭୫୦ ଟଙ୍କା ଦେବାକୁ ପଡିବ। ସପ୍ତାହ ଶେଷରେ, ବିଜୁଙ୍କ ମଧ୍ୟ ୪ ଘଣ୍ଟା ଲମ୍ବା କର୍ମଶାଳା ଲାଗିଥିଲା। ପ୍ରାୟତଃ ସେ ଛାତ୍ରମାନଙ୍କୁ ଏପରି କୌଶଳ ଶିକ୍ଷା ଦେଇଥିଲେ, ଯାହା ଦ୍ୱାରା ଛାତ୍ରମାନେ ପ୍ରଶ୍ନର ପୂର୍ବାନୁମାନ କରିପାରିବେ, ଉତ୍ତର ଖୋଜିବା ପାଇଁ ସର୍ଟକଟ୍ ପାଇପାରିବେ। ବର୍ତ୍ତମାନ, ଏହି CAT ଟପ୍ପର ବିଷୟରେ ଖବର ବ୍ୟାପିଗଲା ଏବଂ ବିଜୁ ପ୍ରସିଦ୍ଧ ହେଲେ। ଯଦି ପ୍ରଥମ ମାଗଣା ଅଧିବେଶନରେ ୧୦ ଜଣ ଛାତ୍ର ଯୋଗ ଦେଇଥିଲେ, ସେମାନଙ୍କ ମଧ୍ୟରୁ ୯ ଜଣ ପେଡ୍ କର୍ମଶାଳାରେ ନାମ ଲେଖାଇଥିଲେ। ଏହାର ଅର୍ଥ ବ୍ୟବସାୟ ମଡେଲ ବହୁତ ସଫଳ ହୋଇଥିଲା ଏବଂ ଲୋକମାନେ ସେମାନଙ୍କୁ ବହୁତ ବିଶ୍ୱାସ କରୁଥିଲେ। ୨୦୦୭ ରୁ ୨୦୦୯ ମଧ୍ୟରେ ବାୟଜୁ ରବିନ୍ଦ୍ରନ୍ ସ୍ନାତକୋତ୍ତର ଛାତ୍ରମାନଙ୍କୁ ଟାର୍ଗେଟ୍ କରିବା ଆରମ୍ଭ କରିଥିଲେ। ସେ କଠିନ ପରିଶ୍ରମ କରି ତାଙ୍କର କ୍ଲାସକୁ ୯ଟି ସହରରେ ବିସ୍ତାର କରିଥିଲେ। ତାଙ୍କର ଲୋକପ୍ରିୟତା ବଢ଼ିବାରେ ଲାଗିଲା। ୨୦୦୯ ରେ ସେ ଭିଡିଓ ଲେକ୍ଚର୍ସ ପ୍ରବର୍ତ୍ତନ କରିଥିଲେ। ସେ UPSC ପାଠ୍ୟକ୍ରମ ଆରମ୍ଭ କରିଥିଲେ। ୨୦୧୧ ରେ, ଚିନ୍ତା କର ଏବଂ ଶିଖ (Think & Learn) ଏକ ନିଗମ ହୋଇଗଲା। ସେ ଅନେକ ପୂର୍ବତନ ଛାତ୍ରଙ୍କୁ ତାଙ୍କ କମ୍ପାନୀ ବୋର୍ଡକୁ ଆଣିଥିଲେ। ତାଙ୍କ କମ୍ପାନୀ ବିସ୍ତାର କରିବାରେ ଲାଗିଲା। ସେ ସ୍କୁଲ ପାଠ୍ୟକ୍ରମ ପ୍ରଦାନ କରିବା ଆରମ୍ଭ କଲେ। ବାୟଜୁଙ୍କର ଅନନ୍ୟ ଶିକ୍ଷାଦାନ ଶୈଳୀ ଥିଲା ଅଧ୍ୟାୟଗୁଡ଼ିକୁ ବିଭାଗରେ ବିଭକ୍ତ କରିବା ଏବଂ ସେମାନଙ୍କୁ ଭିଡିଓ ଫର୍ମାଟରେ ବ୍ୟାଖ୍ୟା କରିବା। ସେହି ସମୟରେ (୨୦୧୧-୨୦୧୨) ଭିଡିଓ ଶିକ୍ଷା ଆଜିର ପରି ମୁଖ୍ୟ ସ୍ରୋତରେ ନଥିଲା। ଖୁବ୍ ଶୀଘ୍ର ବାଇଜୁ ମେଗା କର୍ମଶାଳା କରିବା ଆରମ୍ଭ କଲେ, ଯାହା ଦ୍ୱାରା ସେମାନେ ଛାତ୍ରମାନଙ୍କୁ ସେମାନଙ୍କ ଶିକ୍ଷାଦାନ କେନ୍ଦ୍ରକୁ ଆକର୍ଷିତ କରିପାରିବେ। ଠିକ୍ ଯେପରି ସେ ସେମାନଙ୍କ CAT କ୍ଲାସ୍ ସହିତ କରିଥିଲେଫ ଧୀରେ ଧୀରେ ବ୍ୟାଚ୍ ଆକାର ୨୫,୦୦୦ରେ ପହଞ୍ଚିଥିଲା ଏବଂ ଏହା ସେମାନଙ୍କ ପାଇଁ ଆରମ୍ଭ ଥିଲା। ବିଜୁ ହୃଦୟଙ୍ଗମ କଲେ ଯେ ପ୍ରତ୍ୟେକ ଛାତ୍ରଙ୍କର ଭିନ୍ନ ଉପାୟ ଏବଂ ଶିକ୍ଷାର ଗତି ଭିନ୍ନ। କମ୍ପାନୀ ବିଶେଷଜ୍ଞମାନଙ୍କୁ ନିଯୁକ୍ତି ଦେଲା, ଭିଡିଓ ଏବଂ ଆନିମେସନ୍ ସହିତ ପାଠ୍ୟକୁ ମିଶ୍ରିତ କଲା, ଦୈନନ୍ଦିନ ଉଦାହରଣ ମାଧ୍ୟମରେ ଧାରଣା ବ୍ୟାଖ୍ୟା କରିବାକୁ ଚେଷ୍ଟା କଲା। ଏହା ଭାରତୀୟ ଶିକ୍ଷା ବ୍ୟବସ୍ଥାରେ ବୈପ୍ଳବିକ ପଦକ୍ଷେପ ଥିଲା। ବାସ୍ତବରେ ଆମର ସିଷ୍ଟମ ଦଶନ୍ଧି ଧରି ଛାତ୍ରମାନଙ୍କୁ ଅଙ୍କ ପ୍ରାପ୍ତ କରିବା ଉପରେ ଅଧିକ ଧ୍ୟାନ ଏବଂ ଶିକ୍ଷା ଉପରେ କମ୍ ଧ୍ୟାନ ଦେବାକୁ ଶିଖାଇଛି। ଅର୍ଥାତ, ମାର୍କ ଉପରେ ଅଧିକ ଏବଂ ମୌଳିକ ଧାରଣା ଉପରେ ବିଲକୁଲ ନୁହେଁ। ଶିକ୍ଷା ସିଷ୍ଟମ୍ ପରିବର୍ତ୍ତନ କରିବାକୁ ବାୟଜୁଙ୍କ ପ୍ରୟାସ ଥିଲା। ୨୦୧୨ରେ, ସେ ମଣିପାଲ ଗ୍ରୁପର ରଞ୍ଜନ ପାଇଙ୍କୁ ଭେଟିଥିଲେ। ରଂଜନ ପାଇ ଘର ସହରକୁ ଆସିଥିଲେ, ଯେଉଁଠାରେ ସେ ଛାତ୍ରମାନଙ୍କୁ ଜଣେ ଶିକ୍ଷକଙ୍କ ସମ୍ପୂର୍ଣ୍ଣ ଏକାଗ୍ରତା ସହିତ ଶୁଣୁଥିବାର ଦେଖିଲେ। ପାଇ ବାୟଜୁଙ୍କ ସହ କଥାବାର୍ତ୍ତା କରନ୍ତି। ଏବଂ ଶେଷରେ, ପାଇ ବାୟଜୁରେ ୫୦ କୋଟି ବିନିଯୋଗ କରନ୍ତି। କିନ୍ତୁ ଗୋଟିଏ ସର୍ତ୍ତ ଥିଲା, ବାୟଜୁଙ୍କୁ ଡିଜିଟାଲ୍ ଯିବାକୁ ପଡିବ। ୩ ବର୍ଷ ପରେ, ୨୦୧୫ ରେ, ବାୟଜୁ ଲର୍ଣ୍ଣିଂ ଆପ୍ ଲଞ୍ଚ କଲା । ବୋର୍ଡ ପରୀକ୍ଷା ପ୍ରସ୍ତୁତି ଠାରୁ ଆରମ୍ଭ କରି ବାଳାଶ୍ରମ ପର୍ଯ୍ୟନ୍ତ କମ୍ପାନୀ ବିଦ୍ୟାଳୟ ଶିକ୍ଷା ପାଇଁ ସମ୍ପୂର୍ଣ୍ଣ ବିନିଯୋଗ କରିଥିଲା। ଜୁନ୍ ୨୦୧୫ରେ, କମ୍ପାନୀ ସେକ୍ୱୋୟା କ୍ୟାପିଟାଲ୍ ଇଣ୍ଡିଆରୁ ୨୫ ମିଲିୟନ୍ ଡଲାରର ପୁଞ୍ଜି ବିନିଯୋଗ କରିଥିଲା, ଯାହାକୁ ବର୍ତ୍ତମାନ ପିକ୍ XV ଭେଞ୍ଚର ଭାବରେ ନାମିତ କରାଯାଇଛି। ପରବର୍ତ୍ତୀ ବର୍ଷ ଚାନ୍-ଜୁକରବର୍ଗଙ୍କ ଉଦ୍ୟମରେ କମ୍ପାନୀ ୫୦ ମିଲିୟନ୍ ଡଲାର୍ ସଂଗ୍ରହ କରିଥିଲା। ବିଜୁ ବର୍ତ୍ତମାନ ଲାଇମ୍ ଲାଇଟ୍‌ରେ ଥିଲେ ଏବଂ ଲୋକମାନେ ଏଥିରେ ବିନିଯୋଗ କରିବାକୁ ପ୍ରସ୍ତୁତ ଥିଲେ। ସେମାନେ ଶାହାରୁଖ ଖାନଙ୍କୁ ବ୍ରାଣ୍ଡ ଆମ୍ବାସାଡର କରିଥିଲେ। ୨୦୧୭ରେ, ହାର୍ଭାର୍ଡ ବିଜନେସ୍ ସ୍କୁଲ୍ ବାୟଜୁ କିପରି ଏକ ଶିକ୍ଷଣ ଇକୋସିଷ୍ଟମ୍ ଉପରେ ପ୍ରଭାବ ପକାଉଥିଲା ସେ ସମ୍ବନ୍ଧରେ ଏକ କେସ୍ ଷ୍ଟଡି ପ୍ରସ୍ତୁତ କରିଥିଲା। ବାୟଜୁଙ୍କ ଇଣ୍ଡଷ୍ଟ୍ରିରେ ଏକ ବଡ ନାମ ହେଲା। ଅଭିବୃଦ୍ଧି ଆହୁରି ଅଧିକ ଟଙ୍କା ଆକର୍ଷିତ କଲା। ୨୦୧୮ ଶେଷ ସୁଦ୍ଧା, ବାୟଜୁ ଭାରତର ପ୍ରଥମ ଏଡ୍-ଟେକ୍ ୟୁନିକର୍ନ୍ ହୋଇଥିଲେ। ଅର୍ଥାତ, ୟୁନିକର୍ଣ୍ଣ, ଯେତେବେଳେ ଏକ କମ୍ପାନୀର ମୂଲ୍ୟ ୧ ବିଲିଅନ ଡଲାର'ରୁ ଅଧିକ ହୋଇଥାଏ। ତା'ପରେ, COVID-୧୯ ଆସେ।। ଏଡ-ଟେକ୍ କମ୍ପାନୀଗୁଡିକ ପାଇଁ ଏକ ବଡ଼ ସୁଯୋଗ ଥିଲା। ଏଡ-ଟେକ୍ କମ୍ପାନୀଗୁଡିକ ଏକ ବିରାଟ ସୁଯୋଗ ଦେଖି ଶିକ୍ଷାର ବ୍ୟବଧାନ ପୂରଣ କରିବାକୁ ପଡ଼ିଆକୁ ଡେଇଁଲେ। ସୁଯୋଗର ଫାଇଦା ନେବାକୁ, ଅନଲାଇନ୍ ଲର୍ଣ୍ଣିଂ କମ୍ପାନୀଗୁଡିକ ସର୍ବପ୍ରଥମେ ଛାତ୍ରମାନଙ୍କ ପାଇଁ ସେମାନଙ୍କର ପ୍ଲାଟଫର୍ମକୁ ମାଗଣା ପ୍ରବେଶ କରାଇଲେ। ମାର୍ଚ୍ଚରୁ ଅକ୍ଟୋବର ୨୦୨୦ ମଧ୍ୟରେ ପୃଷ୍ଠା ଦୃଶ୍ୟ ୧୫% ବୃଦ୍ଧି ପାଇଲା। ଭାରତୀୟ ସରକାର ମଧ୍ୟ ଏକ ଜାତୀୟ ଶିକ୍ଷା ନୀତି ପ୍ରଣୟନ କରିଥିଲେ ଯେଉଁଥିରେ ଅନଲାଇନ୍ ଶିକ୍ଷା ଉପରେ ଅଧିକ ଧ୍ୟାନ ଦିଆଯାଇଥିଲା। ଏବଂ ଏସବୁର ଫଳାଫଳ ହେଲା, ଏଡ୍-ଟେକ୍ ର ସ୍ପାର୍କ ଜଙ୍ଗଲରେ ନିଆଁରେ ପରିଣତ ହେଲା। ଏପ୍ରିଲ୍ ୨୦୨୦ରୁ ମେ ୨୦୨୨ ପର୍ଯ୍ୟନ୍ତ ଏଡ୍-ଟେକ୍ କ୍ଷେତ୍ର ଭେଞ୍ଚର ପୁଞ୍ଜିପତି ଏବଂ ସେମାନଙ୍କ କମ୍ପାନୀଗୁଡିକରୁ ୬.୬୫ ବିଲିୟନ ଡ଼ଲାର୍ ପାଣ୍ଠି ଗ୍ରହଣ କରିଥିଲେ। ବର୍ତ୍ତମାନ ଏହା ବିଷୟରେ ଚିନ୍ତା କର, ଏହି ୩.୩ ବିଲିୟନ ଡଲାରର ଅଧା ବାଇଜୁଙ୍କ ନିକଟକୁ ଯାଇଥିଲା, ତେଣୁ ଏହା ଏକ ବଡ ବେଟ ଥିଲା। ଏହି କମ୍ପାନୀର ମୂଲ୍ୟ କେବଳ ଦ୍ୱିଗୁଣିତ ହୁଏ ନାହିଁ, ଏହା ତିନିଗୁଣ ହୋଇ ରାତାରାତି ପରି ୨୨ ବିଲିୟନ ଡଲାରରେ ପହଞ୍ଚେ। ଏହା ଦେଖି ବାୟଜୁ ଅନେକ କମ୍ପାନୀ କିଣିବା ଆରମ୍ଭ କଲେ। କାରଣ, ସେତେବେଳେ ତାଙ୍କ ୱାଲେଟରେ ଟଙ୍କା ଥିଲା।

ଏହି ତାଲିକାରେ କୋଡିଂ ପ୍ଲାଟଫର୍ମ, White Hat Junior, ଅଫଲାଇନ୍ କୋଚିଂ ଇନଷ୍ଟିଚ୍ୟୁଟ୍ ଆକାଶ, କେ -୧୨ ପ୍ଲାଟଫର୍ମ ଟପ୍ପର ଏବଂ ଉଚ୍ଚଶିକ୍ଷା ପ୍ଲାଟଫର୍ମ ଗ୍ରେଟ୍ ଲର୍ନିଂ ଅନ୍ତର୍ଭୁକ୍ତ ଥିଲା। ଏହି ଅନ୍ଧ ଅଭିବୃଦ୍ଧିର ପଥରେ, ବାୟଜୁର ଚକ ଖସିଗଲା। କାରଣ ବାୟଜୁ ଖୁବ୍ ଶୀଘ୍ର ବହୁତ ବଡ ପାଠ୍ୟପୁସ୍ତକ ହୋଇଗଲା। ଏହି କାରଣରୁ କମ୍ପାନୀ ବହୁତ ଚାପରେ ଥିଲା। ଆଶା ବଢିବାକୁ ଲାଗିଲା ଯେ ବର୍ତ୍ତମାନ ଆପଣଙ୍କୁ ତ୍ୱରିତ ଅଭିବୃଦ୍ଧି ଦେଖାଇବାକୁ ପଡିବ। ଏହି ସବୁ କାରଣରୁ କମ୍ପାନୀର କର୍ମଚାରୀଙ୍କ ଉପରେ ବହୁତ ଚାପ ପଡିଥିଲା। କମ୍ପାନୀର ଆକାଉଣ୍ଟରେ ମଧ୍ୟ ଅନେକ ପ୍ରଭାବ ପଡିଥିଲା- ସେମାନେ ମଧ୍ୟ ପ୍ରଭାବିତ ହୋଇଥିଲେ ଯେ ୨୦୨୨ ଶେଷ ସୁଦ୍ଧା ବାଇଜୁଙ୍କ ପତନ ଘଟିବାକୁ ଯାଉଥିଲା କାରଣ ଏହା ଆଶା ପୂରଣ କରିବାକୁ ଅସଫଳ ହୋଇଥିଲା। ଆରମ୍ଭରୁ କମ୍ପାନୀରେ ବ୍ୟବସ୍ଥିତ ସମସ୍ୟା ଦେଖାଦେଇଥିଲା। ମହାମାରୀ ଏବଂ ଅନ୍ଧ ଅଭିବୃଦ୍ଧି ପରିସ୍ଥିତିକୁ ଆହୁରି ଖରାପ କରିଦେଲା। କର୍ମଚାରୀମାନେ ବିଷାକ୍ତ କାର୍ଯ୍ୟ ସଂସ୍କୃତି ବିଷୟରେ କଥାବାର୍ତ୍ତା କଲେ ... ଅସମ୍ଭବ ଲକ୍ଷ୍ୟ, ସ୍ଥାୟୀ ସମୟ, ଅପଶବ୍ଦ କହୁଥିବା ବସ୍, ଏହା ବୃଦ୍ଧି ପାଇଲା। *(କ୍ରମଶଃ)*

# ହିମାଳୟ ସଦୃଶ ଉତ୍ତୁଙ୍ଗ ବ୍ୟକ୍ତିତ୍ୱ




ଗାୟତ୍ରୀ ଦାଶ


ଛୋଟ ବେଳରୁ ସବୁ ସମୟରେ ଆମେ ନନାଙ୍କୁ ଗୁରୁ ଗମ୍ଭୀର ରୂପରେ ହିଁ ଦେଖି ଆସୁଥିଲୁ। ରାଶି ଥିଲା ସିଂହ ଓ ଠାଣିମାଣି ମଧ୍ୟ ଠିକ୍ ସେହିପରି। କାହାର ଦେହ ଖରାପ ଥିଲେ କିମ୍ବା ଘରେ ବା ବାହାରେ ଆମେ ଖାଇବା ଓ ଆମକୁ ଖୁଆଇବା ସମୟରେ ନନାଙ୍କର ଏକ ସମ୍ପୂର୍ଣ୍ଣ ଭିନ୍ନ ସଦୟ ରୂପ ଆମେ ଦେଖୁ। ନଚେତ୍ ଅନ୍ୟ ସମୟରେ କୁଆଡେ ବୁଲି ଯାଇ ପାରିବନି, ରେଡ଼ିଓ ଶୁଣି ପାରିବନି, ଖେଳି ପାରିବନି, ଗଛରେ ଚଢି ପାରିବନି, ବନ୍ଧୁ ବାନ୍ଧବ କି ସାଇ ପଡିଶା ସାଙ୍ଗ ସାଥି କାହା ସହ ହସଖୁସିରେ ଗପି ପାରିବନି। ମୋଟାମୋଟି ଭାବେ କେବଳ ଭର୍ ପେଟ ଖାଇବା, ଆଠ ଘଣ୍ଟା ଶୋଇବା ଛଡ଼ା ବାକି ରାତିଦିନ ବହି ଉପରେ ମୁହଁ ମାଡ଼ି ଖାଲି ପଢ଼ିବା ପାଇଁ ହିଁ ଥିଲା ନନାଙ୍କର ଆମ ମାନଙ୍କ ପ୍ରତି ଅଲିଖିତ ନିର୍ଦ୍ଦେଶ। ଅଫିସ୍‌ର ଅତ୍ୟଧିକ କାର୍ଯ୍ୟ ଚାପ ଓ ଗୁଡାଏ ବନ୍ଧୁ ବାନ୍ଧବଙ୍କ ବିଭିନ୍ନ ଦାୟିତ୍ୱ ଥିବା ସତ୍ତ୍ୱେ ଆମ ମାନଙ୍କର ଖାଦ୍ୟପେୟ, ଶିକ୍ଷା ଓ ସ୍ୱାସ୍ଥ୍ୟକୁ ନେଇ ସେ କିନ୍ତୁ ରହୁଥିଲେ ସତତ ଯତ୍ନବାନ୍।

କିନ୍ତୁ କାହିଁକି କେଜାଣି ଆମର ବାଲ୍ୟ ସମୟର ଅଗଣିତ ଛୋଟ ବଡ଼ ଇଚ୍ଛା, ଆଗ୍ରହ ବା ସ୍ୱାଧୀନତା ଉପରେ ତାଙ୍କର ଅନେକାଂଶ ଭାବେ ଅଙ୍କୁଶ ରହୁଥିଲା। ଯଦିଓ ଏସବୁକୁ ନେଇ ଆମେ ସେ ସମୟରେ ବୋଉ ସାମ୍ନାରେ ଗଭୀର ଅସନ୍ତୁଷ୍ଟତା ଜାହିର୍ କରୁଥିଲୁ କିନ୍ତୁ ନନାଙ୍କ ଆଗରେ ହୋଇ ଯାଉଥିଲୁ ସମ୍ପୂର୍ଣ୍ଣ ଭାବେ ବାକ୍ ରୁଦ୍ଧ।

ଧୀରେ ଧୀରେ ସମୟର ଗତିଚକ୍ର ଓଲଟିଲା। ନାତି ନାତୁଣୀ ଆସିବା ପରେ ନନାଙ୍କ ବ୍ୟବହାରରେ ଅଭୂତପୂର୍ବ ପରିବର୍ତ୍ତନ ଆମେ ଉପଲବ୍ଧି କଲୁ। ଗୋଟିଏ ଉଦାହରଣ ଦେଉଛି। ଗୋପୀକୁ ୫/୬ ବର୍ଷ ବୟସ ହେବ। ନନା ଓ ଆମେ କଲିକତାରେ ଥାଉ। ନନା ସେତେବେଳକୁ ଚାକିରିରୁ ଅବସର ନେଇ ସାରି ଥାଆନ୍ତି। ଯଦିଓ ଗୋପୀର ନାମଲେଖା ପାଖରେ ଥିବା ସ୍କୁଲରେ ହୋଇଥାଏ ସେ କିନ୍ତୁ କିଛି ନା କିଛି ବାହାନା କରି ଅଧିକାଂଶ ଦିନ ସ୍କୁଲ୍ ଯାଏ ନାହିଁ। ଆମେ ଦୁଇ ଜଣ ୯ଟାରେ ଅଫିସ ବାହାରିଯାଉ ଓ ଫେରୁ ସନ୍ଧ୍ୟା ପାଖାପାଖି। ଗୋପୀ ଦିନସାରା ଘରେ ରହିଲେ କାଳେ ଦିନ ସାରା ନନାଙ୍କୁ ବ୍ୟସ୍ତ ବିବ୍ରତ କରିବ ସେ ଆଶଙ୍କାରେ ମୁଁ ତାକୁ ବୁଝାଇ ବସିଲେ ନନା କହିବେ "ମୋର କଣ ଅସୁବିଧା ? ସେ କଣ ଦୁଷ୍ଟ ପିଲା ? ତାର ସେ ଗପ ବହି ପଢ଼ିବ, ଟିଭି ଟିକେ କେତେବେଳେ ଦେଖିବ, ମୋ ସହିତ ଟିକେ ଗପିବ। ଖାଇବା ତ ମଞ୍ଜୁ (କାମବାଲୀ) ବୁଝୁଛି। ଦରକାର ହେଲେ ସେ ନିଜେ ନିଜେ ମଧ୍ୟ ରୋଷେଇ ଘରୁ ନେଇ ଆସେ। ଛୋଟ ପିଲାଙ୍କ ଉପରେ ଜବରଦସ୍ତି କଣ୍ ? ଆଜି ରହିଯାଉ ଘରେ।" ନନାଙ୍କ ସାହସ ପାଇ ଗୋପୀ ଜିଦ୍ କରେ ନ ଯିବାକୁ ଓ ମୁଁ ବାଧ୍ୟ ହୋଇ ଚୁପ୍ ହୋଇଯାଏ। ସତ କହିବାକୁ ଗଲେ ସକାଳୁ ସକାଳୁ ଅସଂଖ୍ୟ ଦାୟିତ୍ୱ ସମ୍ଭାଳି ସମ୍ଭାଳି ମୋର ଆଉ ଶକ୍ତି ନ ଥାଏ ଯୁକ୍ତି କରିବାକୁ ଓ ଏମିତିରେ ନନାଙ୍କ କଥା କାଟିବାକୁ ଭୟ ଲାଗେ।

ଥରେ ମୁଁ ବ୍ୟାଙ୍କରୁ ଜଣେ ବାନ୍ଧବୀ ସହ ଟ୍ୟାକ୍ସିରେ କଲୋନୀ କ୍ୱାଟରସ୍ ଫେରୁଥାଏ। ଘର ପରିବାର ବିଷୟରେ ବିଭିନ୍ନ ଗପସପ ଭିତରେ ସେ ହଠାତ୍ କହିଲା – "ଗାୟତ୍ରୀ, ତୁମ ଝିଅ ମଉସାଙ୍କ ପାଖରେ କଣ ସାରା ଦିନ ରହେ ? ତା କଥା ବୁଝିବା ପାଇଁ ମେଡ୍ ରଖିନ ?" ମୁଁ ବୁଝି ପାରୁନଥିଲି ସେ କଣ କହିବାକୁ ଚାହୁଁଛି ? ସେ କିନ୍ତୁ କହି ଚାଲିଥାଏ। "ମୁଁ ଏଇ କିଛି ଦିନ ତଳେ ପ୍ରୋମୋସନ୍ ପରୀକ୍ଷା ପ୍ରସ୍ତୁତି ପାଇଁ ଦୁଇ ସପ୍ତାହ ଛୁଟିରେ ଥିଲି। ଆମ ଫ୍ଲାଟ୍ ତ କଲୋନୀ ଗେଟ୍ ପାଖରେ ଓ ଉପର ମହଲାରେ। ମୁଁ ଦିନ ବେଳା ଝରକା ପାଖରେ ବସି ପଢେ। ଦିନେ ୧୧ ଟା ସମୟ ହେବ। ଗୋଟେ ଛୋଟ ପିଲାର କାନ୍ଦ ଶୁଣିଲି। ତଳକୁ ଚାହିଁ ଦେଖେ ତ ଗେଟ୍ ସାମ୍ନାରେ ମଉସା (ନନା) ଓ ତୁମ ଝିଅ। ସେ ବହୁତ୍ ଜୋରରେ କାନ୍ଦୁଥାଏ ଓ ମଉସାଙ୍କୁ ସାଙ୍ଘାତିକ ଭାବେ ହଲାପଟା କରୁଥାଏ। କିଛି ଗୋଟେ କଥା ପାଇଁ ଜିଦ୍ କରୁଥିଲା ବୋଧହୁଏ। ମଉସା ତାକୁ ବୁଝାଇବାକୁ ଚେଷ୍ଟା କରୁଥାନ୍ତି। ସେ କିନ୍ତୁ ଶୁଣୁ ନଥାଏ। ଯାହାହେଲେ ମଧ୍ୟ ମଉସାଙ୍କ ବିକଳ ଅବସ୍ଥା ଦେଖି ମତେ ବହୁତ୍ ଖରାପ ଲାଗିଲା।"

ବାନ୍ଧବୀକୁ ଯେତିକି ଖରାପ ଲାଗିଥିଲା ଏ କଥା ଶୁଣି ମୋ ମନ ଅଧିକ ଦୁଃଖରେ ଭରିଗଲା ନନାଙ୍କ ହଇରାଣ କଥା ଭାବି। ଗୋପୀ ଭଳି ଶାନ୍ତ ସ୍ୱଭାବର ପିଲା ମୋ ପଛରେ ଏଭଳି ବଦମାସୀ କରୁଛି ଭାବି ଅସମ୍ଭବ ବିରକ୍ତି ବୋଧ ହେଉଥାଏ। ସବୁଦିନ ମୁଁ ଫେରିବା ବେଳେ ଗୋପୀ ରାସ୍ତାକୁ ସାମ୍ନା କରିଥିବା ଆମ ଘର ଝରକା ପାଖରେ ରହି ମତେ ଅପେକ୍ଷା କରିଥିବ। ନନା ପାଖରେ ଚେଆରରେ ବସି ପେପର ପଢୁ ଥିବେ। ମତେ ଦେଖି ସେ ଦୌଡ଼ି ଆସି କବାଟ ଖୋଲି ବ୍ୟାଗ୍‌ଟା ଟାଣି ନିଏ ମା' କଣ୍ ଆଣିଛି ଦେଖିବାକୁ। ସେଦିନ ସେୟା କଲା। ମୁଁ କିନ୍ତୁ ନିହାତି ନିଷ୍ଠୁର ଢଙ୍ଗରେ ବ୍ୟାଗ୍ ଛାଡ଼ି ନନାଙ୍କ ରୁମକୁ ଆସିବାକୁ ତାକୁ ନିର୍ଦ୍ଦେଶ ଦେଲି ଓ ସେ ଆସିଲା ମଧ୍ୟ। ମୁଁ ସିଧା ସିଧା ନନାଙ୍କ ସାମ୍ନାରେ ତାକୁ ଠିଆ କରେଇ ପଚାରିଲି "ତୁ କଣ ସବୁଦିନ ମୁଁ ନଥିଲା ବେଳେ ଅଜାଙ୍କୁ ଏମିତି ହଇରାଣ କରୁ ? ମୁଁ ଭାବୁଥିଲି ତୁ ଭଲ ଝିଅ ଓ ଜମା ଦୁଷ୍ଟାମୀ କରୁନଥିବୁ। ମୋ ବିଶ୍ୱାସକୁ ତୁ ଏଇଭଳି ଭାବେ ଭାଙ୍ଗିଲୁ ?" ଗୋପୀ ଭୀତକ୍ରସ୍ତ ଚାହାଣିରେ ମୋତେ ଟିକେ ନନାଙ୍କ ଆଡେ ଟିକେ ଦେଖୁଥାଏ। ସେ ଯଦିଓ ଜାଣୁଥାଏ ଯେ ମା' ଏତେ ରାଗୁଛି ମାନେ ନିଶ୍ଚିତ ଭାବେ ବଡ଼ ଭୁଲ ଟିଏ ହୋଇଯାଇଛି କିନ୍ତୁ ଅଜାଙ୍କୁ ସେଭଳି କରିବାଟା କାହିଁକି ଭୁଲ୍‌ରେ ଗଣା ହେବ ସେକଥା ତା' ବୁଝିବା ଶକ୍ତିର ବାହାରେ ମନେ ହେଉଥିଲା। ହଠାତ୍ ନନା ମତେ କ୍ରୁଦ୍ଧ ଦୃଷ୍ଟି ନିକ୍ଷେପ କରି କହିଲେ – "କିଏ ସେ ତତେ ଏ କଥା କହିଲା ? ଯିଏ ହେଉ ସେ, ତା'ର କଣ୍ ଅସୁବିଧା ହେଉଥିଲା ? ଛୁଆଟା ମା'କୁ ଛାଡ଼ି ଘରେ ରହୁଛି। ଆମେ ସେଦିନ ଚକ୍ଲେଟ୍ ଆଣିବାକୁ କଲୋନୀ ସାମ୍ନା ଦୋକାନକୁ ଯାଇଥିଲୁ। ଦୋକାନ ଖୋଲା ନଥିଲା। ପିଲା ଲୋକ। ଚକ୍ଲେଟ୍ ନ ମିଳିବାରୁ କାହିଁକି ଦୋକାନ ଖୋଲା ନାହିଁ ବୋଲି ମତେ ଟଣାଓଟରା କରି ପଚାରୁଥିଲା ଓ କାନ୍ଦୁଥିଲା। ପିଲାଟା ବିକଳ ହୋଇ କାନ୍ଦୁଛି, ତୋର ସାଙ୍ଗକୁ ସେଇଟା ଦେଖାଗଲାନି। ସେ ତ ମତେ କରୁଥିଲା। ତାର କଣ୍ ଗଲା ?"

ମୁଁ ଡରି ଯାଇ କହିଲି –" ନନା, ଗୋପୀ ତୁମକୁ ସତରେ ହଇରାଣ କରୁନି ତ ?"

ଆହୁରି ରାଗିଯାଇ କହିଲେ " ତାର ମୋର କଥା। ସେଥିରେ ତୁ କହିବାକୁ କିଏସେ। ସେ କହିବାକୁ କିଏସେ। ଗଲା ବର୍ଣ୍ଣନା କରୁଛି.... ମଉସାଙ୍କୁ ଏମିତି କଲା ସେମିତି କଲା। ମୁଁ ତାକୁ କହିଥିଲି ?"

କଥା ଅନ୍ୟ ଦିଗରେ ଯାଉଛି ଦେଖି ମୁଁ ଚୁପଚାପ୍ ରୋଷେଇ ଘରକୁ ଚାଲିଗଲି। ଗୋପୀ ମୋ ପଛେ ପଛେ।

ମୋର ମନେହୁଏ ନନାଙ୍କ ହିମାଳୟ ସଦୃଶ ଉତ୍ତୁଙ୍ଗ ବ୍ୟକ୍ତିତ୍ୱର ଏହି ଉଦାର ଦିଗକୁ ତାଙ୍କର ସବୁ ନାତିନାତୁଣୀ ମାନେ କେବେ ନା କେବେ ଅକ୍ଷେ ବହୁତେ ଅନୁଭବ କରିଥିବେ। କୋଟି ପ୍ରଣାମ।

*ମଧୁସୂଦନ ନଗର, ଭୁବନେଶ୍ୱର*

# କିଛି ଗୋଟିଏ ନୂଆ ହେଉ


ପ୍ରଦୀପ୍ତ କୁମାର ମିଶ୍ର


ନବବର୍ଷର ପ୍ରାରମ୍ଭରେ ଆମ ମଧ୍ୟରେ ଅନେକଙ୍କର ଅନୁଚିନ୍ତା ଆସେ କିଛି ଗୋଟିଏ ନୂଆ ହୋଇଯାଉ କିନ୍ତୁ ସେହି ଭାବନା ପ୍ରକାରାନ୍ତେ ସମୟର ଦୌଡ଼ରେ ପୁଣି ପୁରୁଣା ହୋଇଯାଏ। ନୂଆ ଭାବନା ପୁଣି ପୁରୁଣା ହୋଇଯାଏ। ଯଥା ପୂର୍ବମ ତଥା ପରମ କଥାରେ ସବୁ ଆବେଗ ଫିକା ପଡ଼ିଯାଏ। ନୂଆ ଭାବରେ କିଛି ଭାବନା ଯଦି ରହିଯାଆନ୍ତା ତେବେ ଆମେ ଅନେକ ସଚେତନ ହୋଇପାରନ୍ତେ। ଆମ ପରିବାର ମଧ୍ୟରେ ସ୍ନେହ ସୌହାର୍ଦ୍ଦ୍ୟ ସର୍ବଦା ବଳବତ୍ତର ରହିପାରନ୍ତା। ଆମ ମନରୁ ଦୂର ହୋଇଯାଇ ପାରନ୍ତା ଅସହିଷ୍ଣୁତା, ସହିଷ୍ଣୁତା ସବୁଠାରୁ ଭଲ ଗୁଣକୁ ଆମେ ଆପଣେଇଲେ ସାମ୍ୟବସ୍ଥା ସୃଷ୍ଟି ହୋଇପାରନ୍ତା। ଏହିଗୁଣ ରାଷ୍ଟ୍ର ଗଠନରେ ବ୍ୟବହାର ହେଲେ ଆମମଧ୍ୟରେ ଦେଶପ୍ରିତି ଭାବର ଉନ୍ମେଷ ହୋଇପାରନ୍ତା ଅବଶ୍ୟ। ପ୍ରତ୍ୟେକ ବ୍ୟକ୍ତିର ଉକ୍ତିକୁ ତର୍ଜମା କରିବା ଓ ଭଲକୁ ସ୍ୱୀକାର କରିବାର ମାନସିକତା ଆମ ମଧ୍ୟରେ ପ୍ରସାରିତ ହୋଇପାରନ୍ତା। ଆମେ ପ୍ରକୃତରେ ସବୁଦିନ ପ୍ରଭାତରେ ଏକ ନୂଆ ଆଶା ନେଇକରି ଦିବସ ଆରମ୍ଭ କରନ୍ତି। କିନ୍ତୁ ଦିନର ବୃଦ୍ଧି ହେଲେ ସେସବୁ ଭୁଲିଯାଇ ଚିରାଚରିତ ଜୀବନକୁ ଫେରିଯାନ୍ତି। ସେମିତି ବର୍ଷର ଆରମ୍ଭରେ ଆମର ମନୋଭାବ ଭବିଷ୍ୟତରେ ବଦଳିଯାଏ। ସେ ଯାହାହେଉ ଏବେ ଏକ ନିର୍ଣ୍ଣାୟକ ଚିନ୍ତାଧାରା ନେଇ ନୂଆବର୍ଷର ଆରମ୍ଭ କରିବାକୁ ହେବ। ବିଶେଷ ଭାବରେ ଆମେ ଆମ ଚତୁଃପାର୍ଶ୍ୱକୁ ସର୍ବଦା ସଫା ରଖିବାର ଏକ ନୂଆ ଶପଥ ନେବାଉଚିତ। ଏହା ସଦାସର୍ବଦା ଆମ ମନ ମଧ୍ୟରେ ରହିବା ଆବଶ୍ୟକ। ଆମ ବୁଲିବା ସ୍ଥାନ ଓ କାର୍ଯ୍ୟାଳୟ ଘରକୁ ଯଥା ସମ୍ଭବ ସଫାରଖିବାକୁ ଉଦ୍ୟମ କରିବା। ଆମେ ଯଦି ନିଶାର ବଶବର୍ତ୍ତୀ ହୋଇଛନ୍ତି ତେବେ ଏହାକୁ ଛାଡିବାର ଅଭ୍ୟାସ ଜାରି କରିବା ଦରକାର।ଏହା ଏତେଶୀଘ୍ର ସମ୍ଭବ ନହେଲେ ମଧ୍ୟ ଆମେ ସକାରାତ୍ମକ ମନୋଭାବ ରଖି କାମ କଲେ ଆସନ୍ତାସମୟରେ ଏହାକୁ ସମ୍ପୂର୍ଣ୍ଣ ଦୂରେଇ ଦେଇପାରିବା। ପୁନଶ୍ଚ ଅନ୍ୟମାନଙ୍କୁ ପ୍ରଭାବିତ ମଧ୍ୟ କରିପାରିବା।ନିଶା ନିବାରଣ ପାଇଁ ଆମର ଉଦ୍ୟମ ଆମଠାରେ ଆମକୁ ମାନସିକ ଶାନ୍ତି ପ୍ରଦାନ କରିବ।

ଆମେ ଏହିଦିନକୁ ସମ୍ମାନ ଦେଇ ଜୀବନଚର୍ଯ୍ୟାର ମଧ୍ୟ ପରିବର୍ତ୍ତନ କରିପାରିବା। ଏଥିମଧ୍ୟର ବଗିଚା କରିବା ଗଛ ମାନଙ୍କର ଯତ୍ନ ନେଇପାରିବା। କିଛି ଲୋକମାନଙ୍କ ସହ ବେଶ ଖୁସିର ଆଦାନପ୍ରଦାନ କରି ମନ ମଧ୍ୟରେ ଥିବା କ୍ଲାନ୍ତିକୁ ଦୂରେଇ ପାରିବା। ନିଜ ଘରେ ବିଭିନ୍ନ ବହିର ପାଠାଗାରଟିଏ କରି କିଛି ପଢିପାରିବା। କୌଣସି ମିଛ କିମ୍ବା ଡର ଭୟ କିମ୍ବା ମିଛକଥାରେ ସମୟ ଉପଯୋଗ କରିବାନାହିଁ। ସବୁବେଳେ ଆମ ଅନୁଚିନ୍ତା ମଧ୍ୟରେ ରହିବା ଆବଶ୍ୟକ ଯେ ମୁଁ ପ୍ରକୃତରେ କେତେ ଶାନ୍ତ ହୋଇପାରେ। ଏହାଦ୍ୱାରା ଆମର ଜୀବନଶୈଳୀର ପରିବର୍ତ୍ତନ ଅବଶ୍ୟ ଆସିବ। ଏହି ଚିନ୍ତନ ଆମକୁ ସବୁଥିରେ ଆଗେଇ ନେବାକୁ ମନୋବଳ ଦେବ।

ନୂତନ ବର୍ଷର ପ୍ରତ୍ୟେକ ସପ୍ତାହକୁ ଏକ ନୂଆ ଯୋଜନା ରେ ରଖିପାରିଲେ ଆମେ ଯେଉଁ ମାନସିକ ଶାନ୍ତି ପାଇବା ତାହା ନିଶ୍ଚିତ ଆମପାଇଁ ବହୁତ କିଛି ହୋଇପାରିବ ଏହା ନିଶ୍ଚିତ। ଆସନ୍ତୁ କ୍ୱେଳ ଗୋଟିଏ ଦିନର ଖୁସି ନୁହେଁ ବରଂ ଏକ ମଧୁମୟ ଜୀବନ ପାଇଁ ଏହା ସହାୟକ ହେବ ଏହା ସହଜରେ ଅନୁମେୟ।

*ଅରେଇ, ଯାଜପୁର*

*ଦୂରଭାଷ : ୯୬୫୮୬୧୪୭୨୮*


ଯୋଗାଯୋଗ ଠିକଣା

ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭


# ମକର ଚାଉଳ ଓ ଦକ୍ଷିଣର ଗଣପର୍ବ




ଲଳିତ ମୋହନ ମିଶ୍ର


ମକର ସଂକ୍ରାନ୍ତି ଦିନ ସୂର୍ଯ୍ୟ ଧନୁ ରାଶିରୁ ମକର ରାଶିକୁ କ୍ରମଶଃ ଗମନ କରନ୍ତି। ଏହି ଦିନଠାରୁ ସୂର୍ଯ୍ୟଙ୍କର ଉତ୍ତରାୟଣ ଗତି ଆରମ୍ଭ ହୋଇଥାଏ। ହିନ୍ଦୁ ପୁରାଣ ଅନୁଯାୟୀ, ଏହି ବିଶେଷ ଦିନରେ ଭଗବାନ ସୂର୍ଯ୍ୟ ତାଙ୍କ ପୁଅ ଶନିଙ୍କୁ ଦେଖା କରନ୍ତି। ସେହି ସମୟରେ ଭଗବାନ ଶନି.. ମକର ରାଶିର ପ୍ରତିନିଧିତ୍ୱ କରନ୍ତି। ପିତା ଏବଂ ପୁତ୍ରଙ୍କ ମଧ୍ୟରେ ଥିବା ସମ୍ପର୍କକୁ ପାଳନ କରିବା ପାଇଁ, ମକର ସଙ୍କ୍ରାନ୍ତିକୁ ଗୁରୁତ୍ୱ ଦିଆ ଯାଇଥାଏ। ବିଶ୍ୱାସ କରାଯାଏ ପିତା ଏହି ବିଶେଷ ଦିନରେ ନିଜ ପୁଅକୁ ଦେଖା କରନ୍ତି, ସେତେବେଳେ ସେମାନଙ୍କର ବିବାଦର ସମାଧାନ ହୋଇଯାଏ। ସକରାତ୍ମକତା ସୁଖ ଏବଂ ସମୃଦ୍ଧତା ବାଣ୍ଟିଥାନ୍ତି। ଏହା ବ୍ୟତୀତ, ଏହି ଦିନର ଆଉ ଏକ କିମ୍ବଦନ୍ତୀ ଅଛି, ଯାହା ଭୀଷ୍ମ ପିତାମହଙ୍କ ଜୀବନ ସହିତ ଜଡିତ। ଭୀଷ୍ମ ଇଚ୍ଛା ମୃତ୍ୟୁ ମାଗିଥିଲେ। ଭୀଷ୍ମ ଯେତେବେଳେ ଶର ଶଯ୍ୟାରେ ଶୋଇଥିଲି, ସେତେବେଳେ ସୂର୍ଯ୍ୟଙ୍କର ଉତ୍ତରାୟଣ ଦିନକୁ ଅପେକ୍ଷା କରିଥିଲେ। ଏବଂ ସେ ଏହି ନିର୍ଦ୍ଦିଷ୍ଟ ଦିନରେ ପରିତ୍ରାଣ ଲାଭ କରିଥିଲେ। ଏହିଦିନରେ ମହାପ୍ରଭୁ ଜଗତରନାଥ ଶ୍ରୀଜଗନ୍ନାଥଙ୍କର ନବାଙ୍କ ବେଶ ହୁଏ। ସୁନ୍ଦର ସୁବର୍ଣ୍ଣିତ ଗେଣ୍ଡୁ ଫୁଲ ମାଳାରେ ଶୋଭିତ ହୋଇଥାନ୍ତି ଶ୍ରୀଜଗନ୍ନାଥ। ମାତା ମହାଲକ୍ଷ୍ମୀ ଫେରିଥାନ୍ତି ନିଜ ବାପ ଘରରୁ। ତେଣୁ ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ ପୌଷ ମାସରେ ବିବାହ ଆଦି କର୍ମ କରିବାର କୌଣସି ସୁତିଥି, ସୁଲଗ୍ନ ନାହିଁ। ଦିବାକର ଏହିଦିନ ଠାରୁ ଧନୁ ମାସରୁ ମକର ମାସକୁ ଗତି କରନ୍ତି। ଓଡିଶାର ସଂସ୍କୃତି ପରମ୍ପରାର ଏକ ସୁବର୍ଣ୍ଣ ସ୍ମାରକୀ ହେଉଛି ମକର ସଂକ୍ରାନ୍ତି, ଯାହା ବନ୍ଧୁତ୍ୱ ମିଳନର ଏକ ମାଧୁର୍ଯ୍ୟମୟ ଅବଧି। ଏହି ଦିନ ସୂର୍ଯ୍ୟ ଉତ୍ତରଦିଗକୁ ଯାତ୍ରା କରି ଅବସ୍ଥାନ କରୁଥିବାରୁ ବିବାହ, ବ୍ରତ, ଯଜ୍ଞାନୁଷ୍ଠାନ, ଗୃହ, ଦେବାଳୟ ପ୍ରତିଷ୍ଠା ଆଦି ସମସ୍ତ ଶୁଭକର୍ମ ଅନୁଷ୍ଠିତ ହୁଏ। ଏହି ସମୟରେ ଅଭିଷ୍ଟ ସିଦ୍ଧି ପାଇଁ ସୂର୍ଯ୍ୟ ଉପାସନ କରାଯାଏ। ଓଡ଼ିଆ ପ୍ରବାଦ ଅନୁଯାୟୀ 'ମକରଠାରୁ ଦିନ ବକର ହୁଏ', ଅର୍ଥାତ ଏହି ଦିନଠାରୁ ଦିନ କ୍ରମଶଃ ବଡ଼ ହୁଏ। ସୂର୍ଯ୍ୟଙ୍କର ତେଜ ମଧ୍ୟ ଏହି ଦିନଠାରୁ ପ୍ରଖର ହୁଏ। ଦେବୀ ସଂକ୍ରାନ୍ତି ଏହି ତିଥିରେ ଶଙ୍କରାସୁରକୁ ବଧ କରିଥିଲେ। ସୂର୍ଯ୍ୟଙ୍କର ଉତ୍ତରାୟଣ ଗତି ସମୟରେ ଯେଉଁମାନଙ୍କର ପରଲୋକ ହୁଏ, ସେମାନଙ୍କୁ ସ୍ୱର୍ଗଲୋକ ପ୍ରାପ୍ତ ହୁଏ ବୋଲି ହିନ୍ଦୁମାନେ ବିଶ୍ୱାସ କରନ୍ତି। ଆଉ କେତେକ ସ୍ଥାନରେ ଏହି ଦିନ ଶିବଙ୍କୁ ପୂଜା କରାଯାଏ। ଏହି ଦିନ ଉଭୟ ଶିବ ଓ ସୂର୍ଯ୍ୟଙ୍କୁ ପୂଜା ମଧ୍ୟ କରାଯାଇଥାଏ। ଏହି ମକର ସଂକ୍ରାନ୍ତିର ପୂଣ୍ୟକାଳରେ ପ୍ରତ୍ୟୁଷରୁ ନଦୀ, ପୋଖରୀରେ ସ୍ନାନାଦି କାର୍ଯ୍ୟ ସମାପନ କରି ସୂର୍ଯ୍ୟଙ୍କୁ ଦର୍ଶନ କଲେ, ସକଳ ପାପରୁ ମୁକ୍ତି ମିଳେ ବୋଲି ବିଶ୍ୱାସ। ତେଣୁ କେଉଁ ଆବାହମାନ କାଳରୁ ସରୋବର, ନଦୀ ତଟ, ମହୋଦଧି ତୀର ପ୍ରଭୃତି ପବିତ୍ର ସ୍ଥାନମାନଙ୍କରେ ମକର ମେଳା, ସାଧୁସଙ୍ଗ ଓ ମହୋତ୍ସବର ପରମ୍ପରା ଚାଲିଆସିଛି। ଏହି ଦିନ ପ୍ରସିଦ୍ଧ ଗଙ୍ଗାସାଗର ଠାରେ ଏକ ବିରାଟ ମେଳା ହୁଏ। ପୁଣ୍ୟଲାଭ ଆଶାରେ ଏହି ଦିନ ଅନେକ ଧାର୍ମିକ ଲୋକ ଗଙ୍ଗାସାଗରରେ ବୁଡ଼ ପକାଇଥାନ୍ତି। ମକର ସଂକ୍ରାନ୍ତି ଦିନ ଅନେକ ସ୍ଥାନରେ ଗୁଡ଼ି ଉଡ଼ା ପ୍ରତିଯୋଗିତା ଆୟୋଜନ କରାଯାଇଥାଏ। ଏହି ପବିତ୍ର ଦିନରେ ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଦ୍ୱାଦଶ ଯାତ୍ରା ମଧ୍ୟରେ ଅନ୍ୟତମ 'ଉତ୍ତରାୟଣ ଯାତ୍ରା' ବା ମକର ସଂକ୍ରାନ୍ତି ଉତ୍ସବ ମହାସମାରୋହରେ ପାଳିତ ହୋଇଥାଏ। ମକର ସଂକ୍ରାନ୍ତି ବେଳକୁ ଓଡ଼ିଶାରେ ଧାନ, ଆଖୁ ଆଦି ନୂଆଫସଲ ଅମଳ ହୋଇଥାଏ। ତେଣୁ ସେଦିନ ନୂଆ ଧାନରୁ ପ୍ରସ୍ତୁତ ଅପକ୍ୱ ଅରୁଆ ଚାଉଳ, ନୂଆଗୁଡ଼, ଛେନା, ନଡ଼ିଆ, ପାଚିଲା କଦଳୀ, ଘିଅ, କ୍ଷୀର ଇତ୍ୟାଦି ମିଶାଇ ଭୋଗ ପ୍ରସ୍ତୁତ କରି ଘର ଦେବତାଙ୍କୁ ଓ ଧାନଖଳାରେ ଭୋଗ ଲଗାଯାଏ। ଏହି ଭୋଗ 'ମକର ଚାଉଳ' ଭାବେ ପରିଚିତ। କେତେକ ଅଞ୍ଚଳରେ ନୂଆଧାନର ଚାଉଳରେ ପ୍ରସ୍ତୁତ ପୋଡ଼ପିଠା ସହିତ ଗୁଡ, କଦଳୀ, ନଡ଼ିଆ ଓ ଅରୁଆ ଚାଉଳରେ ଭୋଗ କରାଯାଇ ଦେବା ଦେବୀଙ୍କ ପାଖରେ ଦିଆଯାଏ। ସୂର୍ଯ୍ୟଙ୍କ ଯୋଗୁଁ କୃଷିକ୍ଷେତରେ ଶସ୍ୟ ଉତ୍ପନ୍ନ ହେଉଥିବାରୁ କୃଷକମାନେ ମକର ସଂକ୍ରାନ୍ତିର ପୂଣ୍ୟକାଳରେ ସୂର୍ଯ୍ୟଙ୍କୁ ନୂତନ ଶସ୍ୟ ଅର୍ପଣ କରି ପୂଜାର୍ଚ୍ଚନା କରିଥାନ୍ତି। ମକର ସଂକ୍ରାନ୍ତି ଦିନ ସୂର୍ଯ୍ୟ ଉତ୍ତରାୟଣ ହୋଇ ମକର ରାଶିକୁ ଆସନ୍ତି। ବିଶ୍ୱାସ ଯେ ପ୍ରତି ସଂକ୍ରାନ୍ତିରେ ସୂର୍ଯ୍ୟ ଗୋଟିଏ ଲେଖାଏଁ ରାଶିକୁ ଗମନ କରନ୍ତି, ଏବି ଏକ ମାସ ଅବସ୍ଥାନ କରନ୍ତି। ସେଥିରୁ ଅନ୍ୟତମ ମକର ସଂକ୍ରାନ୍ତି। ଏହା ଏକ ସର୍ବ ଭାରତୀୟ ପର୍ବ। ଦକ୍ଷିଣରେ ଏହାକୁ ପୋଙ୍ଗଲ କୁହନ୍ତି। ଏହିଦିନଠାରୁ ଦକ୍ଷିଣରେ ନୂଆବର୍ଷ ଆରମ୍ଭ ହୁଏ। ଏହି ପର୍ବଟିକୁ ଦାକ୍ଷିଣାତ୍ୟରେ ଚାରିଦିନ ପାଳନ କରାଯାଏ। ଏହା ତାମିଲ ସମ୍ପ୍ରଦାୟର ଫସଲ କଟା ଗଣପର୍ବ। ଲୋକମାନେ ଏହାକୁ ଧୁମଧାମରେ ପାଳନ କରନ୍ତି। ପୋଙ୍ଗଲର ପ୍ରଥମ ଦିନକୁ ଭୋଗୀ ପୋଙ୍ଗଲ କୁହାଯାଏ । ଏହିଦିନ ସକାଳୁ ନିଜ ଘରର ସମସ୍ତ ଅନାବଶ୍ୟକ ଜିନିଷକୁ ଗୋବର ଘସିରେ ନିଆଁ ଲଗାଇ ପୋଡନ୍ତି। ଶୀତ ଦିନେ ଧରିତ୍ରୀ ମାଟି ମା' ଥଣ୍ଡା ହୋଇଥାଏ। ଏହି ନିଆଁ ଜଳିବାଦ୍ୱାରା ମାଟି ମା' ଉଷ୍ମତା ଲାଭ କରେ ବୋଲି ବିଶ୍ୱାସ ରହିଛି। ପୋଙ୍ଗଲ ପର୍ବର ଦ୍ୱିତୀୟ ଦିବସ ହେଉଛି ମକର ସଂକ୍ରାନ୍ତି। ଏହାର ତେଲୁଗୁ ଭାବାର୍ଥ ହେଉଛି ପେଡ଼ା ପଣ୍ଡଗା। ଏହିଦିନ ଚାଷୀମାନେ ଉତ୍ପାଦିତ ଫସଲ ଓ ଗାଈ ଗୋରୁଙ୍କୁ ପୂଜା କରିଥାନ୍ତି। ପୂଜା ପରେ ଗାଈ କ୍ଷୀରକୁ ଚୂଲିରେ ଫୁଟାନ୍ତି। ସେହି କ୍ଷୀରରେ ଚାଉଳ ପକାଇ ଖିରୀ କରିଥାନ୍ତି। ଏହି କ୍ଷୀରୀର ନାମ ପୋଙ୍ଗାଲୀ ବୋଲି କୁହାଯାଏ। ତେଲୁଗୁ ଲୋକମାନେ ଏହି ଦିନ ପିତୃ ପୁରୁଷଙ୍କୁ ପୂଜା କରିଥାନ୍ତି। ପୁରୁଷ ପିତୃ ପୁରୁଷଙ୍କୁ ଧୋତି ଯୋଡ ଓ ମହିଳା ପିତୃ ପୁରୁଷଙ୍କୁ ସୂତା ଶାଢ଼ୀ ବା ପାଟ ଲାଗି ଦିଆଯାଏ। ଏହା ପରେ ସମସ୍ତେ ନୂଆ ଲୁଗା ପିନ୍ଧିଥାନ୍ତି। ସାଧାରଣତଃ ଏହି ଦିନରେ କେହି ଆମିଷ ଖାଇନଥାନ୍ତି। ପୋଙ୍ଗଲର ତୃତୀୟ ଦିନକୁ କାନୁମା କୁହାଯାଏ। ଚାଷିକୂଳ ଚାଷ କରି ଫସଲ ଅମଳ କରିବା କାର୍ଯ୍ୟରେ ବ୍ୟସ୍ତ ରହି ଥକି ଯାଇଥାନ୍ତି ଓ ସେହି ଥକାକୁ କିଛି ମାତ୍ରାରେ ହ୍ରାସ ପାଇଁ ଏହି ଦିନ ଆନନ୍ଦ ଉଲ୍ଲାସର ସହିତ କବାଡି ଓ ତାସ ଖେଳନ୍ତି, ପତଙ୍ଗ ଉଡାନ୍ତି, କୁକୁଡା ଲଢେଇର ମଜା ନେଇଥାନ୍ତି। ସମସ୍ତେ ଏହି ଦିନ ଆମିଷ ସେବନ କରନ୍ତି। କୁକୁଡା ଲଢାଇ ପ୍ରତିଯୋଗିତାରେ ହାରି ଯାଇଥିବା କୁକୁଡା ଓ ବୋଦାର ମାଂସକୁ ମଧ୍ୟ ଭୋଜି କରି ଖିଆ ଯାଇଥାଏ। ପୋଙ୍ଗଲ ପର୍ବର ଚତୁର୍ଥ ଦିନକୁ ମୁକାନୁମା କୁହାଯାଇଥାଏ। ଯଦି ତୃତୀୟ ଦିନ ଆମିଷ ଖାଇବା ବାର ପଡି ନଥାଏ ତେବେ ଏହି ଦିନରେ ଆମିଷ ଖିଆ ଯାଇଥାଏ। ଏହି ଦିନର ଅନ୍ୟ ଏକ ବିଶେଷତ୍ୱ ହେଉଛି ନବ ବିବାହିତା ଝିଅମାନେ ଶାଶୁ ଘରେ, ଶାଶୁ ଘରର ପିତୃ ପୁରୁଷଙ୍କୁ ଚିହ୍ନିଥାନ୍ତି ଓ ତାଙ୍କୁ ପୂଜା କରି ଭୋଗ ଖାଇ ନୂଆ ଲୁଗା ପିନ୍ଧିଥାନ୍ତି। ଏହା ପରେ ସ୍ୱାମୀ ସହ ନିଜ ପିତୃ ଗୃହକୁ ଯାଇଥାନ୍ତି। ସୌର ଗଣନା ଅନୁସାରେ ମକର ସଂକ୍ରାନ୍ତିକୁ ମକର ମାସର ପ୍ରଥମ ଦିନ ହିସାବରେ ଗ୍ରହଣ କରାଯାଏ।

*ନୟାଗଡ଼*

*ଦୂରଭାଷ : ୯୪୩୭୯୮୫୮୬୬*

## ଧାରାବାହିକ ଉପନ୍ୟାସ

# ଅପାଙ୍ଗ ଦୃଶ୍ୟ



କ୍ଷୀରୋଦ ଦାସ




ଭାଗ-୨୯

(ପୂର୍ବପ୍ରକାଶ ଉତ୍ତାରୁ)

ସାମାନ୍ୟ ଭୁଲ୍ କାମଟିଏ କରିଦେଇ ମଣିଷ କେତେ ପଶ୍ଚାତ୍ତାପ କରୁଛି, କେତେ ପ୍ରାୟଶ୍ଚିତ କରୁଛି। ଏ ଅଜରା ବେହିଆଟା ଏତେ ଘୃଣ୍ୟ କାମ କରି, ଦେଢ଼ମାସ ଜେଲ୍‌ଦଣ୍ଡ ଭୋଗି ଘରକୁ ଆସି ରାସ୍ତାଘାଟରେ ଆରାମରେ ଟହଲୁ ମାରୁଛି ! ସତେ କି ଗୁଡାଏ ଦିନ ପରେ ସେ ବିଦେଶରୁ ଫେରିଛି !

ମଣିଷ ମନ ଭିତରୁ ଲାଜ ସରମ, ଭୟଭ୍ରାନ୍ତି ସମ୍ମାନ ଓ ସଂଭ୍ରମବୋଧ ହଜିଗଲା ପରେ ଆଉ ଥାଏ କ'ଣ ଯେ?

ଜଣେ ବଳାତ୍କାରୀ ପୁଅକୁ ଜେଲ୍‌ରୁ ବେଲ୍‌ରେ ଆଣିବା ପାଇଁ କିଛି ସହଯୋଗ କଲେ ନାହିଁ ବୋଲି ସେ ହୋଇଗଲେ ଖରାପ ସ୍ୱାମୀ ଓ ଖରାପ ବାବା। ମା' ପୁଅଙ୍କର ଏକନମ୍ବର ଶତ୍ରୁ। ଅନ୍ୟ ବାପାମାନଙ୍କ ପରି ପୋଲିସ, ଓକିଲ, ବିଚାରପତିମାନଙ୍କୁ ଲାଞ୍ଚ ରିସ୍‌ବତ ଦେଇ, ନାନା ଅସାଧୁ ଉପାୟ ଅବଲମ୍ବନ କରି, ପୁଅର ଜଘନ୍ୟ କାମକୁ ସମର୍ଥନ କରି ତାକୁ ଜେଲ୍‌ରୁ ମୁକୁଳାଇ ଆଣିଥିଲେ ସେ ହୋଇପାରିଥାନ୍ତା ପ୍ରିୟ ସ୍ୱାମୀ, ପ୍ରିୟ ପିତା।

କିନ୍ତୁ ପ୍ରିୟ ହୋଇପାରିଥାଆନ୍ତେ କି ନିଜ ପାଖରେ ନିଜେ! ଖସିଯାଇ ପାରିଥାଆନ୍ତେ କି ନିଜ ବିବେକ ଆଉ ଅନ୍ତରାତ୍ମା ପାଖରୁ! ନିଜ ହୃଦୟକୁ ଦେଇପାରିଥାଆନ୍ତେ କି କୌଣସି ସନ୍ତୋଷଜନକ ସାନ୍ତ୍ୱନା! ମୁକ୍ତି ପାଇପାରିଥାଆନ୍ତେ କି ବିବେକର ହଳାହଳମୟ ଦଂଶନରୁ!

ସେଦିନ ବାହାରକୁ କୁଆଡେ ନ ଯାଇ ଶୁଭକାନ୍ତ ଚୁପ୍‌ଚାପ୍ ଆସି ବସିଲେ ନିଜ ଡ୍ରଇଂରୁମ୍‌ରେ, ଜଣେ ଅବାଞ୍ଛିତ ଅଭ୍ୟାଗତ ଭଳି। ଏମିତିରେ ତ ଘର ବାହାରକୁ ବାହାରିବା ତାଙ୍କର ପ୍ରାୟ ବନ୍ଦ ହୋଇଯାଇଥିଲା ଅନେକ ଦିନ ହେବ।

ତାଙ୍କ ନିଜ ଘର ତାଙ୍କୁ ଲାଗୁଥିଲା ଅପରିଚିତ।

ଉଦ୍ଦେଶ୍ୟ ଥିଲା, ସେ କଥଶ ହେବେ ରାଜଲକ୍ଷ୍ମୀଙ୍କ ସହ। ପଚାରିବେ ସେ ବିଷୟରେ ତାଙ୍କର ମତାମତ କ'ଣ? ସେ ଉଦ୍‌ଭ୍ରାନ୍ତ ଯୁବକ ସହ କଥା ହେବେନି। ମା' ମାଧ୍ୟମରେ କଥା ଯିବ ପୁଅ ପାଖକୁ। ଯିଏ ନିର୍ଲଜ୍ଜ, ତା ସହ କଥା ହୋଇ ନିଜର ଅବଶିଷ୍ଟ ଯତ୍ କିଞ୍ଚିତ୍ ସ୍ୱାଭିମାନ ଓ ଆତ୍ମସମ୍ମାନକୁ ବଳି ପକାଇଦେବାକୁ ସେ ଚାହାନ୍ତି ନାହିଁ।

ପୁଅ ଜେଲ୍‌ରେ ଥିବା ସମୟରେ ତା କଥା ଭାବି ଭାବି, ତାକୁ ଝୁରି ଝୁରି ଅନ୍ନଜଳ ତ୍ୟାଗ କରି ଶଯ୍ୟାଶାୟୀ ହୋଇପଡିଥିଲେ ରାଜଲକ୍ଷ୍ମୀ। ସବୁବେଳେ ତାଙ୍କ ଆଖିରୁ ଝରୁଥିଲା ଲୁହ। ଖୁଣ୍ଟାଟାଏ ପରି ଯେଉଁଠି ବସୁଥିଲେ ସେଇଠି। ଦଶ ପଦରେ ପଦେ ବି ଜବାବ ଦେଉ ନଥିଲା। ଯେମିତି ଏ ସଂସାର ଭିତରେ ରହିବା ପାଇଁ ତାଙ୍କର ତିଳେମାତ୍ର ଆଉ ଆଗ୍ରହ ନାହିଁ। ଜରାଜୀର୍ଣ୍ଣ ରୋଗୀଟିଏ ପରି ଅହର୍ନିଶ ପଡି ରହୁଥିଲେ ବିଛଣାରେ।

ହେଲେ ଏବେ! କୁଳନନ୍ଦନ ଫେରି ଆସିଛି ପାଖକୁ। ତାକୁ ପାଖରେ ପାଇ ତାଙ୍କର ରୋଗଫୋଗ କୁଆଡେ ଉଭାନ୍ ହୋଇଯାଇଛି। ଶରୀର ଓ ମୁହଁର ତେଜ ପୁଣି ଫେରି ଆସିଛି। ଭାରି ଚଞ୍ଚଳ ଓ ଫୂର୍ତ୍ତି ଲାଗୁଛନ୍ତି ସେ। ତାଙ୍କର ବୟସ ଯେପରି ପଶ୍ଚାତ୍‌ଗତି ନେଇ ଫେରି ଯାଇଛି ପନ୍ଦର ବର୍ଷ ପଛକୁ। ଆନନ୍ଦ ଓ ଉଲ୍ଲାସରେ ତାଙ୍କ ଗୋଡ ତଳେ ଲାଗୁନାହିଁ। ତାଙ୍କ ମୁହଁରେ ସ୍ପଷ୍ଟ ପ୍ରତିଫଳିତ ହୋଇଯାଉଛି ବିଜୟ ଉଲ୍ଲାସର ରଙ୍ଗିନ ଉତ୍ସବ।

ଯେତେ ଟଙ୍କା ଖର୍ଚ୍ଚ ହେଉ ପଛେ କେସ୍‌ଟାକୁ ରଫାଦଫା କରି ଉଡାଇଦେବାକୁ ମା' ଓ ପୁଅ ଜୋର୍‌ସୋର୍ ଉଦ୍ୟମ କରିଦେଇଛନ୍ତି। ଶୁଭକାନ୍ତଙ୍କୁ ସେମାନେ ଜାଣିଶୁଣି ଉପେକ୍ଷା କରୁଛନ୍ତି ଏ ବ୍ୟାପାରରେ।



: ରାଜଲକ୍ଷ୍ମୀ! - ଅନେକ ଦିନ ପରେ ପତ୍ନୀଙ୍କ ନାମ ଧରି ଡାକିଲେ ଶୁଭକାନ୍ତ।

ତାଙ୍କ ସ୍ୱରରେ କ'ଣ ଥିଲା କେଜାଣି ସେଇବାଟ ଦେଇ ଅନ୍ୟ ଘରକୁ ଯାଉଥିବା ରାଜଲକ୍ଷ୍ମୀଙ୍କ ପାଦ ଅଟକିଗଲା। ସେ ଆସି ବସିଲେ ସୋଫାରେ, ତାଙ୍କ ଠାରୁ ଦୂରତ୍ୱ ବଜାୟ ରଖି।

: ତୁମ ସହ ଦି'ପଦ କଥା ଅଛି।

ରାଜଲକ୍ଷ୍ମୀ ଚାହିଁଲେ ଶୁଭକାନ୍ତଙ୍କୁ।

: ତୁମ ପୁଅ ସେ ଝିଅର ଜୀବନକୁ ନଷ୍ଟ କରିଛି। ଯିଏ ଭାଙ୍ଗିଛି, ସିଏ ହିଁ ଗଢୁ। ଆମେ ସେ ଝିଅକୁ ବୋହୂ କରି ଆଣିବା! କ'ଣ କହୁଛ? -ପଚାରିଲେ ଶୁଭକାନ୍ତ।

କଥା ନୁହେଁ ତ ଗବ୍ ଗବ୍ ଫୁଟନ୍ତା ସୋରିଷ ତେଲ ଦି' ଚାମୁଚ କିଏ ଯେପରି ଢାଳିଦେଲା ରାଜଲକ୍ଷ୍ମୀଙ୍କ ଦୁଇ କାନ ଭିତରେ। ଅତିଶୟ କ୍ରୋଧ ବନ୍ଦ କରିଦେଇଥିଲା ତାଙ୍କ ପାଟି। ରକ୍ତ ଜର୍ଜରିତ ଆଖିରେ ସେ ଏମିତି ଚାହିଁଲେ ଶୁଭକାନ୍ତଙ୍କୁ, ଯେପରି ଏଇ ସଂଗେ ସଂଗେ ସେ ଜଳିପୋଡି ପାଉଁଶ ହୋଇଯିବେ ସେଇଠି।

ସେପାଖ ଘରେ କୁଳାଙ୍ଗାରଟା ବସି ମୋବାଇଲ୍‌ରେ କାହା ସହ କଥା ହୋଇ ବେହିଆଙ୍କ ପରି ହେଁ ହେଁ ହସୁଥିଲା। ଜେଲ୍‌ରୁ ଫେଣିବା ପରେ ସେ ଯେ ଆଦୌ ଲଜ୍ଜିତ କି ଅପ୍ରତିଭ ନୁହେଁ, ଏକଥା ପ୍ରତିପାଦିତ କରିବା ପାଇଁ ସେ ଆହୁରି ଉଚ୍ଛୃଙ୍ଖଳ, ଆହୁରି ଉଦ୍‌ଭ୍ରାନ୍ତ ହୋଇଯାଇଥିଲା। ଶାଳୀନତା ରହୁ ନଥିଲା ତାର କଥାବାର୍ତ୍ତାରେ, ଚାଲିଚଳନରେ।

ଶୁଭକାନ୍ତଙ୍କ କଥା ବୋଧହୁଏ ବାଜିଲା ତା'କାନରେ।

ସ୍ପ୍ରିଂ ପରି ସେ ଉଠିଆସିଲା ସେପାଖ ଘରୁ।

- ବୁଝା ହେଲେ କାଳେ କିଛି ଲୋକଙ୍କ ମୁଣ୍ଡ ଖରାପ ହୋଇଯାଏ, ଏକଥା ମୁଁ ଜାଣିଥିଲି। ହେଲେ ଆଜି ଆଖିରେ ଦେଖିଲି। ଏ ଘର ଭିତରେ ସେହିପରି ଜଣେ ବଦ୍ଧପାଗଳ ଅଛି ବୋଲି ମୋର ଧାରଣା ହଣ୍ଡ୍ରେଡ୍ ପରସେଣ୍ଟ୍ ସତ।"

- ଆରେ ଭାଇ, ତୁ ଫୋନ୍ ରଖ। ମୁଁ ଟିକେ ପରେ କଥା ହେଉଛି! ଲାଇନ୍‌ରେ ଥିବା ଲୋକକୁ ଏତକ କହି ସଂଜୟ ମୋବାଇଲ୍‌କୁ ପକେଟ୍‌ରେ ରଖିଲା ଏବଂ ମୋ' ପାଖକୁ ଲାଗିଆସି ପୁଣି କହିଲା-

"ପାଗଳାମିର ସୀମା ଟପିଗଲେ ପରିଣତି କ'ଣ ହୁଏ, ସେ କଥା ବୋଧେ ଏ ଘରର ମଣିଷ ଜାଣିନାହାନ୍ତି। ସେକଥା ତାଙ୍କୁ ବୁଝାଇ ଦେ ମା'। ତୁମେ ଚାହଁ କି ଏ ଘରେ ନିଆଁ ଲାଗୁ ବୋଲି? ତୁମେ ଚାହଁ କି ଘର ଭିତରେ ଲହଡି ଭାଙ୍ଗୁ ତାଜା ରକ୍ତ! ଶୁ, ସେ ଝିଅ କଥା ଯଦି ଏ ଘରେ ଆଉ ଥରେ କିଏ ଆଲୋଚନା କରେ, ଜାଳିପୋଡି ପାଉଁଶ କରିଦେବି ସବୁ। ଭୁଲିଯିବି ରକ୍ତ ସମ୍ପର୍କ। ବୋମା ଖଞ୍ଜିଦେବି ଘର ଭିତରେ.."

(କ୍ରମଶଃ)

## କେହି ଜଣେ ଆଉ ନ ଥିବ

### ବର୍ଷାରାଣୀ ମହାମଲ୍ଲୀକ



କେତେ ଅନ୍ତରଙ୍ଗ ପାଖ ମାଡ଼ିଲେନି
ଯେବେ ଆସିଲା ସେ,
ଅନ୍ତରରେ ଯାହାର ଥିଲି ଦିନେ
ସେମାନେ ଯେ ମତେ ଅନ୍ତର
କରିଦେବେ ନିଜ ଅନ୍ତରରୁ
ସ୍ଥିତି ଖୁବ୍ ଆଘାତ ଦେଲା
ଯଦିଓ ସେମାନେ ବଖାଣନ୍ତି ଏଣୁତେଣୁ,
ଛାଡ଼ ସବୁ ଫର୍ମାଲିଟି ପାଇଁ।

ଇସ୍! କଣ ନ କରିଛି ସେମାନଙ୍କ ପାଇଁ
ଥରେ ଥାଆନ୍ତେ ତ ମୋ ସ୍ଥାନରେ,
ଅବଶ୍ୟ କିଛି ନ କରିବେ ଏମିତି ନୁହେଁ ଯେ
ହେଲେ ବି ମୁଁ ତ ଭାବି ପାରିବିନି ନା...
ମୋ ଠୁଁ ପୁଣି ଆଉ କିଏ ଭଲ ଅଛି ଦୁନିଆରେ?

ଖୁବ୍ ସମାଲୋଚନା ଶୁଣିଛି ସେମାନଙ୍କ ଠୁଁ
ଏବେ ଯାହାର ସମାଲୋଚନା ଚାଲିଥିଲା
ତା ସହ ତାଙ୍କର ଏତେ ଆଲୋଚନା...
ବୁଦ୍ଧୁ ମୁଁ ହିଁ ଥିଲି ମିଛ ସବୁକୁ ସତ ଭାବି
ସମ୍ପର୍କ ସବୁକୁ ନିଜର କରି
ଅସହାୟର ସହାୟ କରି..

ଛାଡ଼ ମଶାଣୀ ମୁଁ ଏକା ମୋର ଯାଇପାରିବି
ମୁଁ ଯେ ଜିଅନ୍ତା ଶବ,
ନିଜେ ନିଜର ମୁଖାଗ୍ନି ଦେଇପାରିବି
ସ୍ୱର୍ଗ ହେଉ କି ନର୍କ
ସ୍ଥାନଟିଏ ସଂରକ୍ଷିତ କରିପାରିବି
ଖାଲି ଯାହା ଅବଶୋଷ ରହିଯିବ,
ସମସ୍ତଙ୍କୁ ମୋର କରିଲି!
କିନ୍ତୁ ମୁଁ କାହାର ହୋଇପାରିଲାନି?

କିଏ କାହାର ନୁହେଁ ମୁଁ ଶୁଣିଛି
ହେଲେ, କେହି ଜଣେ ନିଶ୍ଚୟ ଖୋଜିବ
କେହି ଜଣେ ନିଶ୍ଚୟ ଝୁରିବ
କେହି ଜଣେ ନିଶ୍ଚୟ କାନ୍ଦିବ
କେହି ଜଣେ ନିଶ୍ଚୟ ପଚାରିବ,
କିନ୍ତୁ ସବୁ ସରି ଯାଇଥିବ।

ମୋର ମୂଲ୍ୟ ଗୋଟେ ଗୋଷ୍ଠୀ ମିଶି ତଉଲାଉଥିବେ
ମୋର ଦୁଇଦିନର ଅଭିନୟ ଦେଖି
ତାଳି ମାର କି ଗାଳି
ଗାଁ ଘାଟରେ ମୁଖ୍ୟ ପ୍ରସଙ୍ଗ ଯାହା ଥିବ
ଫରକ ପଡିବନି,
କେହି ଜଣେ ଆଉ ନ ଥିବ....
କାନ ଡେରି ସବୁ ଶୁଣୁଥିବ
ପ୍ରତ୍ୟୁତ୍ତର ଦେବାର ଶକ୍ତି ନ ଥିବ
କେହି ଜଣେ ଆଉ ନ ଥିବ।

ବରଗଡ଼
ଦୂରଭାଷ : ୮୨୬୦୬୫୯୩୩୨

## ଆଜି ମରିଯାଇପାରେ ମୁଁ

### ଗଜାନନ ମିଶ୍ର



ଆଜି ମରିଯାଇପାରେଁ ମୁଁ।
ଆଜି ଗୋଟିଏମାତ୍ର ଦିନ
ମୋ ପାଖରେ।
ଆଜି ହିଁ ମୁଁ ମୋର
ଦେଖାଇବି ଶକ୍ତି।
ଆଜି ହିଁ କହିବି
କହିବାର ଅଛି ଯାହାସବୁ
ଯାହାକୁ ଯାହାକୁ।
ଆଜି ମରିଯାଇପାରେଁ ମୁଁ।
ଆଜି ହିଁ କରିବି ଗୋଟି ଗୋଟି
ଶୂନ ଲଗେଇ ଶୂନ ଛଡେଇ
ଶୂନକୁ ରଖିବି ପାଖରେ,
ଶୂନକୁ ଶୂନରେ ଗୁଣି ହରି
ଶୂନକୁ ବାଣ୍ଟିବି ସଭିଙ୍କୁ।
ହିସାବ ଦେବି ସବୁ
ଆଜି ହିଁ ମୁଁ ମତେ।
ଆଜି ଗୋଟିଏମାତ୍ର ଦିନ
ମୋ ପାଖରେ।
ଆଜି ଗଲେ କାଲି
ନ ଥିବି ମୁଁ।
ନ ଥିବ ମୋ ପାଖରେ
ଆଉ କିଛି।
ପବନକୁ କହିବି ଆଜି ହିଁ
ଯା' ନେଇ ନେଇ ଯା'
ଯା' ବୋହି ବୋହି ଯା'
ଦୂର ବହୁଦୂର।
ଆଜି ହିଁ ପାଣିକୁ କହିବି
ଖେଳି ଯା' ଖେଳି ଯା'
ତଳ ଉପର।
ଆଜି ହିଁ ଦୁଇ ଦେଇ
ଦୁଇ ନେଇ ବାକିଯା ଖାତାରେ
ଲେଖିବି ଚାରି।
ନେଇ ଦେଇ ସବଳ ହୁଏଁ କି
ହୁଏଁ ଦୁର୍ବଳ ଦେଖାଇବି
ହରେଇବାକୁ ହୁଏ କେମିତି ସଙ୍କଟ।
ଆଜି ହିଁ ଯିବ ଏଠୁ
ଆପଦବିପଦ ସବୁ।
ଆଜି ହିଁ ଯାହାଯେତେ ହେବ
ପଥପ୍ରାନ୍ତ ସଭା ବୈଠକ।
ଆଜି ହିଁ ସମୁଦ୍ରର ଆଖି ସହିତ
ଆଖି ମିଳାଇ ଠିଆ ହେବାକୁ ହେବ
ଆକାଶର ପିଠିରେ।
ଆଜି ହିଁ ମରିଯାଇପାରେଁ ମୁଁ।
କହିଦେଉଛି ମରିଗଲେ
ଲେଖିବାର କି କହିବାର
ଆବଶ୍ୟକ ନାଇଁ ଓଁ ଶାନ୍ତି ଶାନ୍ତି,
କି ନାଇଁ ଆତ୍ମାର ସଦ୍ ଗତି
କାମନା କରିବାର।
ମରିଗଲେ ବି ମୋର ଯିବାର ନାଇଁ
କୋଉଠିକି କି ଆସିବାର ନାଇଁ କୋଉଠୁ।
ଆଜି ମରିଯାଇପାରେଁ ମୁଁ,
ଯାହା ବି ହୋଇପାରେଁ ଆଜି ହିଁ।

ତପୋବନ, ଟିଟିଲାଗଡ

## ଆୟୁଷର ଆଶା

### ଦେବସ୍ମିତା ବିଶ୍ୱାଳ



ଋତୁ ବଦଳିବା ପରି
ସବୁ କିଛି ବଦଳିଯାଏ ଏଠି
ଅଚାନକ ନହେଲେ ବି
ପରସ୍ତ ପରସ୍ତ ହୋଇ
ଭୁଲି ହୋଇଯାଏ
ସବୁ ପ୍ରତିଶ୍ରୁତି
ବନ୍ଧନ ଶିଥିଳ ହୁଏ।

ଚିହ୍ନା ମୁହଁ ଅଚିହ୍ନା ଲାଗେ
ସମ୍ପର୍କ ଆକାଶେ ଘୋଟିଯାଏ
ଅଦିନିଆ ମେଘର କଳା ଛାଇ
ତଥାପି କେଉଁଠଇନା କେଉଁଠି
ବଞ୍ଚିଥାଏ ମୁଠାଏ ସ୍ୱପ୍ନ ଆଉ
ଆଞ୍ଜୁଳାଏ ଆଶା।

ସମ୍ପର୍କ ସହରରେ
ସେଦିନର ଗଢ଼ିଥିବା ସେହି
ବାଲିଘର ଚିହ୍ନ
ବାହାନା ଖୋଜୁଥାଏ ଖାଲି
ବଳକା ଆୟୁଷକୁ
ଟିକେ ମନଭରି ଜୀଇବାକୁ

ସାଲେପୁର, କଟକ
ଦୂରଭାଷ : ୭୦୦୮୧୮୧୯୯୭

## ଝଡର ସନ୍ନ୍ୟାସୀ ସ୍ୱାମୀ ବିବେକାନନ୍ଦ

### ପ୍ରଭାତ କୁମାର ମହାପାତ୍ର





ସ୍ୱାମୀ ବିବେକାନନ୍ଦଙ୍କ ବ୍ୟକ୍ତିତ୍ୱ ଓ ତାଙ୍କ ବିଚାର ଶାଶ୍ୱତ ଓ ଅବିନାଶୀ ଅଟେ। ତାଙ୍କର ବିଚାର ଆଜି ମଧ୍ୟ ଲୋକଙ୍କ ମନକୁ ଜାଗ୍ରତ କରିବା ପାଇଁ ପ୍ରେରଣାର ସ୍ରୋତ ହୋଇ ରହିଛି। ତାଙ୍କର ପ୍ରତ୍ୟେକଟି ଶବ୍ଦ ଅଗ୍ନିବାଣୀ ସଦୃଶ ସାରା ଯୁବ ସମାଜକୁ ପଥ ପ୍ରଦର୍ଶିତ କରୁଛି। ଉତ୍ତିଷ୍ଠତ! ଜାଗ୍ରତ! ପ୍ରାପ୍ୟ ବରାନ ନିବୋଧତ! ଅର୍ଥାତ୍ ଉଠ, ଜାଗ୍ରତ ହୁଅ ଏବଂ ଲକ୍ଷ୍ୟ ସ୍ଥଳରେ ନ ପହଞ୍ଚିବା ପର୍ଯ୍ୟନ୍ତ ଅଟକି ଯାଅ ନାହିଁ। ଉପନିଷଦର ଏହି ବାଣୀକୁ ସ୍ୱାମୀ ବିବେକାନନ୍ଦ ଖୁବ୍ ଲୋକ ପ୍ରିୟ କରାଇଥିଲେ। ଯୁକ୍ତରାଷ୍ଟ୍ର ଆମେରିକାର ମିଚିଗାନ ବିଶ୍ୱ ବିଦ୍ୟାଳୟରେ ସାମ୍ବାଦିକ ମାନଙ୍କୁ ଏକ ପ୍ରଶ୍ନର ଉତ୍ତରରେ କହିଥିଲେ, ବର୍ତ୍ତମାନ ଏହା ଆପଣଙ୍କ ଶତାବ୍ଦୀ ଅଟେ, କିନ୍ତୁ ଏକବିଂଶ ଶତାବ୍ଦୀ ଭାରତର ହେବ। ଜାତିର ପିତା ମହାତ୍ମା ଗାନ୍ଧୀ ଥରେ କହିଥିଲେ, ଭାରତର ଆତ୍ମା ତାର ଗାଆଁ ଗୁଡ଼ିକରେ ବାସ କରେ। ଏ ଦେଶରେ ବାସ୍ତବିକ୍ ରୂପେ ବିକାଶ କରିବାକୁ ହେଲେ, ତାହାର ଶୁଭାରମ୍ଭ ଗାଆଁ ଗୁଡ଼ିକରୁ ହିଁ କରିବାକୁ ହେବ। ଯେପର୍ଯ୍ୟନ୍ତ ଆମ ଦେଶରେ ଗାଆଁ ମାନଙ୍କରେ ରହୁଥିବା ଚାଳ ଘରେ, ଛୋଟ କୁଡିଆ ଘରେ ବାସ କରୁଥିବା ଲୋକ ମାନଙ୍କ ବିକାଶ ହେବ ନାହିଁ, ସେ ପର୍ଯ୍ୟନ୍ତ ଦେଶ ବିକାଶର ସୋପାନ ଆଗକୁ ବଢ଼ିଲେ ମଧ୍ୟ ପ୍ରକୃତ ଅର୍ଥରେ ଉନ୍ନତି କରି ପାରିବ ନାହିଁ। ସ୍ୱାମୀ ବିବେକାନନ୍ଦଙ୍କ ଭାଷାରେ ଭାରତର ପୁନରୁତ୍ଥାନ ହେବ, କିନ୍ତୁ ତାହା ଜଡର ଶକ୍ତି ବଳରେ ନୁହେଁ, ବରଂ ଆତ୍ମାର ଶକ୍ତି ଦ୍ୱାରା ହେବ। ସେହି ଉତ୍ଥାନ ବିନାଶର ଧ୍ୱଜା ଧରି ନୁହେଁ ବରଂ ଶାନ୍ତି ଓ ପ୍ରେମର ଧ୍ୱଜା ଧରି ହେବ। ସେଥିପାଇଁ ନିଜର ଅନ୍ତଃସ୍ଥିତ ଦିବ୍ୟତାକୁ ଜାଗ୍ରତ କର, ଯାହା ତୁମକୁ କ୍ଷୁଧା ତୃଷ୍ଣା, ଶୀତ ଉଷ୍ମ ସହ୍ୟ କରିବା ପାଇଁ ସମର୍ଥ କରି ଦେବ। ତାଙ୍କର ଯୁବ ସମାଜ ପ୍ରତି ଗଭୀର ବିଶ୍ୱାସ ଥିଲା। ମାତ୍ର ପରିତାପର ବିଷୟ ସେହି ଯୁବ ଶକ୍ତି ଆଜି ନିଜର ଶକ୍ତି ଓ ସାମର୍ଥ୍ୟକୁ ଉପଲବ୍ଧି କରି ନ ପାରି ହତାଶ ଓ ନିରାଶ ମଧ୍ୟରେ କାଳାତିପାତ କରୁଛନ୍ତି। କେବଳ ସ୍ୱାର୍ଥପର ଭାବ ନେଇ ସେମାନେ ଅର୍ଥ ପଛରେ ବେତାଳ ପ୍ରାୟ ଧାଇଁ ଚାଲିଛନ୍ତି। ତେଣୁ ସ୍ୱାମୀ ବିବେକାନନ୍ଦ ଯୁବ ସମାଜକୁ ଉଦ୍‌ବୋଧନ ଦେଇ କହୁଥିଲେ, ହେ ଯୁବକ ବୃନ୍ଦ! ତୁମେ ମାନେ ନିଜ ଉପରେ ବିଶ୍ୱାସ ରଖ। ଏହି ଆତ୍ମ ବିଶ୍ୱାସ ହିଁ ସଫଳତାର ଚାବି କାଠି। ପ୍ରତ୍ୟେକଙ୍କ ମଧ୍ୟରେ ଅନନ୍ତ ଶକ୍ତି ରହିଛି। ସେହି ଶକ୍ତି ବଳରେ ହିଁ ଅସମ୍ଭବକୁ ସମ୍ଭବ କରି ପାରିବ। ଭୟ କରିବାର କିଛି ନାହିଁ। ଗୀତା ପାଠ ଅପେକ୍ଷା ଫୁଟବଲ ଖେଳି ସ୍ୱାସ୍ଥ୍ୟକୁ ମଜବୁତ୍ କର। ସମସ୍ତ ପ୍ରକାର ଦୁର୍ବଳତା ତ୍ୟାଗ କର। ବିଦ୍ୟାବାନ୍, ଅକପଟ, ତେଜସ୍ୱୀ ଓ ଦୃଢ଼ ଆତ୍ମ ବିଶ୍ୱାସୀ ନବ ଯୁବକ ଆବଶ୍ୟକ। ଆଉ ସବୁ ହୋଇଯିବ। କେବଳ ମନୁଷ୍ୟ ଦରକାର। ଏପରି ଏକଶହ ଯୁବକ ମିଳିଗଲେ ସମଗ୍ର ଜଗତର ଭାବକୁ ବଦଳେଇ ପାରିବା। ଆମେ ଯଦି ଜୀବନରେ ଶାନ୍ତି ଓ ଆନନ୍ଦ ଚାହୁଁ ତାହେଲେ ଆଧ୍ୟାତ୍ମିକ ଓ ନୈତିକ ଶିକ୍ଷାକୁ ଗ୍ରହଣ କରିବାକୁ ହେବ। ଭାରତର ପ୍ରାଣ ଶକ୍ତି ରହିଛି ଧର୍ମରେ। ଧର୍ମ ହିଁ ଆମ ଜୀବନର ମେରୁ ଦଣ୍ଡ। ଈଶ୍ୱର ଓ ସତ୍ୟ ହିଁ ବିଶ୍ୱର ରାଜନୀତି। ସ୍ୱାମୀ ବିବେକାନନ୍ଦଙ୍କ ଏହି ବାଣୀ ମନ ମଧ୍ୟରେ ପ୍ରବେଶ କଲେ ରକ୍ତ ତାଜା ହୋଇଯାଏ। ଦେହ ଓ ମନରେ ଶତ ସିଂହର ବଳ ସଂଚାର ହୋଇଯାଏ। ସେ ବାରମ୍ବାର ଘୋଷଣା କରି କହିଁଛନ୍ତି ମନୁଷ୍ୟ ଗଠନ ହେଉଛି ମୋ ଜୀବନର ଉଦ୍ଦେଶ୍ୟ। ନିଜ ଭିତରେ ନିଜକୁ ଦେଖ। ତୁମେ ମାନେ ସବୁ ଅମୃତର ସନ୍ତାନ। ତୁମେ ମାନେ ମେଣ୍ଢା ପଲ ଭିତରେ ପଶି ଯାଇଥିବା ସିଂହ ପଶୁ ପରି। ନିଜ ସ୍ୱରୂପକୁ ଜାଣିବାକୁ ଚେଷ୍ଟା କର। ଆମ ସମସ୍ତଙ୍କୁ ଈଶ୍ୱର ହେବାକୁ ପଡ଼ିବ। ଏବଂ ଈଶ୍ୱର ହୋଇ ସାରିଲେ ଅନ୍ୟ ମାନଙ୍କୁ ଈଶ୍ୱର ହେବାରେ ସାହାଯ୍ୟ କରିବାକୁ ପଡ଼ିବ। ହୁଅ ଏବଂ ତିଆରି କର ଏହା ହିଁ ଆମର ଏକମାତ୍ର ଲକ୍ଷ୍ୟ ହେଉ। ମନୁଷ୍ୟକୁ ପାପି ବୋଲି କେବେ କୁହ ନାହିଁ ବରଂ ତାକୁ କୁହ ତୁମେ ହିଁ ଈଶ୍ୱର। ଧନ ଓ ନାମ ଯଶରୁ କିଛି ମିଳିବ ନାହିଁ। ଏହା କ୍ଷଣ ସ୍ଥାୟୀ। ମୁକ୍ତି କଥା ଏକା ବେଳେ ଭୁଲି ଯାଅ। ବାସ୍ତବିକ୍ ସ୍ୱାମୀ ବିବେକାନନ୍ଦଙ୍କ ଏହି ବାଣୀ ଯଦି ପ୍ରତ୍ୟେକଟି ଭାରତୀୟ ମାନଙ୍କ ମନ ଓ ଆତ୍ମାରେ ପ୍ରବେଶ କରିବ ତେବେ ନିଶ୍ଚିତ ରୂପେ ଆମର ଏହି ଭାରତ ବର୍ଷ ଏକ ସୁବର୍ଣ୍ଣ ଭାରତରେ ପରିଣତ ହେବ ଏହା ନିଃସନ୍ଦେହ।

ସ୍ୱାମୀ ବିବେକାନନ୍ଦ ବନ ଭାରତୀ
ବିଦ୍ୟାପୀଠ, କୋରାପୁଟ
ଦୂରଭାଷ: ୭୮୯୪୦୦୫୪୫୫

## ପିଲାଙ୍କ ଦୁନିଆ






ସାଇଦିବ୍ୟାଂଶୁ ରଥ
ଶ୍ରେଣୀ - ୪
ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର
ଗୁଡିଆପୋଖରୀ



# ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି ବୈଠକ

**ନବରଙ୍ଗପୁର :** ନବରଙ୍ଗପୁର ଜିଲ୍ଲା ସ୍ତରୀୟ ସାଧାରଣ ତନ୍ତ୍ର ଦିବସ ପାଳନ ନିମନ୍ତେ ସ୍ଥାନୀୟ ମିଶନ ଶକ୍ତି ସଭା ଗୃହରେ ଜିଲ୍ଲାପାଳ ଡଃ କମଳ ଲୋଚନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଡଃ ମିଶ୍ର ବୈଠକରେ ସମସ୍ତଙ୍କୁ ସ୍ୱାଗତ ଜଣାଇ ଆଗାମୀ ଜିଲ୍ଲାସ୍ତରୀୟ ପବିତ୍ର ସାଧାରଣତନ୍ତ୍ର ଦିବସ ଶାନ୍ତି ଶୃଙ୍ଖଳାର ସହିତ ମହାସମାରୋହରେ ପାଳନ ନିମନ୍ତେ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ଜିଲ୍ଲାସ୍ତରୀୟ ଉତ୍ସବ ପାଳନ ନିମନ୍ତେ ଆବଶ୍ୟକ ଆନୁସାଙ୍ଗୀକ ବ୍ୟବସ୍ଥା ଦାୟିତ୍ୱରେ ଥିବା ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନେ ନିଜ ନିଜ ଦାୟିତ୍ୱ ସୁଚାରୁରୂପେ ତୁଲାଇବା ପାଇଁ ଜିଲ୍ଲାପାଳ ଡଃ ମିଶ୍ର ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ନିଷ୍ପତ୍ତି କ୍ରମେ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ବିଦ୍ୟାଳୟ ମହାବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ବକ୍ତୃତା, ପ୍ରବନ୍ଧ, ଦେଶାତ୍ମବୋଧକ ସଙ୍ଗୀତ, ଚିତ୍ରାଙ୍କନ ପ୍ରତିଯୋଗିତା ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେବ। ଏସବୁ ପ୍ରତିଯୋଗିତା ରେ ଅଂଶ



ଗ୍ରହଣ କରିବା ପାଇଁ ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟକୁ ନିର୍ଦ୍ଧାରିତ ତାରିଖ ପୂର୍ବରୁ ଜିଲ୍ଲା ଶିକ୍ଷା ଅଧିକାରୀ ଅବଗତ କରାଇବା ଓ ସମସ୍ତ ପ୍ରତିଯୋଗିତା ଆୟୋଜନ କରିବା ନିମନ୍ତେ ସ୍ଥିର କରାଗଲା। ଷ୍ଟାଡିୟମ୍ ଠାରେ ଜିଲ୍ଲା ସ୍ତରୀୟ ସାଧାରଣ ତନ୍ତ୍ର ଦିବସ ଉତ୍ସବ ପାଳନ କରାଯିବା ନିମନ୍ତେ ନିଷ୍ପତ୍ତି ଗ୍ରହଣ କରାଗଲା। ଏହି ଅବସରେ ଜାନୁଆରୀ ୨୬ ତାରିଖ ପ୍ରାତଃ ସହରରେ ରାମ ଧୁନ୍ ପରିବେଷଣ, ସହରସ୍ଥିତ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ମୁଖ୍ୟ ଅତିଥିଙ୍କ ଦ୍ୱାର ପୂର୍ବାହ୍ନ ୮.୩୦ ମି, ସମୟରେ ସ୍ଥାନୀୟ ଷ୍ଟାଡିୟମ ଠାରେ ଆନୁଷ୍ଠାନିକ ଭାବେ ଜାତୀୟ ପତାକା ଉତ୍ତୋଳନ, ପୋଲିସ ବାହିନୀ, ବିଭିନ୍ନ ବିଦ୍ୟାଳୟ ମହାବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାର ମିଳିତ ପ୍ୟାରେଡ ପ୍ରଦର୍ଶନ, ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ, ଜନକଲ୍ୟାଣ ଯୋଜନା, କାର୍ଯ୍ୟକ୍ରମର ସଚେତନତା ବାର୍ତ୍ତାର ବିଭିନ୍ନ ବିଭାଗୀୟ ପ୍ରଜ୍ଞାପନ ମେଢ଼ ପ୍ରଦର୍ଶନ, ପୁରସ୍କାର ବିତରଣ, ବିଭିନ୍ନ କ୍ଷେତ୍ରରେ ଶ୍ରେଷ୍ଠ ବିବେଚିତ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧନା, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଉପ କାରାଗାରରେ ଥିବା ଅନ୍ତେବାସୀ ମାନଙ୍କୁ ଫଳ, ମିଷ୍ଟାନ୍ନ ବଣ୍ଟନ, ଜିଲ୍ଲାପାଳ ଏକାଦଶ ଓ ଜିଲ୍ଲା ବାର ଆସୋସିଏସନଙ୍କ ମଧ୍ୟରେ ଏକ ବନ୍ଧୁତ୍ୱ ପୂର୍ଣ୍ଣ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହେବା ପାଇଁ ସ୍ଥିର କରାଯାଇଛି। ଏହି ପ୍ରସ୍ତୁତି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପ୍ରଶାନ୍ତ କୁମାର ପଟନାୟକ, ପ୍ରକଳ୍ପ ନିର୍ଦ୍ଦେଶକ ଜଳ ବିଭାଜିକା ଚକ୍ର ଧର ମିଶ୍ର, ପ୍ରକଳ୍ପ ପ୍ରଶାସକ ଆଇଟିଡିଏ, ରାଜୀବ କୁମାର ସାହୁ, ପୌରପାଳିକା ନିର୍ବାହୀ ଅଧିକାରୀ ଶଙ୍କର କେରକେଟା, ଜିଲ୍ଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଭରତ ଚନ୍ଦ୍ର ସାହୁ, ତହସିଲଦାର କୈଳାସ ଚନ୍ଦ୍ର ତ୍ରିପାଠୀ, ବିଡିଓ, ସୁନୀଲ ଖରା, ଏସିଏଫ୍, ମନସୁନ କ୍ଷେମୁନ୍ଦୁ, ଅଧକ୍ଷ ନବରଙ୍ଗପୁର ମହାବିଦ୍ୟାଳୟ ଭାସ୍କର ନାଥ ବିଶ୍ୱାଳ, ଅବକାରୀ ଇନ୍ସପେକ୍ଟର ସୁଧୀର କୁମାର ସାହୁ, ବିଜୟ ଚୌଧୁରୀ, ଜେମାମଣି ବିଶୋଇ, ଡକ୍ଟର ବିଜୟ କୁମାର ମିଶ୍ର,ରାମ ପ୍ରସାଦ ପାତ୍ରଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ବରିଷ୍ଠ ନାଗରିକ, ବିଭିନ୍ନ ଶିକ୍ଷା ଅନୁଷ୍ଠାନ, ପ୍ରତିଷ୍ଠାନ ର ମୁଖ୍ୟ, ବାର ଆସୋସିଏସନର କର୍ମକର୍ତ୍ତା, ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ଯୋଗଦେଇ ଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ କାଯ୍ୟକ୍ରମ ପରିଚାଳନା କରିଥିଲେ ଏବଂ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସାଇବର ଅପରାଧକୁ ନେଇ ହାଇକୋର୍ଟଙ୍କ ଉଦ୍‌ବେଗ

# କ୍ରାଇମ୍‌ବ୍ରାଞ୍ଚ ଡିଜିଙ୍କୁ ରିପୋର୍ଟ ତଲବ

**କଟକ :** ରାଜ୍ୟରେ ବଢୁଥିବା ସାଇବର ଅପରାଧକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ହାଇକୋର୍ଟ।ଏସଂକ୍ରାନ୍ତରେ କ୍ରାଇମବ୍ରାଞ୍ଚ ଡିଜିଙ୍କୁ ରିପୋର୍ଟ ତଲବ କରିଛନ୍ତି ହାଇକୋର୍ଟ। ବୃଦ୍ଧି ପାଉଥିବା ସାଇବର କ୍ରାଇମକୁ ରୋକିବା ଦିଗରେ ପୋଲିସର ପଦକ୍ଷେପ କାହିଁକି ଯଥେଷ୍ଟ ହେଉନାହିଁ ବୋଲି ପ୍ରଶ୍ନ କରିଛନ୍ତି କୋର୍ଟ। ଏସବୁ ମାମଲାର ତଦନ୍ତ ନିରୁତ୍ସାହଜନକ ବୋଲି କୋର୍ଟ ମତ ଦେଇଛନ୍ତି। ପେଟିଏମ ଜରିଆରେ ଏକ ଠକେଇ ମାମଲାକୁ ନେଇ ସୁପ୍ରଭା ବେହେରାଙ୍କ ଆବେଦନର ଶୁଣାଣିରେ ହାଇକୋର୍ଟ କ୍ରାଇମ ଉଦେଶ୍ୟରେ ଏହି ମତ ରଖିଛନ୍ତି। ରାଜ୍ୟରେ କ୍ରାଇମର ତଦନ୍ତ କରୁଥିବା କ୍ରାଇମ ବ୍ରାଞ୍ଚ ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରୁନଥିବାରୁ ଅପରାଧୀ ମାନେ ଅଧିକ ଅପରାଧ ଘଟାଇବାକୁ ସାହସ କରୁଛନ୍ତି ବୋଲି କୋର୍ଟ ନିର୍ଦ୍ଦେଶରେ ସ୍ପଷ୍ଟ କରିଛନ୍ତି। ଏହାକୁ ନେଇ କୋର୍ଟ ଅସନ୍ତୋଷ ବ୍ୟକ୍ତ କରିବା ସହ ସତ୍ୟପାଠ ଜରିଆରେ ଷ୍ଟାଟସ



ରିପୋର୍ଟ ଦାଖଲ କରିବାକୁ କ୍ରାଇମବ୍ରାଞ୍ଚ ଡିଜିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟର ବିଭିନ୍ନ ଥାନାରେ ପଞ୍ଜିକୃତ ସାଇବର ଅପରାଧ ଗୁଡିକର ତଦନ୍ତର ଅଗ୍ରଗତି ସମ୍ପର୍କରେ କ୍ରାଇମବ୍ରାଞ୍ଚ ଡିଜି ସତ୍ୟପାଠ ଦାଖଲ କରିବେ ବୋଲି କୋର୍ଟ ନିର୍ଦ୍ଦେଶରେ ସ୍ପଷ୍ଟ କରିଛନ୍ତି। ଅନ୍ୟପଟେ ସୁପ୍ରଭାଙ୍କ ମାମଲାର ତଦନ୍ତର ଅଗ୍ରଗତି, ଅଭିଯୁକ୍ତମାନଙ୍କୁ ଗିରଫ କରିବା ଦିଗରେ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସତ୍ୟକାରୀ ଅଧିକାରୀଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜାନୁଆରୀ ୨୯ରେ ମାମଲାର ପରବର୍ତ୍ତୀ ଶୁଣାଣି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବଢ଼ିବ ଚିକିତ୍ସା ...

ଗୁଡିକର ଅନେକ ନିୟମ ଅନୁସରଣ କରିବାକୁ ପର୍ଯ୍ୟାପ୍ତ ଉତ୍ସ ନାହିଁ। ଏଭଳି ପରିସ୍ଥିତିରେ ଔଷଧର ଅଭାବ ଅନିବାର୍ଯ୍ୟ। ଏହାଦ୍ୱାରା ଔଷଧର ମୂଲ୍ୟ ବୃଦ୍ଧି ହେବ। ଗତବର୍ଷ ଜୁଲାଇରେ ସ୍ୱାସ୍ଥ୍ୟମନ୍ତ୍ରୀ ମାନସୁଖ ମାଣ୍ଡଭିଆ ସ୍ପଷ୍ଟ କରିଥିଲେ ଯେ ମାଇକ୍ରୋ, କ୍ଷୁଦ୍ର ଏବଂ ମଧ୍ୟମ (ଏମଏସଏମଇ) ଫାର୍ମାସ୍ୟୁଟିକାଲ କମ୍ପାନୀଗୁଡିକ ପାଇଁ 'ସିଡ୍ୟୁଲ-ଏମ' ବାଧ୍ୟତାମୂଳକ କରାଯିବ। ଏହା ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ ହେବ। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି ଯେ ଯେଉଁ କମ୍ପାନୀଗୁଡିକରେ ବର୍ଷକୁ ୨୫୦ କୋଟିରୁ ଅଧିକ ଟଙ୍କା କାରବାର ହୋଇଛି, ସେମାନଙ୍କୁ ଅଗଷ୍ଟ ୧, ୨୦୨୩ ସୁଦ୍ଧା ଏହି ନିୟମ ମାନିବାକୁ ପଡିବ। ଯେଉଁଠାରେ ଛୋଟ କମ୍ପାନୀଗୁଡିକ ଏକ ବର୍ଷର ସମୟ ପାଇବେ। କମ୍ପାନୀଗୁଡିକ ଗୁଣବତ୍ତା ଉପରେ ନିୟମ ଅନୁସରଣ କରିପାରନ୍ତି, କିନ୍ତୁ ଅପଗ୍ରେଡ୍ ପୁଞ୍ଜି ଆବଶ୍ୟକ କରେ। ଏଭଳି ପରିସ୍ଥିତିରେ ଅନେକ କମ୍ପାନୀକୁ ସେମାନଙ୍କ ବ୍ୟବସାୟ ବନ୍ଦ କରିବାକୁ ପଡିବ।

### ଏଆଇ ସର୍ଭେଲାନ୍ସ ...

ରକ୍ଷାକବଚ ସାଜିବେ ଏକରୁ ବଳି ଆରେକ ହାଇଟେକ ବ୍ୟବସ୍ଥା। ରାଜ୍ୟ ପୁଲିସ ସହ ସିଆରପିଏଫ, ଏସଟିଏଫ୍, ଏଟିଏସ୍ ଓ ଏନଆଇଏ ଟିମ୍ ସୁରକ୍ଷା ଦାୟିତ୍ୱରେ ରହିବେ। ୭ଟି ବଡ଼ ସୁରକ୍ଷା ଏଜେନ୍ସି ଅଯୋଧ୍ୟାର ଯାଞ୍ଚ ପ୍ରକ୍ରିୟାକୁ ଜୋରଦାର କରିଛନ୍ତି। ଏଠାକୁ ଯାଆସ କରୁଥିବା ଯାନବାହାନର ଚେକିଂ କରାଯାଉଛି। ଅଯୋଧ୍ୟାର ହୋଟେଲ, ଲଜ୍ ଗୁଡିକରେ ମଧ୍ୟ ସୁରକ୍ଷା ଏଜେନ୍ସି ଛାନଭିନ କରୁଛନ୍ତି। ରାମ ମନ୍ଦିର ସୁରକ୍ଷା ପାଇଁ ସରଜୁ ନଦୀ କୂଳରେ ଅତ୍ୟାଧୁନିକ ସର୍ଭିଲାନ୍ସ ରୁମ ନିର୍ମାଣ କରାଯାଇଛି। ନୂଆ କରି ଉଦଘାଟିତ ମହର୍ଷି ବାଲ୍ମିକୀ ଅନ୍ତର୍ଜାତୀୟ ବିମାନ ବନ୍ଦରର ସୁରକ୍ଷା ଦାୟିତ୍ୱ ନେଇଛି ସିଆଇଏସଏଫ୍। ଯେ କୌଣସି ଅଘଟଣର ମୁକାବିଲ ଲାଗି ଏନଡିଆରଏଫ ଓ ଅଗ୍ନିଶନ ବାହିନୀ ମୁତୟନ ରହିବେ ବୋଲି ଅଯୋଧ୍ୟା ରେଞ୍ଜ ଆଇଜି ପ୍ରବୀଣ କୁମାର କହିଛନ୍ତି। ସେପଟେ ପ୍ରାଣ ପ୍ରତିଷ୍ଠା ପୂର୍ବରୁ କେବଳ ଅଯୋଧ୍ୟା ନୁହେଁ, ରାମମୟ ହେବାରେ ଲାଗିଛି ପୂରା ଜଗତ। ବିଦେଶରେ ରହୁଥିବା ଭାରତୀୟ ଓ ରାମଭକ୍ତମାନେ ପ୍ରାଣ ପ୍ରତିଷ୍ଠା ଉତ୍ସବ ଭବ୍ୟ ଭାବେ ପାଳନ ପାଇଁ ବ୍ୟବସ୍ଥା କରିଛନ୍ତି। ଆମେରିକାରେ ଏକ କାର ରାଲିର ଆୟୋଜନ କରାଯାଇଛି। ଫ୍ରାନ୍ସ ରାଜଧାନୀ ପ୍ୟାରିସ ସମେତ ବିଶ୍ୱର ବିଭିନ୍ନ ସ୍ଥାନରେ ପ୍ରାଣ ପ୍ରତିଷ୍ଠା ଉତ୍ସବ ଲାଗି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହେବ। ଅନ୍ୟପକ୍ଷରେ ବିଶ୍ୱର ଅନେକ ଦେଶରେ ରାମମନ୍ଦିର ପ୍ରାଣ ପ୍ରତିଷ୍ଠା ଉତ୍ସବର ସିଧା ପ୍ରସାରଣ କରାଯିବ।

### ଶ୍ରୀକ୍ଷେତ୍ରର ...

ଜାନୁଆରି ୧୭ ଅପରାହ୍ନ ୧ଟା ୧୫ରୁ ସାଢ଼େ ୧ଟା ଭିତରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଓ ଏହାର ଫଳକ ଲୋକାର୍ପଣ କରିବେ। ମୁଖ୍ୟମନ୍ତ୍ରୀଙ୍କ କାରକେଡ୍ ସିଧାସଳଖ ଆସି ଦୋଳବେଦି କୋଣରେ ରହିବ। ସାଢ଼େ ୧ଟାରୁ ୨ଟା ଭିତରେ ଗଜପତି ମହାରାଜା ଯଜ୍ଞର ପୂର୍ଣ୍ଣାହୁତି ଦେବେ। ପରେ ନିମନ୍ତ୍ରିତ ଅତିଥି ପରିକ୍ରମା ପ୍ରକଳ୍ପର ଅନ୍ତଃପ୍ରଦକ୍ଷିଣ (ଇନର୍ କରିଡର) କରିବେ। ୧୭ ତାରିଖରେ ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ପାଇଁ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି। ୫ ଥାକିଆ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ସୁରକ୍ଷା ପାଇଁ ୪୪ ପ୍ଲାଟୁନ ପୁଲିସ ଫୋର୍ସ ସମେତ ବରିଷ୍ଠ ଅଧିକାରୀ ମୁତୟନ ହେବେ। ଆଜିଠାରୁ ୧୭ ତାରିଖ ପର୍ଯ୍ୟନ୍ତ ପୁଲିସ ମୁତୟନ ରହିବେ। କେବଳ ୧୭ ତାରିଖ ଲୋକାର୍ପଣ ଦିନ ପାଇଁ ଅଧିକ ୨୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯିବ। ଏଥିସହିତ ୨୪ ଘଣ୍ଟିଆ ସୁରକ୍ଷା ବ୍ୟବସ୍ଥା ରହିବ। ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳ ସହ ସିସିଟିଭି ଓ ସର୍ଭେଲାନ୍ସ ଟିମ୍, ବୋମା ନିଷ୍କ୍ରିୟକାରୀ ଟିମ୍, ଫେସ ରିଡିଂ ଟିମ୍ ଆଦି ନିୟୋଜିତ ହେବେ। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ଶ୍ରୀମନ୍ଦିର ପରିକ୍ରମା ମାର୍ଗର ୯ ଟି ଗେଟ୍ ରେ ସ୍ୱତନ୍ତ୍ର ତାଲିମପ୍ରାପ୍ତ ଦକ୍ଷ ଅଧିକାରୀ ପୁଲିସ ନିୟୋଜିତ ହେବେ। ସେହିପରି ଟ୍ରାଫିକ ସୁପରିଚାଳନା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି। ୧୭ ତାରିଖ ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପାଇଁ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ। ଅନ୍ୟପଟେ ୧୭ ତାରିଖରେ ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପରେ ସେହିଦିନ ଅପରାହ୍ନ ୩ ଟା ପରେ ସର୍ବସାଧାରଣ ପରିକ୍ରମା ମାର୍ଗକୁ ଯାଇପାରିବେ। ସନ୍ଧ୍ୟାରେ ଶ୍ରଦ୍ଧାଳୁଙ୍କ ପାଇଁ ଲାଇଟ୍ ଏବଂ ସାଉଣ୍ଡ ସୋ ବ୍ୟବସ୍ଥା ହୋଇଛି। ପରିକ୍ରମା ମାର୍ଗରେ ପ୍ରଦର୍ଶିତ ହେବ ଲୋକକଳା।

### ପ୍ଲାଷ୍ଟିକ୍ ବୋତଲ ...

ଶରୀର ଉପରେ ଏହାର ଅଧିକ କୁପ୍ରଭାବ ରହିଛି। ମାଇକ୍ରୋ ପ୍ଲାଷ୍ଟିକ ତୁଳନାରେ ନାନୋ ପ୍ଲାଷ୍ଟିକ କଣିକାର ପ୍ରଭାବ ପ୍ରାୟ ୧୦ରୁ ୧୦୦ ଗୁଣା ଅଧିକା। ଏହା ଶରୀର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗକୁ ପ୍ରଭାବିତ କରିଥାଏ। ପୂର୍ବରୁ ପ୍ଲାଷ୍ଟିକ ବୋତଲରେ ଥିବା ପିଇବା ପାଣିରେ ଏହି ସବୁ କଣିକା ରହିଥିବା ନେଇ ସନ୍ଦେହ କରି ଆସୁଥିଲେ ବୈଜ୍ଞାନିକ। ତେବେ ଜ୍ଞାନକୌଶଳ ଅଭାବରୁ ଏହି ସବୁ ନାନୋପ୍ଲାଷ୍ଟିକ କଣିକୁ ଗୁଡିକୁ ଠାବ କରାଯାଇ ପାରିନଥିଲା। ଆମେରିକାରେ ହୋଇଥିବା ଏକ ଗବେଷଣାରେ ୩ଟି ବିଭିନ୍ନ କମ୍ପାନୀର ପ୍ଲାଷ୍ଟିକ ବୋତଲରେ ଥିବା ପାଣିକୁ ନେଇ ଏହି ପରୀକ୍ଷା କରାଯାଇଥିଲା । ୩ ବୋତଲରେ ଥିବା ପାଣିରେ ୧ ଲକ୍ଷ ୧୦ ହଜାରରୁ ୩ ଲକ୍ଷ ୧୦ ହଜାର ନାନୋପ୍ଲାଷ୍ଟିକ କଣିକା ଥିବା ଜଣାପଡିଥିଲା। ସେଥିମଧ୍ୟରୁ ୯୦ ପ୍ରତିଶତ ନାନୋ ପ୍ଲାଷ୍ଟିକ ହୋଇଥିବାବେଳେ ୧୦ ପ୍ରତିଶତ ମାଇକ୍ରୋପ୍ଲାଷ୍ଟିକ ଥିବା ଜଣାପଡିଥିଲା। ସ୍ୱାସ୍ଥ୍ୟ ଉପରେ ପ୍ଲାଷ୍ଟିକର ପ୍ରଭାବକୁ ଭିତ୍ତିକରି ଏହି ସୂଚନା ଦେଇଛନ୍ତି ଗବେଷକ। ଆମେରିକାର ପ୍ରୋସିଡିଂ ଅପ ଦି ନେସନାଲ ଏକାଡେମି ଅଫ୍ ସାଇନ୍ସ ପକ୍ଷରୁ ଏହି ତଥ୍ୟ ପ୍ରଦାନ କରାଯାଇଛି।

### 'ମୁଁ ଆବେଗରେ ...

ଭଗବାନ ମତେ ଭାରତର ଜନସାଧାରଣଙ୍କୁ ପ୍ରତିନିଧିତ୍ୱ କରିବା ପାଇଁ ଏକ ମାଧ୍ୟମ ବନାଇଛନ୍ତି। ଏହା ଏକ ବିରାଟ ଦାୟିତ୍ୱ।" ପ୍ରଧାନମନ୍ତ୍ରୀ ଜନସାଧାରଣ, ମୁନୀ, ଋଷି ଓ ଈଶ୍ୱରଙ୍କ ଆଶୀର୍ବାଦ ଏହି ଦାୟିତ୍ୱ ବହନ କରିବା ପାଇଁ ଭିକ୍ଷା କରିଥିଲେ। ଏହି ବିଧି ବିଧାନ ଭଗବାନ ରାମ ଅନେକ ଦିନ ବିତାଇଥିବା ନାସିକ ଧାମ-ପଞ୍ଚବଟୀରୁ ସେ ଆରମ୍ଭ କରିବେ ବୋଲି କହିଥିଲେ। ଆଜି ସ୍ୱାମୀ ବିବେକାନନ୍ଦ ଓ ମାତା ଜୀଜାବାଈଙ୍କ ଜୟନ୍ତୀ ଏକ ସୁଖଦ ସମନ୍ୱୟ ବୋଲି କହିବା ସହ ସେ ଜାତୀୟ ଚେତନାର ଏହି ଦୁଇ କର୍ଣ୍ଣଧାରଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସୀତା-ରାମଙ୍କ ପ୍ରତି ଭକ୍ତିଭାବ ରଖିଥିବା ନିଜ ମାଆଙ୍କୁ ମଧ୍ୟ ଏହି କ୍ଷଣରେ ପ୍ରଧାନମନ୍ତ୍ରୀ ସ୍ମରଣ କରିଥିଲେ। ଭଗବାନ ରାମ ଭକ୍ତମାନଙ୍କ ତ୍ୟାଗ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ " ସ୍ୱଦେହରେ ମୁଁ ସେ ପବିତ୍ର କ୍ଷଣରେ ଉପସ୍ଥିତ ରହିଲେ ମଧ୍ୟ ମୋ ହୃଦୟରେ ୧୪୦କୋଟି ଭାରତୀୟଙ୍କ ଧ୍ୱନି ପ୍ରତିଧ୍ୱନିତ ହେବ। ଆପଣମାନେ ମୋ ସହ ରହିବେ, ପ୍ରତ୍ୟେକ ରାମଭକ୍ତ ମୋ ସହିତ ରହିବେ। ସେହି ସଚେତନ କ୍ଷଣ ଆମ ସମସ୍ତଙ୍କ ନିମନ୍ତେ ଏକ ଅଭିଜ୍ଞତାର କ୍ଷଣ ହେବ। ରାମ ମନ୍ଦିର ପାଇଁ ଯେଉଁ ଅସଂଖ୍ୟ ବ୍ୟକ୍ତି ସେମାନଙ୍କ ଜୀବନ ଉତ୍ସର୍ଗ କରିଛନ୍ତି ମୁଁ ସେମାନଙ୍କ ପ୍ରେରଣାକୁ ମୋ ସହିତ ବହନ କରିବି। ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ତାଙ୍କ ସହ ସହଯୋଗ କରିବାକୁ ନିବେଦନ କରିବା ସହ ଜନସାଧାରଣଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। "ଆମେ ସମସ୍ତେ ଜାଣୁ ଈଶ୍ୱର "ନିରାକାର" ମାତ୍ର ସ୍ୱଦେହରେ ଭଗବାନ ଆମ ଆଧ୍ୟାତ୍ମିକ ଯାତ୍ରାକୁ ମଜବୁତ କରିଥାନ୍ତି। ମୁଁ ବ୍ୟକ୍ତିଗତଭାବେ ଲୋକଙ୍କ ମଧ୍ୟରେ ଈଶ୍ୱରଙ୍କୁ ଦେଖିଛି ଓ ଅନୁଭବ ମଧ୍ୟ କରିଛି। ଜନସାଧାରଣ ଯେଉଁମାନେ ଈଶ୍ୱରଙ୍କ ପ୍ରତିରୂପ, ସେମାନେ ଯେତେବେଳେ ନିଜର ଅନୁଭବକୁ ଶବ୍ଦରେ ବଖାଣନ୍ତି ଓ ଆଶୀର୍ବାଦ କରନ୍ତି, ସେତେବେଳେ ମୋ ଭିତରେ ଏକ ନୂତନ ଶକ୍ତି ଜାଗି ଉଠେ। ମୁଁ ଆପଣମାନଙ୍କ ଆଶୀର୍ବାଦ କାମନା କରୁଛି"ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

### ୨୦୨୪ରେ ...

ମୁଖ୍ୟମନ୍ତ୍ରୀ ଓ ୫ଟି ଅଧକ୍ଷଙ୍କ ଜିଲ୍ଲା ଗସ୍ତରୁ ମିଳୁଛି ଆଶୀର୍ବାଦ। ଗଠନ ହେଉଛି ବିକଶିତ ଓଡ଼ିଶା। ରୂପାନ୍ତରଣ ପଥରେ ଆଗକୁ ଚାଲିଛି ରାଜ୍ୟ। ୨୦୧୯ ନିର୍ବାଚନ ପ୍ରତିଶ୍ରୁତିକୁ ଶତ ପ୍ରତିଶତ ପାଳନ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ୫ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ ଜିଲ୍ଲାକୁ ଜିଲ୍ଲା ତୋଫାନୀ ଗସ୍ତ କରି ବିକାଶମୂଳକ କାର୍ଯ୍ୟକୁ ଆଗକୁ ନେଉଛନ୍ତି। ବଡ଼ବଡ଼ ପ୍ରକଳ୍ପ ଆରମ୍ଭ ସହ ଅନେକ ପ୍ରକଳ୍ପର ଲୋକାପର୍ଣ କରୁଛନ୍ତି ମୁଖ୍ୟମନ୍ତ୍ରୀ। ବିଭିନ୍ନ କ୍ଷେତ୍ରରେ ଅଗ୍ରଣୀ ରାଜ୍ୟରେ ପରିଣତ ହୋଇଛି ଓଡ଼ିଶା। ଏଥିପାଇଁ ୨୦୨୪ରେ ଓଡ଼ିଶାବାସୀ ବିଜେଡିକୁ ପୁଣି ଆଶୀର୍ବାଦ ଦେବେ। ଓଡ଼ିଶା ନିର୍ବାଚନ ରାଜନୀତିରେ ୨୪ରେ ବିଜେଡି ସବୁ ରେକର୍ଡକୁ ଭାଙ୍ଗି ଷଷ୍ଠଥର ଶାସନ ଭାର ଗ୍ରହଣ କରିବ। ଲଗାତାର ଲମ୍ବା ସମୟ ପାଇଁ ମୁଖ୍ୟମନ୍ତ୍ରୀ ରହି ନବୀନ ପଟ୍ଟନାୟକ ଦେଶରେ ରେକର୍ଡ କରିବେ। ଏଥିପାଇଁ ଓଡ଼ିଶାବାସୀ ମନସ୍ଥ କରିଛନ୍ତି ବୋଲି ଶାସକ ଦଳ କହିଛି। ୨୪ରେ ବିଜେଡିର ଆସନ ସଂଖ୍ୟା ସହ ଭୋଟ୍ ହାର ବୃଦ୍ଧି ପାଇବ ବୋଲି ଦଳର ବିଧାୟକମାନେ ଆକଳନ କରିଛନ୍ତି। ନବୀନ ପଟ୍ଟନାୟକଙ୍କ ଲୋକପ୍ରିୟତା ଓ ନୂଆ ଓଡ଼ିଶା ସଶକ୍ତ ଓଡ଼ିଶା ରୂପାନ୍ତରଣ ବିଜେଡିକୁ ୨୪ରେ ବଡ଼ ବିଜୟ ଦେବ। ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ଶିଳ୍ପ, ପର୍ଯ୍ୟଟନ, ପରିବହନ, ପର୍ଯ୍ୟଟନଠାରୁ ଆରମ୍ଭ କରି ଭିତ୍ତିଭୂମି ବିକାଶ ଓ କଳା, ସାହିତ୍ୟ, ଐତିହ୍ୟ ଓ ସଂସ୍କୃତି କ୍ଷେତ୍ରରେ ବିକାଶର ନୂଆ ଅଧ୍ୟାୟ ଆରମ୍ଭ ହୋଇଛି। ଯେଉଁଥିରେ ଓଡ଼ିଶାବାସୀ ବେଶ୍ ଖୁସି। ଏସବୁକୁ ଅଧାର କରି ବିଜେଡି ମିଶନ ୧୩୦ ଓ ଦେଢ଼ କୋଟି ଭୋଟ୍ ପାଇଁ ଲକ୍ଷ୍ୟ ରଖିଛି। ୨୦୧୪ ନିର୍ବାଚନରେ ବିଜେଡି ୧୧୭ ବିଧାନସଭା ଆସନ ପାଇଥିଲା। ଭୋଟ୍ ହାର ଥିଲା ୪୩ ଦଶମିକ ୩୫ ପ୍ରତିଶତ ଥିଲା। ଦଳ ୯୩ ଲକ୍ଷ ୩୫ ହଜାର ୧୫୯ ଭୋଟ୍ ପାଇଥିଲା। ୨୦୧୯ରେ ବିଜେଡି ୧ କୋଟି ୪ ଲକ୍ଷ ୮ ହଜାର ୨୩୮ଭୋଟ୍ ପାଇଥିବା ବେଳେ ଭୋଟ୍ ହାର ବଢ଼ି ୪୪ ଦଶମିକ ୬ ପ୍ରତିଶତରେ ପହଞ୍ଚିଥିଲା। ବିଧାନସଭା ଆସନ ସଂଖ୍ୟା ଥିଲା ୧୧୨। ୨୪ରେ ବିଜେଡିର ଭୋଟ୍ ହାର ବୃଦ୍ଧି ସହ ଆସନ ସଂଖ୍ୟା ବୃଦ୍ଧି ପାଇବ ବୋଲି ଦଳ କହିଛି।

### ଖସୁନି ...

ଦିଆଯାଇଛି ବୋଲି ଅଭିଯୋଗ କରିଛି ବ୍ୟବସାୟୀ ମହାସଂଘ। ଯାହାଯୋଗୁ ବଡ଼ ବଡ଼ କର୍ପୋରେଟ୍ ସଂସ୍ଥା ପିଆଜ ଯୋଗାଣ ବ୍ୟବସ୍ଥାକୁ ମନଇଚ୍ଛା ନିୟନ୍ତ୍ରଣ କରୁଥିବା ଅଭିଯୋଗ ହେଉଛି। ଶୀତଦିନରେ ପିଆଜ ଦର ୪୦ ଟଙ୍କାରେ ସ୍ଥିର। ଗତ ଅଗଷ୍ଟ ମାସରେ ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକରେ ଲଗାଣ ବର୍ଷାରେ ପିଆଜ ନଷ୍ଟ ହେଲା। କ୍ୱିଣ୍ଟାଲ୍ ୧୨୦୦ ଟଙ୍କାରେ ମିଳୁଥିବା ପିଆଜ ଅଚାନକ ୨୫୦୦ ଟଙ୍କା ଛୁଇଁଲା। ଖୁଚୁରା ବଜାରରେ ପିଆଜ କିଲୋ ୬୦ ଟଙ୍କାରୁ ୮୦ ଟଙ୍କାରେ ପହଞ୍ଚିଲା। ସେତେବେଳେ କେନ୍ଦ୍ର ସରକାର ପିଆଜ ରପ୍ତାନୀ ବନ୍ଦ କରିଦେଲେ। କୁହାଗଲା ନଭେମ୍ବର ବେଳକୁ ନୂଆ ପିଆଜ ଅମଳ ହେଲେ ଦର ଖସିବ। ନଭେମ୍ବର ଯାଇ ଡିସେମ୍ବର ଶେଷ ଆଡ଼କୁ ନୂଆ ପିଆଜ ଆସିବା ପରେ ଦିନ କେଇଟା ୨୦ରୁ ୨୨ ଟଙ୍କା ହୋଇଛି କି ନାହିଁ ପୁଣି ଥରେ ବଢ଼ି ୪୦ ଟଙ୍କାରେ ସ୍ଥିର ରହିଛି। ରାଜ୍ୟ ବ୍ୟବସାୟୀ ମହାସଂଘ ଅଭିଯୋଗ କରିଛି, କେନ୍ଦ୍ର ସରକାର ପିଆଜ ରପ୍ତାନୀକୁ ଅନୁମତି ଦେବା ପରଠୁ ପିଆଜ ଦର ବଢୁଛି। କେନ୍ଦ୍ର ସରକାର ଜାଣିଶୁଣି କର୍ପୋରେଟ୍ ସଂସ୍ଥାଙ୍କୁ ଲାଭ ଦେବାକୁ ଏପରି ବ୍ୟବସ୍ଥା କରିଛନ୍ତି। ସାଧାରଣ ଖାଉଟିଙ୍କ ସ୍ୱାର୍ଥକୁ ଆଖି ବୁଜି ଦେଉଛନ୍ତି। ଆଳୁ କିଲୋ ୨୦ କିନ୍ତୁ ପିଆଜ ଦର ଡବଲ୍। ସାଧାରଣ ଖାଉଟିଙ୍କୁ ବହୁତ ବାଧୁଛି ଏହି ସମୀକରଣ। ଏପରି ମହଙ୍ଗା ମାଡ଼ରେ ଆଉ କେତେ ଦିନ ଶିକାର ହେବେ ଜାଣିପାରୁନାହାନ୍ତି। ଆଇଗଣିଆ ଗଦିରେ ବି ପାଇକରୀ ପିଆଜର ଦର କ୍ୱିଣ୍ଟାଲ ଏବେ ବି ୨୪୦୦ ଟଙ୍କାରୁ ୨୫୦୦ ଟଙ୍କାରେ ବିକ୍ରି ହେଉଛି। ଗତବର୍ଷ ଏହି ଋତୁରେ ପିଆଜ ଦରଠାରୁ ୯୬ ପ୍ରତିଶତ ଅଧିକ ଥିଲା। ଯାହାର ଦର ବୃଦ୍ଧି ଘଟିଲା ସେ ଆଉ ପୂର୍ବ ଦରକୁ ଆସୁନାହିଁ। ଏବର କେନ୍ଦ୍ର ସରକାର ଲୋକଙ୍କୁ ଦରବୃଦ୍ଧିରୁ ନିସ୍ତାର ଦେବେ କଣ ଓଲଟି ଏଥିରେ ଅଭ୍ୟସ୍ତ ହେବାର ମାନସିକତା ଆଣୁଛନ୍ତି। ଲୋକେ ଏହାକୁ ଗ୍ରହଣ କରିବେ ନାହିଁ। ଲାଗୁଛି ଖାଉଟି ଏବେ ଚେତିଲେଣି। ଖାଉଟି ଚେତିଲେ ସମସ୍ତେ ହେବେ ସାବାଡ଼। କାହିଁକି ପିଆଜକୁ ନେଇ ଫି' ବର୍ଷ ଏପରି ଚଢ଼ା ଦର ହେଉଛି। ୬ ମାସ ତଳେ ୨୦ ଟଙ୍କାରେ ମିଳୁଥିବା ପିଆଜ ଘରୋଇ ବଜାରରେ ବିକ୍ରି ହେବା ସହ ରପ୍ତାନୀ ବି ହେଉଥିଲା। ଏବେ ଅମଳ ପରେ ଡବଲ୍ ଦାମ ହେବା ପଛର କାରଣ କଣ? ଖାଉଟି ଗଣୁଥିବା ଡବଲ ଦାମର ଲାଭ ଚାଷୀ ପାଉଛନ୍ତି କି? ଯଦି ଚାଷୀ ପାଉନାହାନ୍ତି, ତାହେଲେ ମାତ୍ରାଧିକ ଲାଭ ନେଉଛି କିଏ? ଏବେ ଖାଉଟି ମାଗିଲେଣି ଜବାବ।

### ମା'ମାନଙ୍କ ...

୧୧୩ କୋଟି ଟଙ୍କା ବିନିଯୋଗରେ ନିର୍ମିତ ହେଉଥିବା ଏହି କ୍ୟାମ୍ପସ କୃଷି ସଂପ୍ରସାରଣର କ୍ଷେତ୍ରରେ ଏକ ଉତ୍କର୍ଷ କେନ୍ଦ୍ର ଭାବରେ କାମ କରିବ। ସେହିପରି କୃଷି ଉଦ୍ୟୋଗ ଭବନ ନୂଆପଲ୍ଲୀଠାରେ ପ୍ରତିଷ୍ଠା କରାଯାଉଛି। ଏଥିପାଇଁ ୨୮ କୋଟି ଟଙ୍କା ବିନିଯୋଗ କରାଯିବ। କୃଷି ଉଦ୍ୟୋଗ କ୍ଷେତ୍ରରେ ଏହା ରାଜ୍ୟର ଚାଷୀମାନଙ୍କୁ ପ୍ରୋତ୍ସାହନ ଯୋଗାଇଦେବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଶିଷ୍ଟ କୃଷି ବିଜ୍ଞାନୀ ଡ. ସ୍ୱାତୀ ନାୟକଙ୍କୁ ସମ୍ମାନିତ କରିଥିଲେ। ଏହା ସହିତ ଅଭିନବ କୃଷି ଯନ୍ତ୍ରପାତି ପ୍ରୋତ୍ସାହନ ଯୋଜନାରେ ୧୭ ଜଣ କୃଷକଙ୍କୁ ପୁରସ୍କୃତ କରିବା ସହ ୧୦ ଜଣ ସଫଳ ମହିଳା ଚାଷୀଙ୍କୁ ସମ୍ମାନିତ କରିଥିଲେ। ମୁଖ୍ୟମନ୍ତ୍ରୀ ଓଡିଶା ରାଜ୍ୟ ସମବାୟ ବ୍ୟାଙ୍କର କୃଷି ଋଣ ମଡ୍ୟୁଲର ସଫଳ ପୋର୍ଟାଲର ଶୁଭାରମ୍ଭ କରିଥିଲେ। ଏହା ଦ୍ୱାରା ଚାଷୀମାନେ ଖୁବ୍ ଶୀଘ୍ର ଓ ସୁବିଧାରେ ଫସଲ ଋଣ ପାଇପାରିବେ। କାର୍ଯ୍ୟକ୍ରମରେ ଯୋଗଦେଇ କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଥିଲେ ଯେ ୧୯୯୯ରେ କୃଷି କ୍ଷେତ୍ରରେ ରାଜ୍ୟ ସରକାରଙ୍କ ବ୍ୟୟ ରାଜ୍ୟ ବଜେଟ୍ର ମାତ୍ର ୪.୬୬ ପ୍ରତିଶତ ଥିବାବେଳେ ଆଜି ଏହା ୧୧ ପ୍ରତିଶତ ହୋଇପାରିଛି। କୃଷି କ୍ଷେତ୍ରରେ ଏହି ବ୍ୟାପକ ବିନିଯୋଗ ଯୋଗୁ ଆଜି ରାଜ୍ୟର ସବୁ କ୍ଷେତ୍ରରେ ପ୍ରଗତି ଆସିଛି। ସେ କହିଥିଲେ ଯେ କୃଷି କ୍ଷେତ୍ରରେ ମହିଳା ଚାଷୀମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ୧୦୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। କାର୍ଯ୍ୟକ୍ରମରେ ଯୋଗଦେଇ ମହିଳା ଓ ଶିଶୁ ବିକାଶ ତଥା ମିଶନ ଶକ୍ତି ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ କହିଥିଲେ ଯେ କ୍ଷେତରୁ ଆରମ୍ଭକରି ଖାଦ୍ୟଥାଳି ପର୍ଯ୍ୟନ୍ତ ମହିଳାମାନେ କୃଷି କ୍ଷେତ୍ରରେ ସେମାନଙ୍କର ବଳିଷ୍ଠ ଯୋଗଦାନ ରଖିଛନ୍ତି। ମହିଳାମାନଙ୍କୁ କୃଷିଭିତ୍ତିକ କାର୍ଯ୍ୟକ୍ରମରେ ପ୍ରୋତ୍ସାହନ ଦିଆଯାଉଛି। ମିଶନ ଶକ୍ତି କାର୍ଯ୍ୟକ୍ରମ ଯୋଗୁ ଓଡିଶାର ମହିଳାମାନଙ୍କର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି ହୋଇପାରିଛି ବୋଲି ସେ କହିଥିଲେ।

# ଅସ୍ତରଙ୍ଗ ବନ୍ୟପ୍ରାଣୀ ବାନାଞ୍ଚଳର ପକ୍ଷୀ ଗଣନା ଶେଷ

**ଅସ୍ତରଙ୍ଗ :** ପୁରୀ ବନ୍ୟ ପ୍ରାଣୀ ବନଖଣ୍ଡ ଅଧିନ ଅସ୍ତରଙ୍ଗ ବନ୍ୟପ୍ରାଣୀ ବାନଞ୍ଚଳ ତରଫରୁ ବୁଧବାର ଦିନ ପକ୍ଷୀ ଗଣନା ଶେଷ ହୋଇଛି। ଏହି ଗଣନା ସକାଳ ୬ ଘଟିକା ଠାରୁ ଆରମ୍ଭ ହୋଇ ୧୦ଘଟିକା ପର୍ଯ୍ୟନ୍ତ ଚାଲିଥିଲା। ପାଞ୍ଚ ଭାଗରେ ବିଭକ୍ତ ହୋଇ ୨୦ ଜଣ ବନ କର୍ମଚାରୀ ସାମିଲ ଥିବା ଏହି ଗଣନା କାର୍ଯ୍ୟ, କଣମଣ୍ ଠାରୁ ଗଙ୍ଗାଦେବୀ, ଗଙ୍ଗାଦେବି ଠାରୁ ନାଶି, ଦେବୀ ନାଶି ଠାରୁ ପାଟସୁନ୍ଦର ପୁର, ବେଲେଶ୍ୱର ମନ୍ଦିର ଠାରୁ କେଲୁଣି ମୁହାଣ, ନଟରା ଠାରୁ କେଉଟ ଜଙ୍ଗା ପର୍ଯ୍ୟନ୍ତ ଚାଲିଥିଲା। ଏହି ଗଣନାରେ ଚନ୍ଦନ ହଂସ, ଗେଣ୍ଡାଳିଆ, ହଂଶାରୁଡ଼ି, ସମୁଦ୍ର କୁଆ, ମାଛ ରଙ୍କା, ଟିଇ ଟିଆଁ, ଧଳା ବାଜେଣି, ବାଇଗିଣି ବଗ, ଲିଟିଲି କର୍ମ କାଣ୍ଡ,ଚାହା ଚଢ଼େଇ, ହଂଶାରୁଡୀ, ଚାତକ ଆଦି



ପ୍ରଜାତିର ପକ୍ଷୀ ଗଣନା କରା ଯାଇଅଛି। ଏହି ପକ୍ଷୀ ଗଣନା ଅସ୍ତରଙ୍ଗ ରେଞ୍ଜର ସୁଦର୍ଶନ ଦେହୁରୀଙ୍କ ପ୍ରତ୍ୟକ୍ଷ ତତୋବ୍ୟଧାନରେ ଚାଲିଥିବା ବେଳେ, ପରିବେଶବିତ୍ ଶୋଭାକାର ବେହେରା, ସୌମ୍ୟରଞ୍ଜନ ବିଶ୍ୱାଳ, ଫରେଷ୍ଟର ବଳରାମ ସାହୁ, ବିରଜା ମହାପାତ୍ର, ସବିର ସାହୁ, ବନରକ୍ଷୀ ଦିଲୀପ କୁମାର ନାୟକ, ମିଳନ କୁମାର ମୁଦୁଲି, ନିର୍ମଳେନ୍ଦୁ ଚାଟାର୍ଜୀ, ସ୍କ୍ୱାଡ ଶୁକଦେବ ମହାନ୍ତିଙ୍କ ସମେତ ପକ୍ଷୀ ବିଶାରଦ ସାମିଲ ଥିଲେ।

# ଗ୍ରାମ୍ୟ ସ୍ତରୀୟ ବିପର୍ଜୟ ପରିଚାଳନା ଓ ମୁକାବିଲା କର୍ମଶାଳା

**ନବରଙ୍ଗପୁର :** ସ୍ଥାନୀୟ ଡିପିଆରସି ସଭାଗୃହରେ ନବରଙ୍ଗପୁର ଜିଲ୍ଲାପାଳ ଡଃ କମଳ ଲୋଚନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗ୍ରାମ୍ୟ ସ୍ତରୀୟ ବିପର୍ଯ୍ୟୟ ପରିଚାଳନା ଯୋଜନା ପ୍ରସ୍ତୁତି ସମ୍ବନ୍ଧରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହାର ଉଦ୍ଦେଶ୍ୟ ଲକ୍ଷ୍ୟ ତଥା ବିଭିନ୍ନ ପକ୍ରିୟା ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା ହୋଇଥିଲା। ପ୍ରକାଶ ଥାଉକି, ବିପର୍ଯ୍ୟୟ ପରିଚାଳନା ଓ ତାର ମୁକାବିଲା ସମ୍ବନ୍ଧରେ ଓଡିଶା ସାରା ବିଶ୍ୱରେ ଏକ ଅଭିନ୍ନ ଉଦାହରଣ ସୃଷ୍ଟି କରିପାରିଛି ବୋଲି ଜିଲ୍ଲାପାଳ ଡଃ ମିଶ୍ର ପ୍ରକାଶ କରିଥିଲେ। ସେହିପରି ବିପର୍ଯ୍ୟୟ ମୁକାବିଲା ଓ ପରିଚାଳନା ସମ୍ବନ୍ଧରେ ସମସ୍ତଙ୍କୁ ରାଜ୍ୟ ସ୍ତରରୁ ପ୍ରତ୍ୟେକ ଗ୍ରାମ୍ୟ ସ୍ତର ପର୍ଯ୍ୟନ୍ତ କିପରି ସଚେତନତା ସୃଷ୍ଟି କରାଯାଇ ପାରିବ ତାହା ଆଜିର ବୈଠକର ମୂଳ ଉଦ୍ଦେଶ୍ୟ ଥିଲା ବୋଲି ଜିଲ୍ଲାପାଳ ଡଃ ମିଶ୍ର ପ୍ରକାଶ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ନବରଙ୍ଗପୁର ଜିଲ୍ଲା ପରିଷଦ ଅଧକ୍ଷ ମୋତିରାମ ନାୟକ ଉପସ୍ଥିତ ଥିବା ସମସ୍ତ ପଦାଧିକାରୀ ଏବଂ ସ୍ୱେଚ୍ଛାସେବୀ ସଂଗଠନ ମାନଙ୍କୁ ନିଜ ଗ୍ରାମ୍ୟ



ଅନୁଯାଇ ବ୍ୟାପକ ଖସଡା ପ୍ରସ୍ତୁତ କରିବା ପାଇଁ ଅନୁରୋଧ କରିଥିଲେ। ଚଳିତ ବର୍ଷ ନବରଙ୍ଗପୁର ଜିଲ୍ଲା ର ନବରଙ୍ଗପୁର, ନନ୍ଦାହାଣ୍ଡି ଓ କୋଷାଗୁମୁଡ଼ା ବ୍ଲକର ୨୫ ଟି ପଞ୍ଚାୟତ ଅଧିନସ୍ଥ ୬୦ଟି ଗ୍ରାମରେ ଏହି ଯୋଜନା କାର୍ଯ୍ୟକାରୀ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଉକ୍ତ ବୈଠକରେ ବିଭିନ୍ନ ଜିଲ୍ଲା ସ୍ତରୀୟ ପଦାଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ସ୍ୱେଚ୍ଛାସେବୀ ସଂଗଠନ ସାହାରା ଉମରକୋଟ ର ଅଶୋକ ପ୍ରଧାନ, ମନୋଜ ଧଳ ଏବଂ ବିକାଶ ଭୁବନେଶ୍ୱର ର ଅସିତ କୁମାର ସାହୁ , ଜିଲ୍ଲା ଜରୁରୀ କାଳୀନ ବିଭାଗର ପ୍ରକଳ୍ପ ଅଧିକାରୀ ହିମାଂଶୁ ଶେଖର ପଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଡଃ ଅମୃତ କୁମାର ରାଉଳ ପରିଚାଳନା କରିଥିଲେ।

## ମହାତ୍ମା ଗାନ୍ଧୀ +୨ଉଚ୍ଚମାଧ୍ୟମିକ ଓ +୩ ମହାବିଦ୍ୟାଳୟରେ

# 'ଯୁବ ଓଡ଼ିଶା ନବୀନ ଓଡିଶା' ଉଦ୍‌ଯାପିତ

**ଅସ୍ତରଙ୍ଗ :** ବର୍ତ୍ତମାନ ସାରା ରାଜ୍ୟ ଯୁବ ମାନଙ୍କ ବିକାଶ ପାଇଁ ବିଭିନ୍ନ ବିଦ୍ୟାଳୟ ରେ ଯୁବ ଓଡିଶା ନବୀନ ଓଡିଶାର କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଛି, ଛାତ୍ରଛାତ୍ରୀ ମାନଙ୍କ ଭିତରେ ଥିବା ସାଂସ୍କୃତିକ, ସାମାଜିକ, କ୍ରୀଡା ଭିତିକ, ସମାଜ ସେବା ଉପରେ ଥୀବା ସୁପ୍ତ ପ୍ରତିଭାକୁ ବିକଶିତ କରିବା ରାଜ୍ୟ ସରକାରଙ୍କ ମୂଳ ଲକ୍ଷ୍ୟ, ଏହି କାର୍ଯ୍ୟକ୍ରମର ଉଦଯାପନୀ ଉତ୍ସବ ଅସ୍ତରଙ୍ଗ ମହାତ୍ମା ଗାନ୍ଧୀ +୨ ଉଚ୍ଚ ମାଧ୍ୟମିକ ଓ +୩ ମହା ବିଦ୍ୟାଳୟରେ ଉଦ୍‌ଯାପାନୀ ସମାରୋହ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ +୩ ଅଧକ୍ଷ ନିରୋଦ କୁମାର ତ୍ରିପାଠୀ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ରାଜ୍ୟ କ୍ରୀଡା ମନ୍ତ୍ରୀ ତୁଷାର କାନ୍ତି ବେହେରା ପ୍ରଦୀପ ଉଜ୍ଜ୍ୱଳନ କରିଥିଲେ। ଅନ୍ୟ ଅତିଥି ମାନଙ୍କ ଭିତରେ ପୁରୀ ଜିଲ୍ଲା ପରିଷଦ ଉପାଧକ୍ଷ ସ୍ୱାଧୀନ ନାୟକ, ମଙ୍ଗଳାମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ସନ୍ତୋଷ ମିତ୍ର, ପ୍ରଫେସର ଗୋପୀନାଥ କର, ପରିଚାଳନା କମିଟି ସଭାପତି ପ୍ରସନ୍ନ କୁମାର ବିଶ୍ୱାଳ,+୨ ଅଧକ୍ଷ ପ୍ରଶାନ୍ତ କୁମାର ନାୟକ,,ଜିଲ୍ଲା ପରିଷଦ ସଭ୍ୟା ସରସ୍ୱତୀ ସ୍ୱାଇଁ, ସାଂସଦ ପ୍ରତିନିଧି ଚମ୍ପକ



ବାରିକ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଅଧ୍ୟାପକ ଲିଙ୍ଗରାଜ ଛାଟୋଇ, ଅଧ୍ୟାପକ ସଞ୍ଜୟ ସାମଲ, ପ୍ରମୋଦ ଛାଟୋଇ ପ୍ରମୁଖ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗ ଖେଳରେ କୃତୀ ଛାତ୍ର ସୋମ୍ୟରଞ୍ଜନ ଦାସ ଓ ଛାତ୍ରୀ ଅର୍ପିତା କାନୁନଗୋ +୨ଙ୍କୁ ଚମ୍ପିୟାନ ଟ୍ରଫି ପ୍ରଦାନ କରାଯାଇଥିବା ବେଳେ ନିକିତା କାଣ୍ଡି, ବର୍ଷା ନାୟକ, ହିମାଂଶୁ ପ୍ରଧାନ ଓ ମିକୁ ବେହେରାଙ୍କୁ ଅନ୍ୟ ବିଭାଗରେ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ନୋଡାଲ ଅଫିସର ପ୍ରଶାନ୍ତ କୁମାର ବିଶ୍ୱାଳ ସୂଚନା ଦେଇଛନ୍ତି। ଅତିଥି ମାନଙ୍କଦ୍ୱାରା କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ଛାତ୍ର ଛାତ୍ରୀଙ୍କ ଦ୍ୱାରା ସାସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ଓ ରାଜ୍ୟସରକାରଙ୍କୁ ଧନ୍ୟବାଦ ଜ୍ଞାପନ କରି ଉଦ୍‌ଯାପନୀ ହୋଇଥିଲା।





# ମକର ମଉଜ

ପ୍ରେମାନନ୍ଦ ପାଣିଗ୍ରାହୀ

ଜ୍ୟୋତିଷ ଶାସ୍ତ୍ର ଗଣନା ଅନୁସାରେ ପୃଥିବୀର କାଳ୍ପନିକ କ୍ରାନ୍ତିବୃତ୍ତକୁ ବାରଟି ରାଶିରେ ଭାଗ କରାଯାଇ ବାରଟି ନାମରେ ନାମକରଣ କରାଯାଇଛି । ତେଣୁ ବର୍ଷରେ ବାରଟି ସଙ୍କ୍ରାନ୍ତି ଆସେ । ସୌରମାନ ଗଣନା ଅନୁଯାୟୀ ସଂକ୍ରାନ୍ତି ହେଉଛି ମାସର ପ୍ରଥମ ଦିବସ । ପ୍ରତି ସଂକ୍ରାନ୍ତିରେ ସୂର୍ଯ୍ୟ ଗୋଟିଏ ରାଶିରୁ ଅନ୍ୟ ଗୋଟିଏ ରାଶିକୁ ଗମନ କରି ସେଠାରେ ଏକ ମାସ ଅବସ୍ଥାନ କରନ୍ତି । ବାର ରାଶି ମଧ୍ୟରୁ ମକର ହେଉଛି ଦଶମ ରାଶି । ମକର ସଂକ୍ରାନ୍ତି ଦିନ ସୂର୍ଯ୍ୟ ଉତ୍ତରାୟଣ ହୋଇ ଧନୁ ରାଶିରୁ ମକର ରାଶିରେ ପ୍ରବେଶ କରି ବିଷୁବକ୍ରାନ୍ତିକୁ କ୍ରମଶଃ ଗମନ କରିବା ସହ ଛଅ ମାସ ଅବସ୍ଥାନ କରିଥାନ୍ତି । ସୂର୍ଯ୍ୟ ମକର ରାଶିରେ ପ୍ରବେଶ କରୁଥିବାରୁ ଏହି ସଂକ୍ରାନ୍ତିର ନାମ ମକର ସଂକ୍ରାନ୍ତି । ମକର ସଂକ୍ରାନ୍ତି ମାଘ ମାସର ପ୍ରଥମ ଦିନ । ଶ୍ରାବଣ ମାସରୁ ପୌଷ ଛଅ ମାସ ସୂର୍ଯ୍ୟଙ୍କର ଦକ୍ଷିଣାୟନ ଅବସ୍ଥାନକୁ ଦେବତାମାନଙ୍କର ରାତି ଓ ମାଘରୁ ଆଷାଢ ଛଅ ମାସ ସୂର୍ଯ୍ୟଙ୍କର ଉତ୍ତରାୟଣକୁ ଦିନ ଭାବରେ ବିବେଚନା କରାଯାଏ । ଦକ୍ଷିଣାୟନ କାଳରେ ଦେବତାମାନେ ଶୟନ କରୁଥିବାରୁ ଶୁଭକାର୍ଯ୍ୟ କରାଯାଏ ନାହିଁ ମକର ସଂକ୍ରାନ୍ତି ଠାରୁ ସୂର୍ଯ୍ୟଙ୍କର ଉତ୍ତରାୟଣ ଗତି ଆରମ୍ଭ ହେଉ ଥିବାରୁ ଦେବତାମାନଙ୍କର ବିଶେଷ ପୂଜାର୍ଚ୍ଚନା ସହ ବିବାହ,ବ୍ରତ,ଗୃହ ପ୍ରତିଷ୍ଠା,ହୋମ,ଦେବତା ପ୍ରତିଷ୍ଠା ଆଦି ଶୁଭକାର୍ଯ୍ୟ ଆରମ୍ଭ କରାଯାଏ । ମକର ସଂକ୍ରାନ୍ତି ଦିନ ଆରମ୍ଭ କରାଯାଉଥିବା ପ୍ରତ୍ୟେକ କାର୍ଯ୍ୟ ବିଶେଷ ଫଳ ପ୍ରଦାନ କରିଥାଏ ବୋଲି ବିଶ୍ୱାସ କରାଯାଏ । ମକର ସଂକ୍ରାନ୍ତି ହେଉଛି ଏପରିଏକ ପର୍ବ ଯାହା ସୂର୍ଯ୍ୟଙ୍କ ଗତି ଅନୁସାରେ ନିର୍ଦ୍ଧାରିତ ହୋଇଥାଏ । ବୈଦିକ ଶାସ୍ତ୍ରରେ ସୂର୍ଯ୍ୟ ହେଉଛନ୍ତି ସତ୍ୟ,ଧର୍ମ,ନ୍ୟାୟ ଓ ପ୍ରାଣର ପ୍ରତୀକ । ଓଡିଆରେ ଏକ ପ୍ରବାଦ ଅଛି ମକର ଦିନ ହୁଏ ବକର । ମକର ସଂକ୍ରାନ୍ତି ଠାରୁ ଦିନ କ୍ରମଶଃ ବୃଦ୍ଧି ହେବା ସହ ସୂର୍ଯ୍ୟଙ୍କର ତେଜ ପ୍ରଖର ହୁଏ । ସୁଲଭ ସୂର୍ଯ୍ୟାଲୋକ ପାଇ ଦେଶବାସୀ ଉଲ୍ଲସିତ ହୁଅନ୍ତି । ତେଣୁ ହିନ୍ଦୁମାନେ ଆଲୋକ ଓ ଶକ୍ତିର ସୃଷ୍ଟିକର୍ତ୍ତା ସୂର୍ଯ୍ୟଙ୍କୁ ମକର ସଂକ୍ରାନ୍ତି ଦିନ ପୂଜାର୍ଚ୍ଚନା କରନ୍ତି । କୁହାଯାଏ ସୂର୍ଯ୍ୟ ସଂକ୍ରମଣ ବେଳେ ପୂଣ୍ୟ ତୀର୍ଥମାନଙ୍କରେ ସ୍ନାନ ଓ ତର୍ପଣ କଲେ ଶ୍ରଦ୍ଧାଳୁ ସାତଜନ୍ମ ପାପରୁ ମୁକ୍ତି ପାଏ । ହିନ୍ଦୁମାନଙ୍କର ଗୋଟିଏ ବିଶ୍ୱାସ ଅଛି ଯେ ସୂର୍ଯ୍ୟଙ୍କର ଉତ୍ତରାୟଣ ଗତି ସମୟରେ ଯେଉଁମାନଙ୍କର ପରଲୋକ ହୁଏ ସେମାନଙ୍କର ସ୍ୱର୍ଗାଲୋକ ପଥ ସୁଗମ ହୋଇଥାଏ । ମହାଭାରତ ଯୁଦ୍ଧ ସମୟରେ ପିତାମହ ଭୀଷ୍ମ ଯୁଦ୍ଧରେ ଧରାଶାୟୀ ହୋଇ ସୂର୍ଯ୍ୟଙ୍କର ଉତ୍ତରାୟଣରେ ଦେହତ୍ୟାଗ କରିଥିଲେ। ସେହି ଶରଶଯ୍ୟାରେ ଭୀଷ୍ମ ଅଠାବନ ଦିନ ଅପେକ୍ଷା କରି ସୂର୍ଯ୍ୟଙ୍କର ଉତ୍ତରାୟଣ ଗତି କାଳରେ ଇଚ୍ଛାମୃତ୍ୟୁ ଲାଭ କରିଥିଲେ । ତେଣୁ ମକର ସଂକ୍ରାନ୍ତିକୁ ସୂର୍ଯ୍ୟଙ୍କର ସଂକ୍ରମଣ କାଳର ଉତ୍ସବ ବୋଲି କୁହାଯାଏ। ପୁରାଣ ଶାସ୍ତ୍ର ଅନୁଯାୟୀ ସୂର୍ଯ୍ୟଦେବ ତାଙ୍କ ପୁତ୍ର ଶନିଙ୍କ ଘରକୁ ମାସଟିଏ ଅବସ୍ଥାନ କରିବା ପାଇଁ ଯାଇଥାନ୍ତି । ବ୍ରହ୍ମାଣ୍ଡ ପୁରାଣ ଅନୁଯାୟୀ ଏହିଦିନ ଦଧିମନ୍ଥନ ବ୍ରତ ପାଳନ କରାଯାଏ । ଖୁସି ଓ ସମୃଦ୍ଧିର ପର୍ବ ମକର ସଂକ୍ରାନ୍ତି ସମଗ୍ର ଭାରତରେ ବିଭିନ୍ନ ନାମରେ ଭିନ୍ନଭିନ୍ନ ପରମ୍ପରାରେ ପାଳିତ ହୋଇଥାଏ । ମକର ପର୍ବ ସାମାଜିକ ଜୀବନରେ ମୈତ୍ରୀ,ସଦ୍ଭାବନା ଓ ଭାଇଚାରାର ଭାବନାକୁ ସୁଦୃଢ କରି ଆସିଛି।

ମକର ସଂକ୍ରାନ୍ତିରେ ଦେବଦେବୀମାନେ ନିଜ ରୂପ ବଦଳାଇ ଗଙ୍ଗା,ଯମୁନା,ସରସ୍ୱତୀର ସଂଗମ ସ୍ଥଳ ପ୍ରୟାଗରେ ସ୍ନାନ କରିବାକୁ ଆସିଥାନ୍ତି । ମକର ଦିନ ବ୍ରାହ୍ମଣ,ଦୁଃଖୀରଙ୍କିଙ୍କୁ ରାଶି,ବସ୍ତ୍ର,ଫଳ,ମୂଳ ଆଦି ଦାନ କରିବା ଦ୍ୱାରା ଦୀର୍ଘାୟୁ ,ନିରୋଗ ହେବା ସହ ସମସ୍ତ ପାପମୁକ୍ତ ହୋଇଥାଏ । ପୌରାଣିକ ତଥ୍ୟ ଅନୁସାରେ ବିଷ୍ଣୁ ଶରୀରରୁ ତିନି ପ୍ରକାର ରାଶି ଉତ୍ପନ୍ନ କରିଥିଲେ। ସେଗୁଡିକ କଳା ରାଶି,ଧଳା ରାଶି,ଧୂସର ରାଶି । ମାଘ ମାସରେ ଯେଉଁ ବ୍ୟକ୍ତି ଭଗବାନ ବିଷ୍ଣୁଙ୍କୁ ରାଶି ଦାନ କରିଥାନ୍ତି ତାଙ୍କର ସମସ୍ତ କଷ୍ଟ ଦୂର ହୋଇଥାଏ । ବିଷ୍ଣୁଧର୍ମ ସୂତ୍ରରେ କୁହାଯାଇଛି ମକର ସଂକ୍ରାନ୍ତି ଦିନ ସର୍ବକଲ୍ୟାଣ ପାଇଁ ତିଳର ଛଅ ପ୍ରକାର ବ୍ୟବହାର ଅଶେଷ ପୂଣ୍ୟଦାୟକ ଓ ଫଳଦାୟକ । ଯଥା;-ତିଳଜଳରେ ସ୍ନାନ,ତିଳ ଦାନ,ତିଳ ଭୋଜନ,ତିଳ ତର୍ପଣ ଓ ତିଳ ଆହୁତି,ତିଳରୁ ପ୍ରସ୍ତୁତ ତୈଳ ମର୍ଦ୍ଦନ। ତିଳ ଦାନ କଲେ କାଳ ସର୍ପ ଯୋଗ,ରାହୁ କେତୁଙ୍କ କୁପ୍ରଭାବ,ଶନିଙ୍କ କୁଦୃଷ୍ଟି ଦୂର ହେବ । ରାଜା ଭଗିରଥ ନିଜ ପୂର୍ବଜମାନଙ୍କୁ ମୋକ୍ଷ ପ୍ରଦାନ ପାଇଁ ମାଗଙ୍ଗାଙ୍କୁ ମକର ସଂକ୍ରାନ୍ତି ଦିନ ପୃଥିବୀକୁ ଆଣିଥିଲେ ଓ ଅକ୍ଷତ,ଗଙ୍ଗା ଜଳ,ତିଳ ଦ୍ୱାରା ଶ୍ରାଦ୍ଧ ଓ ତର୍ପଣ କରିଥିଲେ ।



ମକର ସଂକ୍ରାନ୍ତିର ମୁଖ୍ୟ ଆକର୍ଷଣ ମକର ଭୋଗ । ସୂର୍ଯ୍ୟଙ୍କ ଗତି ସହ ସମ୍ପର୍କ ଥିବା ଯୋଗୁଁ ମକର ପର୍ବ ଋତୁଚକ୍ର ଓ ଫସଲ ସହ ଜଡିତ ।ସୂର୍ଯ୍ୟଙ୍କ ଆଲୋକ ଓ ତେଜ ଯୋଗୁଁ କୃଷକ କ୍ଷେତରେ ଭଲ ଫସଲ ଅମଳ କରୁଥିବାରୁ ଅସରନ୍ତି ଶକ୍ତିର ଭଣ୍ଡାର ସୂର୍ଯ୍ୟଙ୍କୁ ନୂତନ ଶସ୍ୟ ଅର୍ପଣ କରି ପୂଜାର୍ଚ୍ଚନା କରିଥାନ୍ତି । ନୂଆ ଅରୁଆ ଚାଉଳ, ନୂଆ ଗୁଡ,ନୂଆ ରାଶି, ଖୁଆ, ଅଦା, ଗୋଲମରିଚ, ନଡିଆ ଖଣ୍ଡ,ଆଖୁ ,ପାଚିଲା କଦଳୀ, ଦହିରେ ପ୍ରସ୍ତୁତ ଭୋଗକୁ ମକର ଭୋଗ କୁହାଯାଏ । ସୂର୍ଯ୍ୟ ଦେବତା,ଗୃହର ଇଷ୍ଟ ଦେବୀ, ଖଳାବାଡିରେ ଏହି ଭୋଗକୁ ଅର୍ପଣ କରାଯାଏ ।

ରାଶିମିଶ୍ରିତ ଏହି ମକର ଭୋଗକୁ କୁମାରୀମାନେ ଜଣେ ଅନ୍ୟ ଜଣକୁ ଖୁଆଇ ଦେଇ ମକର ମିତ ବସିଥାନ୍ତି । ଏହି ସମ୍ପର୍କ ଦ୍ୱାରା ଉଭୟ ପରସ୍ପରକୁ ମକର ଡାକନ୍ତି । ଦୁଇ ବନ୍ଧୁ ଆଜୀବନ କେହି କାହାର ନାମ ଧରି ସମ୍ବୋଧନ କରନ୍ତି ନାହିଁ ,କେବଳ ମକର ବୋଲି ସମ୍ବୋଧନ କରନ୍ତି । ମକର ବସିଥିବା ଦୁଇ ବାନ୍ଧବୀଙ୍କ ମଧ୍ୟରେ ଯେ କେବଳ ମୈତ୍ରୀବନ୍ଧନ ଗଢିଉଠିଥାଏ ତାହାନୁହେଁ ଦୁଇ ପରିବାର ମଧ୍ୟରେ ଏକ ସୁନ୍ଦର ଯୋଗସୂତ୍ର ସ୍ଥାପନ ହୋଇଥାଏ । ମକର ଚାଉଳ ଏକ ସୁମିଷ୍ଟ ତଥା ପୁଷ୍ଟିକର ଭୋଜ୍ୟବସ୍ତୁ । ଶୀତ ଋତୁରେ ସୂର୍ଯ୍ୟଙ୍କର ସୁଲଭ କିରଣର ଅଭାବ ହେତୁ ଗୁରୁପାକ ପଦାର୍ଥ ଗ୍ରହଣ କରିବାରେ ମନୁଷ୍ୟ ଅସମର୍ଥ ହୁଏ । ମକର ସଂକ୍ରାନ୍ତି ଠାରୁ ସୂର୍ଯ୍ୟଙ୍କର ତେଜ ପ୍ରଖର ହେଉଥିବାରୁ ଶରୀରରେ ହଜମ ଶକ୍ତି ବୃଦ୍ଧିପାଏ ।



ମକର ସଂକ୍ରାନ୍ତିକୁ କେତେକ ଗୁଡିଉଡା ପର୍ବ କହିଥାନ୍ତି । ମକରସଂକ୍ରାନ୍ତି ସହିତ ଗୁଡି ଉଡାର ପର୍ବର ରହିଛି ପାରମ୍ପରିକ ସମ୍ପର୍କ । ମକର ପର୍ବ ଅବସରରେ ଗୁଡି ଉଡଇବାରେ ଏକ ନିଆରା ଆନନ୍ଦ ଭରି ରହିଥାଏ । ପିଲା ଠାରୁ ବୟସ୍କ ଲୋକମାନେ ଗୁଡିର ଆନନ୍ଦ ଉଠଇବା ପାଇଁ ବ୍ୟାକୁଳ ହୋଇ ଉଠନ୍ତି । ଭାରତରେ ଅନେକ ସ୍ଥାନରେ ମକର ସଂକ୍ରାନ୍ତି ଅବସରରେ ଗୁଡି ଉଡା ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥାଏ । ଯେତେବେଳେ ଗୋଟିଏ ଗୁଡି ଆଉ ଏକ ଗୁଡିକୁ କାଟେ,ସେ ସମୟର ଦୃଶ୍ୟ ସଂପୂର୍ଣ୍ଣ ଭିନ୍ନ । ଦେଖଣାହାରୀଙ୍କ କରତାଳିରେ ସେସ୍ଥାନଟି ଉଠେପଡେ । ଗୁଡି ଉଡାକୁ ଅଧିକ ଲୋକପ୍ରିୟ କରିବା ବିଭିନ୍ନ ସ୍ଥାନରେ କାଇଟ କ୍ଲବ ଗଢି ଉଠିଛି । ଗୁଡି ଉଡାଇ ସୁଖ ସମୃଦ୍ଧି ସହ ଭଲ ଫସଲ ପାଇଁ ମକର ସଂକ୍ରାନ୍ତି ଅବସରରେ ଭଗବାନଙ୍କ ନିକଟରେ କାମନା କରାଯାଏ ।



ଭାରତର ବିଭିନ୍ନ ସ୍ଥାନରେ ମକର ସଂକ୍ରାନ୍ତିକୁ ଭିନ୍ନ ଭିନ୍ନ ଭାବରେ ପାଳନ କରାଯାଉଥିବା ବେଳେ କେନ୍ଦୁଝର, ମୟୁରଭଂଜ, ସୁନ୍ଦରଗଡ ଜିଲ୍ଲାର ବନବାସୀମାନଙ୍କର ମକର ହେଉଛି ସବୁଠାରୁ ବଡପର୍ବ । ବନବାସୀମାନେ ଯେଉଁଠି ଥାଆନ୍ତୁ ନା କାହିଁକି ମକର ବେଳକୁ ନିଜ ନିଜ ଘରକୁ ଫେରି ଆସନ୍ତି । ମୟୁରଭଂଜ,କେନ୍ଦୁଝର ଓ ସୁନ୍ଦରଗଡ ଜିଲ୍ଲାର ଖଣ୍ଡାଧାର, ବରାହଟିପୁରା, ଦେବକୁଣ୍ଡ, ଭୀମକୁଣ୍ଡ, କେଶରୀକୁଣ୍ଡ, କାନଝରୀ ଡ୍ୟାମ, ଗୋନାସିକା, କପ୍ତିପଦା, ଦୋମୁହାଣି ପ୍ରଭୃତି ସ୍ଥାନରେ ମକର ତିନି ଦିନରୁ ସାତ ଦିନ ଧରି ପାଳିନ କରାଯାଏ । ମକରର ପୂର୍ବଦିନକୁ ବାଉଣ୍ଡୀ ଓ ମକରର ପରଦିନକୁ ଧାଉଣ୍ଡୀ କୁହାଯାଏ । ବାଉଣ୍ଡି ଦିନ ମକର ପାଇଁ ପ୍ରସ୍ତୁତି ହୁଏ । ମକର ପିଠା କରାଯାଏ । ମକର ଦିନ ପ୍ରଭାତରୁ ଆବାଳ ବୃଦ୍ଧବନିତା ବାଜା ବଜାଇ ହୁଳହୁଳି ଦେଇ ନଦୀ ବା ପୁଷ୍କରଣୀରେ ସ୍ନାନ କରନ୍ତି। ନବ ବସ୍ତ୍ର ପରିଧାନ କରି ମନ୍ଦିରରେ ଦେବଦର୍ଶନ କରନ୍ତି । ପୂଜାର୍ଚ୍ଚନା ସାରିବା ପରେ ପ୍ରଥମେ ମକର ଚାଉଳ ତାପରେ ମଣ୍ଡା,ଆରିସା ପିଠା ଖାଇବା ସହ ଖିରି,ପୁରୀ,ପିଠାପଣା ପ୍ରସ୍ତୁତ କରନ୍ତି। ମକର ପହ୍ନା ପୁହଁନ୍ତି ଓ ଗୁରୁଜନମାନଙ୍କୁ ମକର ଜୁହାର କରନ୍ତି । ବଣପାହାଡର ଏକ ନିର୍ଦ୍ଧିଷ୍ଟ ପୂଜସ୍ଥଳୀରେ

ଏକଜୁଟ ହୋଇ ଭୋଜିଭାତ,ନାଚଗୀତ କରି ପର୍ବ ପାଳନ କରନ୍ତି । ବନ୍ଧୁ ପରିଜନଙ୍କୁ ଖାସି ମାଂସ,ପିଠା,ଦେଶୀ ହାଣ୍ଡିଆରେ ଆପ୍ୟାୟିତ କରନ୍ତି । କୁଡୁମୀ ସମ୍ପ୍ରଦାୟର କୁମାରୀମାନେ ମକର ସଂକ୍ରାନ୍ତିର ସପ୍ତାହେ ପୂର୍ବରୁ ଆରମ୍ଭ କରିଥିବା ଟୁସୁଦେବୀଙ୍କ ପୂଜା ଉଦ୍ୟାପନ କରି ମକର ଦିନ ଦେବପୀଠ ପରିକ୍ରମା ସହ ମେଳନ କରନ୍ତି। ବ୍ରତଧାରୀ କନ୍ୟାମାନେ ବିରହପୂର୍ଣ୍ଣ ଗୀତ ଗାଇ ଟୁସୁଦେବୀଙ୍କୁ ଜଳାଶୟରେ ବିସର୍ଜନ କରନ୍ତି । ମକର ସଂକ୍ରାନ୍ତି ଅବସରରେ ସାପ୍ତାହିକ ହାଟମାନଙ୍କରେ କୁକୁଡା ଲଢେଇ ଓ ପାରମ୍ପରିକ ଖେଳ ସାଙ୍ଗକୁ ଆମିଷ ଭୋଜନ ଏକ ବିଶେଷ ପରମ୍ପରା । ମକର ସଂକ୍ରାନ୍ତି ଅବସରରେ ମୟୁରଭଂଜର ସାନ୍ତାଳ ସମ୍ପ୍ରଦାୟର ଲୋକେ ବୁଢାବଳଙ୍ଗ,ଜରାଳୀ ଓ ସରାଳୀ ନଦୀର ସଙ୍ଗମ ସ୍ଥଳୀ ବାରୁଣୀଘାଟ ଠାରେ ପୂର୍ବପୁରୁଷଙ୍କ ଅସ୍ଥି ବିସର୍ଜନ କରିଥାନ୍ତି । ଯାହାକୁକି ଦାମୋଦର ଯାତ୍ରା କୁହାଯାଏ । କେବଳ ମୟୁରଭଂଜ କାହିଁକି ଆମ ରାଜ୍ୟ ସମେତ ପଡୋଶୀ ରାଜ୍ୟମାନଙ୍କରୁ ବହୁ ଜନଜାତି ଲୋକ ଏଠାକୁ ଆସିଥାନ୍ତି ।

ଜଗନ୍ନାଥ ମହାପ୍ରଭୁଙ୍କ ଦ୍ୱାଦଶ ଯାତ୍ରା ମଧ୍ୟରେ ମକର ସଂକ୍ରାନ୍ତି ବା ଉତ୍ତରାୟଣ ଯାତ୍ରା ଅନ୍ୟତମ । ମକର ସଂକ୍ରାନ୍ତି ଦିନ ଶ୍ରୀଜୀଉମାନେ ଚୌରାଶୀ ବେଶ ହୋଇଥାନ୍ତି । ଓଡିଆ ମଠ ସହଯୋଗରେ କରାଯାଉଥିବା ଏହି ବେଶରେ ମହାପ୍ରଭୁଙ୍କୁ ଗେଣ୍ଡୁ ଫୁଲ ମାଳ, ଚୂଳ ଓ ଫୁଲ ଟୋପର ଲାଗି କରାଯାଇଥାଏ । ମକର ସଂକ୍ରାନ୍ତିର ପୂର୍ବଦିନ ମହାପ୍ରଭୁଙ୍କ ଠାରେ ଚାଉଳ ମେଳଣ ଓ ଫୁଲ ମେଳଣ ସହ ନବାଙ୍କ ବେଶ ଅନୁଷ୍ଠିତ ହୁଏ । ପରମ୍ପରା ଅନୁଯାୟୀ ଆଳତି ଓ ଅବକାଶ ପରେ ଶ୍ରୀବିଗ୍ରହମାନଙ୍କୁ ଫୁଟ ପହରଣା ଲାଗି କାଯିବା ସହ ତ୍ରିମୁଣ୍ଡିରେ ମାଳ ଓ ଚୂଳ ଲାଗି କରାଯାଇଥାଏ । ମକର ଚାଉଳ ପ୍ରସ୍ତୁତି ପାଇଁ ପୂର୍ବରୁ ଆଲମ ଚଣ୍ଡି ମନ୍ଦିରରୁ ନୂଆ ତାଡ,ଘଣ୍ଟା,ଛତା,କାହାଳି ସହ ପଟୁଆରରେ ଆସି ଜଗନ୍ନାଥ ବଲ୍ଲଭରେ ପ୍ରସ୍ତୁତ ମକର ଚାଉଳକୁ ଏହି ମଣ୍ଡପରେ ରଖାଯାଇ ତାହାକୁ ଶ୍ରୀମନ୍ଦିରକୁ ଅଣାଯାଇ ଭିତରବେଢା ଚାରିପଟେ ପରିକ୍ରମା କରାଯାଏ । ମକରତାଡ ଅଣାଯାଇଥାଏ । ଗୋପାଳବଲ୍ଲଭ ଓ ସକାଳଧୂପ ପରେ ତିନି ବାଡରେ ମଇଲମ,ମହାସ୍ନାନ,ସର୍ବାଙ୍ଗ ଲାଗି,ନୂଆଲୁଗା ଲାଗି,ମାଳଚୂଳ ଲାଗି ହେବା ପରେ ଅଳଙ୍କାର ଲାଗି ହୋଇ ମକର ବେଶ ବଢିଥାଏ ।

*ଭୁଷଳ,ଭୁବନ,ଢେଙ୍କାନାଳ*
*ଦୂରଭାଷ : ୯୪୩୭୭୨୯୩୮୪*







# ସ୍କୁଲରୁ ହିଁ ଭବିଷ୍ୟତ ନିର୍ମାଣ ହୁଏ : ମୁଖ୍ୟମନ୍ତ୍ରୀ




**ଭୁବନେଶ୍ୱର :** ୫ଟି ଉପକ୍ରମରେ ବଦଳୁଛି ସ୍କୁଲର ଚିତ୍ର। ଶିକ୍ଷାନୁଷ୍ଠାନ ମାନଙ୍କରେ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ସାଙ୍ଗକୁ ଯୋଗାଇ ଦିଆଯାଉଛି ହାଇଟେକ ସୁବିଧା । ଗୁରୁବାର ଚତୁର୍ଥ ପର୍ଯ୍ୟାୟରେ ରାଜ୍ୟର ୩୮୯ ରୂପାନ୍ତରିତ ହାଇସ୍କୁଲର ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ସେଗୁଡିକ ମଧ୍ୟରେ ରହିଛି ଗଞ୍ଜାମ ଜିଲ୍ଲାର ୧୪୯ ହାଇସ୍କୁଲ, ଝାରସୁଗୁଡ଼ାର ୧୧, ଜଗତସିଂହପୁରର ୫୭, କେନ୍ଦ୍ରାପଡ଼ାର ୧୧୨, ବରଗଡ଼ର ୬୦ ରୂପାନ୍ତରିତ ସ୍କୁଲ। ମୁଖ୍ୟମନ୍ତ୍ରୀ ଲୋକାର୍ପଣ କରିବା ପରେ ଦେଖିବାକୁ ମିଳିଛି ଖୁସିର ଲହରୀ। ରୂପାନ୍ତରଣ ଯୋଜନାରେ ଉନ୍ନତ ମାନର ଶିକ୍ଷାଦାନ ସହିତ ଅଭିଜ୍ଞ ଶିକ୍ଷକ, ଅତ୍ୟାଧୁନିକ ଶିକ୍ଷଣୀୟ ଉପକରଣ ଯୋଗାଇ ଦିଆଯାଉଛି। ବିଶେଷତଃ ଗୁଣାତ୍ମକ ଶିକ୍ଷା ବ୍ୟବସ୍ଥା ପାଇଁ ସମସ୍ତ ଆବଶ୍ୟକୀୟ ଉପକରଣ ସହିତ ଉତ୍ତମ ଶୈକ୍ଷିକ ବାତାବାରଣ ଉପରେ ଧ୍ୟାନ ଦିଆଯାଉଛି। ଉନ୍ନତମାନର ଶ୍ରେଣୀ ଗୃହ, ଖେଳ ପଡ଼ିଆ ସହିତ ଖେଳ ସାମଗ୍ରୀ, ସ୍ମାର୍ଟ ଲାଇବ୍ରେରୀ, କମ୍ପ୍ୟୁଟର ଲ୍ୟାବ୍ ଆଦି ସ୍କୁଲଗୁଡ଼ିକରେ ଯୋଗାଇ ଦିଆଯାଉଛି। ପିଲାମାନେ ବହି ବଦଳରେ ଇ-କଣ୍ଟେଣ୍ଟ ଓ ସ୍ମାର୍ଟ କ୍ଲାସରୁମର ପ୍ରଜେକ୍ଟରରେ ପାଠ ପଢୁଛନ୍ତି। ସେମାନଙ୍କୁ ଗୁଣାତ୍ମକ ଶିକ୍ଷାଦାନ ଦେବା ଲାଗି ଆବଶ୍ୟକ ଥିବା ସମସ୍ତ ପଦକ୍ଷେପ ଗ୍ରହଣ କରାଯାଉଛି। ଏଥିପାଇଁ ଶିକ୍ଷକମାନଙ୍କୁ ମଧ୍ୟ ଦକ୍ଷ କରାଯାଉଛି। ବିଭାଗ ପକ୍ଷରୁ ଶିକ୍ଷକମାନଙ୍କୁ ସ୍କୁଲ ପରିଚାଳନା ନେଇ ପ୍ରଶିକ୍ଷଣ ଦିଆଯାଉଛି। ଅତ୍ୟାଧୁନିକ ଯନ୍ତ୍ରାଂଶ ସାହାଯ୍ୟରେ ସେମାନେ କିପରି ଶିକ୍ଷାଦାନ କରିବେ ସେନେଇ ପ୍ରଶିକ୍ଷଣ ନେଉଛନ୍ତି। ଅପରପକ୍ଷେ ସ୍ମାର୍ଟ ସ୍କୁଲରେ ପଢ଼ିବା ପାଇଁ ପିଲାମାନଙ୍କ ମଧ୍ୟରେ ପୂର୍ବ ଅପେକ୍ଷା ଆଗ୍ରହ ବଢୁଛି। ଘରୋଇ ସ୍କୁଲ ଭଳି ସୁସଜ୍ଜିତ ଓ ଅତ୍ୟାଧୁନିକ ଶ୍ରେଣୀ ଗୃହ, ପାଠାଗାର ଆଦି ପିଲାଙ୍କୁ ସ୍କୁଲ ପ୍ରତି ଆକୃଷ୍ଟ କରୁଛି।

## ୧୨ ବରିଷ୍ଠ ଓଏଏସ୍ ଅଫିସରଙ୍କ ବଦଳି

**ଭୁବନେଶ୍ୱର :** ରାଜ୍ୟ ସରକାର ବରିଷ୍ଠ ଓଏଏସ୍ ଅଫିସରସ୍ତରରେ ବଦଳି କରିଛନ୍ତି। କଳିଙ୍ଗନଗର ଓ ଜଗତସିଂହପୁରରେ ନୂଆ ଅତିରିକ୍ତ ଜିଲ୍ଲାପାଳ(ଏଡିଏମ)ଙ୍କୁ ନିଯୁକ୍ତି ମିଳିଛି। ମୋଟ ୧୨ଜଣ ଓଏଏସ୍ ଅଫିସରଙ୍କ ବଦଳି ହୋଇଛି। ଉଚ୍ଚଶିକ୍ଷା ବିଭାଗର ଯୁଗ୍ମ ସଚିବ ଧୀରେନ୍ଦ୍ରନାଥ କରଙ୍କ ନୟାଗଡ଼ ଅତିରିକ୍ତ ଜିଲ୍ଲାପାଳ ଭାବେ ହୋଇଥିବା ବଦଳିକୁ ବାତିଲ କରାଯାଇଛି ।ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ଝାରସୁଗୁଡ଼ା ଅତିରିକ୍ତ ଜିଲ୍ଲାପାଳ ବରିଷ୍ଠ ଓଏଏସ୍ ଲଙ୍କେଶ୍ୱର ଅମାତଙ୍କୁ କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ଭାବେ ବଦଳି ହୋଇଛି। ସେହିପରି କଟକ ମହାନଗର ନିଗମର ଯୁଗ୍ମ କମିଶନର ଅନୀତା ପାତ୍ରଙ୍କୁ ଜଗତସିଂହପୁର ଅତିରିକ୍ତ ଜିଲ୍ଲାପାଳ ଭାବେ ଅବସ୍ଥାପିତ କରାଯାଇଛି। କେନ୍ଦୁଝର ଉପଜିଲ୍ଲାପାଳ ରାମଚନ୍ଦ୍ର କିସକୁଙ୍କୁ କେନ୍ଦୁଝର ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲର ପ୍ରଶାସନିକ ଅଫିସର, ବସନ୍ତ କୁମାର ସେଠୀଙ୍କୁ କେନ୍ଦୁଝର ମ୍ୟୁନିସପାଲଟିର କାର୍ଯ୍ୟନିର୍ବାହୀ ଅଧିକାରୀ, ତ୍ରିଲୋଚନ ମହାନ୍ତିଙ୍କୁ କେନ୍ଦୁଝର ଉପଜିଲ୍ଲାପାଳ, ଇପସିତା ପ୍ରିୟଦର୍ଶିନୀ ମିଶ୍ରଙ୍କୁ କଟକ ମହାନଗର ନିଗମର ଯୁଗ୍ମ କମିଶନର, ସୁଧାଂଶୁ କୁମାର ଭୋଇଙ୍କୁ ଗଞ୍ଜାମ ଜିଲ୍ଲା ଅର୍ବାନ ଡେଭଲମେଂଟ ଅଥରିଟି(ଡିୟୁଡିଏ)ର ପ୍ରକଳ୍ପ ନିର୍ଦ୍ଦେଶକ, ପଲ୍ଲବୀ ନାୟକଙ୍କୁ ରାଉରକେଲା ମହାନଗର ନିଗମର ଯୁଗ୍ମ କମିଶନର ଓ ସୁରଜ କୁମାର ପଟ୍ଟନାୟକଙ୍କୁ ସୁବର୍ଣ୍ଣପୁର ଉପଜିଲ୍ଲାପାଳ ଭାବେ ବଦଳି ହୋଇଛି।

### ରୂପାନ୍ତରଣର ବଡ଼ ଉଦାହରଣ କଳାହାଣ୍ଡି

## ୭ ମାସ ଭିତରେ ୫୭୦ କୋଟି ମଞ୍ଜୁର : ୫ଟି ଅଧ୍ୟକ୍ଷ



**ଭୁବନେଶ୍ୱର:** ରୂପାନ୍ତରଣର ସବୁଠୁ ବଡ଼ ଉଦାହରଣ ପାଲଟିଛି କଳାହାଣ୍ଡି। ମେଡିକାଲ କଲେଜ, ୟୁନିଭର୍ସିଟି, ଇଂଜିନିୟରିଂ କଲେଜରୁ ଜଳସେଚନ ପର୍ଯ୍ୟନ୍ତ ସବୁ ସୁବିଧା ଯୋଗାଇ ଦିଆଯାଇଛି। ଚାଷୀଙ୍କ ପାଇଁ କଳାହାଣ୍ଡିରେ ଜଳସେଚନ ପାଇଁ ଯେଉଁ କାମ ହୋଇଛି ସାରା ରାଜ୍ୟରେ ଆଉ କେଉଁଠି ହୋଇନି। ଚାଷୀ ଭାଇଙ୍କ ଜୀବନରେ ବହୁତ ବଡ଼ ଧରଣର ରୂପାନ୍ତରଣ ହୋଇଥିବା ଭବାନୀପାଟଣା ଶ୍ରୀକ୍ରିଷ୍ଣ ପଡ଼ିଆରେ ୫ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କହିଛନ୍ତି। କଳାହାଣ୍ଡି ଜିଲ୍ଲାକୁ ବହୁତ ଭଲ ପାଆନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ନିଜେ ୫ଟି ଅଧ୍ୟକ୍ଷ ୨୦୦୨ରେ କଳାହାଣ୍ଡିରେ ଦୁଇ ବର୍ଷ କାମ କରିଛନ୍ତି। ଗାଁ ଗାଁକୁ ଯାଇ ବୁଲି ଦେଖିଥିଲେ କଳାହାଣ୍ଡି କେମିତି ଥିଲା। ଆଉ ଏବେ କଳାହାଣ୍ଡି କେମିତି ହୋଇଛି ସେକଥା ସମସ୍ତେ ଜାଣିଛନ୍ତି। କଳାହାଣ୍ଡିବାସୀଙ୍କୁ ପୁରୁଣା ପରିବାର କହି ସମ୍ବୋଧନ କରିଥିଲେ କାର୍ତ୍ତିକ ପାଣ୍ଡିଆନ। ଗତ ମେ ୧୯ ଓ ୨୦ ତାରିଖରେ ସେ କଳାହାଣ୍ଡି ଆସିଥିଲେ। ସେତେବେଳେ ପାଖାପାଖି ୨ହଜାର ଦରଖାସ୍ତ ନେଇଥିଲେ। ଏହା ମଧ୍ୟରେ ୧୮ଶହ ଦରଖାସ୍ତର ସମାଧାନ ହୋଇଛି। ୭ମାସ ଭିତରେ କଳାହାଣ୍ଡି ଜିଲ୍ଲା ପାଇଁ ୫୭୦ କୋଟି ଟଙ୍କା ମଞ୍ଜୁର କରାଯାଇଛି। କଲେଜ ରୂପାନ୍ତରଣ ପାଇଁ ୨୭କୋଟି ଟଙ୍କା ମଞ୍ଜୁର ହୋଇଛି। ଫେବ୍ରୁଆରୀ ଶେଷ ସୁଦ୍ଧା କାମ ସରିଯିବ। ବେଲଖଣ୍ଡି ମନ୍ଦିର ପାଇଁ ୨କୋଟି ୫୦ଲକ୍ଷ, ମାଆ ଲଙ୍କେଶ୍ୱରୀ ମନ୍ଦିର ପାଇଁ ୨କୋଟି ୫୦ଲକ୍ଷ, ମାଆ ଭଣ୍ଡରଘରଣୀ ମନ୍ଦିର ପାଇଁ କୋଟିଏ ୯ଲକ୍ଷ, ଆମ୍ବପାଣି ବୁଢାରଜା ମନ୍ଦିର ପାଇଁ ୭୫ଲକ୍ଷ ଟଙ୍କା, ଥୁଆମୂଳ ରାମପୁର ଜଗନ୍ନାଥ ମନ୍ଦିର ପାଇଁ ୨୦ଲକ୍ଷ, ଭବାନୀପାଟଣା ଆଶା ସାଗର ପାଇଁ ୬କୋଟି ୪୦ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ସେହିପରି ପିପଲ ନାଳ ସେତୁ ଓ ସୌନ୍ଦର୍ଯ୍ୟକରଣ ପାଇଁ କୋଟିଏ ୭୦ ଲକ୍ଷ ଟଙ୍କା, ସାନ୍ଦୁଲ ନଦୀ ଉପରେ ସେତୁ ପାଇଁ ୧୪କୋଟି ୫୦ଲକ୍ଷ, ହାତୀ ନଦୀ ଉପରେ ସେତୁ ପାଇଁ ୧୧କୋଟି ୨୦ଲକ୍ଷ, କଲ୍ୟାଣ ନଦୀ ଉପରେ ଡଙ୍ଗର ମୁରଲୀରୁ ଖଲିପଦର ରାସ୍ତାରେ ସେତୁ ପାଇଁ ୮କୋଟି ୮୨ ଲକ୍ଷ ଟଙ୍କା ଓ ରେତ ନଦୀ ଉପରେ ସଗରପଦା ଖମାରପଦର ରାସ୍ତାରେ ସେତୁ ପାଇଁ ୮କୋଟି ୪୦ଲକ୍ଷ ଟଙ୍କା ଅନୁମୋଦନ ହୋଇଛି। ଥୁଆମୂଳ ରାମପୁରରେ ସରକାରୀ ଡିଗ୍ରୀ କଲେଜକୁ ମଞ୍ଜୁରୀ ମିଳିଛି। ଖୁବ୍‌ଶୀଘ୍ର ମନ୍ଦିର, ମସଜିଦ, ଚର୍ଚ୍ଚ, କମ୍ୟୁନିଟି ସେଣ୍ଟର ପାଇଁ ଖୁସି ଖବର ମିଳିବ ବୋଲି ୫ଟି ଅଧ୍ୟକ୍ଷ କହିଛନ୍ତି। ଜିଲ୍ଲାରେ ଲକ୍ଷ୍ମୀ ବସ ଚାଲିଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାର୍ଡ ପାଇନଥିବା ଗ୍ରାମାଞ୍ଚଳ ଲୋକ ଆବେଦନ କରିବାକୁ ସେ କହିଛନ୍ତି। ଯୋଜନାରେ ବଡ଼ ହସପିଟାଲରେ ଚିକିତ୍ସିତ ହେବାକୁ ଗରିବଙ୍କୁ ମୁଖ୍ୟମନ୍ତ୍ରୀ ସାହାସ ଦେଇଛନ୍ତି। କଳାହାଣ୍ଡିରେ ପ୍ରତି ଘରେ ନବୀନ କାର୍ଡ ପହଞ୍ଚାଇବାକୁ ସେ ଆହ୍ୱାନ ଦେଇଛନ୍ତି। ମାର୍ଚ୍ଚ ସୁଦ୍ଧା ଆମ ବ୍ୟାଙ୍କ ଯୋଜନାରେ ସବୁ ପଞ୍ଚାୟତରେ ବ୍ୟାଙ୍କ ଖୋଲିବ। ଭତ୍ତା ପାଉଥିବା ଲୋକଙ୍କୁ ଶୀଘ୍ର ଖୁସି ଖବର ମିଳିବ। ନୂଆ ଓଡ଼ିଶା ସଶକ୍ତ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନ। କଳାହାଣ୍ଡିକୁ ସବୁ ଦେଇଛନ୍ତି ମୁଖ୍ୟମନ୍ତ୍ରୀ, କଳାହାଣ୍ଡିବାସୀ ତାଙ୍କୁ ସମ୍ମାନ ଦେବାକୁ ୫ଟି ଅଧ୍ୟକ୍ଷ ଆହ୍ୱାନ ଦେଇଛନ୍ତି। ଏହି ସରକାର ଲୋକଙ୍କ ସରକାର। ଲୋକ ଯାହା ଚାହିଁବେ ସେଇ କାମ ହେବ ବୋଲି କାର୍ତ୍ତିକ ପାଣ୍ଡିଆନ କହିଛନ୍ତି।

## ଫେବୃଆରୀ ୧ରେ କାମଚଲା ବଜେଟ୍

**ନୂଆଦିଲ୍ଲୀ :** ସଂସଦର ବଜେଟ୍ ଅଧିବେଶନ ଜାନୁଆରି ୩୧ରୁ ଆରମ୍ଭ ହୋଇ ଫେବ୍ରୁଆରି ୯ରେ ଶେଷ ହେବ ବୋଲି ସରକାରୀ ସୂତ୍ରରୁ ଜଣାପଡ଼ିଛି। ଜାନୁଆରୀ ୩୧ରେ ବଜେଟ୍ ଅଧିବେଶନ ଆରମ୍ଭ ହେବା ପରେ ସଂସଦର ଉଭୟ ଗୃହକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସମ୍ବୋଧିତ କରିବେ। ଏହାପରେ ଜାନୁଆରୀ ୩୧ରେ ଅର୍ଥନୈତିକ ସର୍ଭେ ରିପୋର୍ଟ ମଧ୍ୟ ଉପସ୍ଥାପନ କରାଯିବ। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଫେବ୍ରୁଆରି ୧ରେ ୨୦୨୪-୨୫ର ପ୍ରଥମ ୪ ମାସ ପାଇଁ ଏକ ଅନ୍ତରୀଣ ବା କାମଚଳା ବଜେଟ୍ ଉପସ୍ଥାପନ କରିବେ। ଚଳିତ ବର୍ଷ ସାଧାରଣ ନିର୍ବାଚନ ହେବାକୁ ଥିବାରୁ କେନ୍ଦ୍ର ସରକାର ଏକ କାମଚଳା ବଜେଟ ଉପସ୍ଥାପନ କରିବେ। ନିର୍ବାଚନ ପରେ ନୂଆ ସରକାର ଗଠନ ହେବା ପରେ ଲୋକସଭାରେ ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ ହେବ। ଲୋକସଭା ନିର୍ବାଚନ ପୂର୍ବରୁ ଅନ୍ତରୀଣ ବଜେଟ୍ ଆସୁଥିବାରୁ ଏହି ଅଧିବେଶନ ଉପରେ ସମସ୍ତଙ୍କ ନଜର ରହିବ। କାରଣ ସରକାର ଭୋଟରଙ୍କୁ ଆକୃଷ୍ଟ କରିବାକୁ କେତେକ ଲୋଭନୀୟ ଘୋଷଣା କରିପାରନ୍ତି। ଆୟକର ସୀମା ବଢିପାରେ। ଅନ୍ତରୀଣ ବଜେଟରେ କୃଷକମାନଙ୍କ ପାଇଁ ପିଏମ କିଷାନ ସମ୍ମାନ ନିଧିକୁ ଦୁଇଗୁଣା କରିବାକୁ ପ୍ରସ୍ତାବ ଆସିପାରେ। ଖାଲି ସେତିକି ନୁହେଁ, ମହିଳାଙ୍କୁ ନେଇ ମଧ୍ୟ କିଛି ବଡ ଘୋଷଣା ହୋଇପାରେ।

### ଭୁବନେଶ୍ୱର ଓକିଲ ସଂଘର ନାଟକ ଉତ୍ସବ

## ମନମୋହିଲା 'ଛୋଟ ମୋର ଗାଁ ଟି'



**ଭୁବନେଶ୍ୱର :** ରବୀନ୍ଦ୍ର ମଣ୍ଡପରେ ଭୁବନେଶ୍ୱର ଓକିଲ ସଂଘର ବାର୍ଷିକ ନାଟକ 'ଛୋଟ ମୋର ଗାଁ ଟି' ପ୍ରଦର୍ଶିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ରୂପେ ମାନ୍ୟବର ନ୍ୟାୟମୂର୍ତ୍ତି ଶ୍ରୀ ଆଦିତ୍ୟ କୁମାର ମହାପାତ୍ର ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ନାଟକଟିର ନିର୍ଦ୍ଦେଶନା ଦେଇଥିଲେ ଦେବାନନ୍ଦ ନାୟକ (ସୋନି) ଏବଂ ଏହାର ରଚନା କରିଥିଲେ ରଞ୍ଜିତ ମହାନ୍ତି। ବିଭିନ୍ନ ଭୂମିକାରେ ଦିଲ୍ଲୀପ ନାୟକ, ଶୀଳଭଦ୍ର ଶାସ୍ତ୍ରୀ, କବୀନ୍ଦ୍ର ବାରିକ, ଲିଙ୍ଗରାଜ ମହାରଣା, ପ୍ରଶାନ୍ତ ସାହୁ ଏବଂ ମନୋଜ ବଳିଆରସିଂହ ଅଭିନୟ କିରଥିଲେ। ଶୀଳଭଦ୍ର ଓ ମନୋଜଙ୍କ ଅଭିନୟରେ ଉପସ୍ଥିତ ଅତିଥି ଏବଂ ବିଚାରପତି ବିମୋହିତ ହୋଇଥିଲେ। ଶ୍ରୀ ଶାସ୍ତ୍ରୀ ପୋଲିସ ଅଫିସର ଭାବେ ଅଭିନୟ କରିଥିଲା ବେଳେ ଖଳନାୟକ ଭୂମିକାରେ ମନୋଜଙ୍କ ଅଭିନୟ ଦର୍ଶକଙ୍କୁ ଆକର୍ଷିତ କରିଥିଲା।

## 'ଦକ୍ଷ ଯୁବଶକ୍ତି ଏବଂ ଗୁଣାତ୍ମକ ଶିକ୍ଷାନୁଷ୍ଠାନ ମାଧ୍ୟମରେ ଭାରତ ସବୁ ସମସ୍ୟାର ସମାଧାନ କରିବା ପାଇଁ ପ୍ରସ୍ତୁତ'



**ଗାନ୍ଧୀନଗର :** ଦକ୍ଷ ଯୁବଶକ୍ତି ଏବଂ ଗୁଣାତ୍ମକ ଶିକ୍ଷାନୁଷ୍ଠାନ ମାଧ୍ୟମରେ ଭାରତ ସବୁ ପ୍ରକାର ସମସ୍ୟାର ସମାଧାନ ପ୍ରଦାନ କରିବା ପାଇଁ ପ୍ରସ୍ତୁତ ବୋଲି ଗୁରୁବାର ଗୁଜୁରାଟର ଗାନ୍ଧୀନଗର ଠାରେ ଆୟୋଜିତ "ଭାଇବ୍ରାଣ୍ଟ୍ ଗୁଜୁରାଟ ଗ୍ଲୋବାଲ ସମ୍ମିଟ- ୨୦୨୪"ରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏହି ଅବସରରେ ଶ୍ରୀ ପ୍ରଧାନ ଭାଇବ୍ରାଣ୍ଟ୍ ଗୁଜୁରାଟ ଗ୍ଲୋବାଲ ସମ୍ମିଟର ଦୁଇଟି ଅଧିବେଶନ ଯଥା "ଭବିଷ୍ୟତ ପାଇଁ ଶ୍ରମଶକ୍ତି ନିର୍ମାଣ: ଶିଳ୍ପବିପ୍ଳବ ୪.୦ ପାଇଁ ଦକ୍ଷତା ବିକାଶ" ଶୀର୍ଷକ ଉଦଘାଟନୀ ଅଧିବେଶନରେ ଯୋଗ ଦେଇଥିଲେ। ଏହାବ୍ୟତିତ "ଦକ୍ଷତା ବିକାଶ ପାଇଁ ଗ୍ଲୋବାଲ ନେଟୱାର୍କକୁ ବିକଶିତ କରିବା" ନେଇ ଆୟୋଜିତ ଦ୍ୱିତୀୟ ଅଧିବେଶନରେ ଯୋଗଦେଇ ନିଜ ମତ ରଖିଥିଲେ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଭାରତରେ ଡେମୋଗ୍ରାଫିକ ଡିଭିଡେଣ୍ଡ ଓ ଗୁଣାତ୍ମକ ଶିକ୍ଷାନୁଷ୍ଠାନମାନ ଅଛି। ଏହା ମାଧ୍ୟମରେ ଆମ ଦେଶ ଭାରତ ସବୁ ପ୍ରକାର ସମାଧାନ ପ୍ରଦାନ କରିବା ପାଇଁ ପ୍ରସ୍ତୁତ ଅଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଦୂରଦୃଷ୍ଟିସମ୍ପନ୍ନ ଜାତୀୟ ଶିକ୍ଷା ନୀତି ଏହାକୁ ସମର୍ଥନ ଦେଇଛି। ଆମକୁ ବିଶ୍ୱସ୍ତରୀୟ ଅପେକ୍ଷାକୁ ହାସଲ କରିବାକୁ ହେବ। ଦକ୍ଷତା ଏବଂ ଧନ୍ଦାମୂଳକ ଶିକ୍ଷା ବର୍ତ୍ତମାନ ଆନୁଷ୍ଠାନିକ ଭାବରେ ଆମ ଶିକ୍ଷା ପରିସଂସ୍ଥାନର ଏକ ଅଂଶବିଶେଷ ହେବ, ଯେଉଁ ବିଷୟକୁ ବିଷୟକୁ ପୂର୍ବରୁ ଏତେ ଗୁରୁତ୍ୱ ଦିଆଯାଉନଥିଲା। ଶିଳ୍ପ ଓ ନବସୃଜନ କ୍ଷେତ୍ରରେ ବ୍ୟାପକ ହେଉଥିବା ଶିଳ୍ପବିପ୍ଳବ ୪.୦ର ଉପଯୋଗ ପାଇଁ ଭାରତ କିପରି ଦୃଢ଼ ସ୍ଥିତିରେ ରହିଛି ତାହା ଉପରେ ଶ୍ରୀ ପ୍ରଧାନ ଆଲୋକପାତ କରିଥିଲେ। ସେ କହିଛନ୍ତି ଭାରତର ଷ୍ଟାର୍ଟଅପ୍ ଏବଂ ଇନୋଭେସନ ଦେଶକୁ ଜ୍ଞାନ ଏବଂ ଦକ୍ଷତା କେନ୍ଦ୍ରରେ ପରିଣତ କରିଛି। ଯେତେବେଳେ ବିଶ୍ୱର ଜନସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଉଛି, ସେତେବେଳେ ଭାରତ ଏହାର ଯୁବବର୍ଗଙ୍କ ଦ୍ୱାରା ସଶକ୍ତ ହୋଇଛି। ଆଗାମୀ ୨୫ରୁ ୩୦ ବର୍ଷ ମଧ୍ୟରେ କର୍ମକ୍ଷେତ୍ରରେ ଜନସଂଖ୍ୟା ଦୃଷ୍ଟିରୁ ଭାରତ ଅଗ୍ରଣୀ ହେବ ବୋଲି ବିଶେଷଜ୍ଞମାନେ କହିଛନ୍ତି। ତେଣୁ ୨୦୪୭ ସୁଦ୍ଧା 'ବିକଶିତ ଭାରତ'ର ଲକ୍ଷ୍ୟ ହାସଲ କରିବାକୁ ହେଲେ ସମସ୍ତଙ୍କୁ ବିଶେଷ କରି ଯୁବବର୍ଗଙ୍କୁ ଅଧିକ ଯୋଗଦାନ କରିବାକୁ ପଡ଼ିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ଭାଇବ୍ରାଣ୍ଟ ଗୁଜରାଟ ଗ୍ଲୋବାଲ ସମ୍ମିଟ୍ ଜାତୀୟ ପ୍ରାଥମିକତା ଭିତ୍ତିରେ ଦେଶର ବିକାଶ ଯାତ୍ରାକୁ ପ୍ରତିଫଳିତ କରିବା ଦିଗରେ ଏକ ଉତ୍ତମ ପ୍ଲାଟଫର୍ମ। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ବିକଶିତ ଭାରତ ୨୦୪୭ର ସ୍ୱପ୍ନକୁ ସାକାର କରିବା ପାଇଁ ଗୁଜରାଟର ବିକାଶ ମଡେଲ ଅନ୍ୟ ରାଜ୍ୟ ଗୁଡିକ ପାଇଁ ମାର୍ଗଦର୍ଶକ ସାଜିଛି। ଶିକ୍ଷା ଏବଂ ଦକ୍ଷତା ଇକୋସିଷ୍ଟମରେ ଜାତୀୟ ଶିକ୍ଷା ନୀତି ନେତୃତ୍ୱ ଦେଶର ଯୁବଶକ୍ତିକୁ ଭବିଷ୍ୟତ ପାଇଁ ପ୍ରସ୍ତୁତ କରିବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। ଏହି ଅଧିବେଶନରେ ବିଶିଷ୍ଟ ଶିଳ୍ପପତି, ଉଦ୍ୟୋଗୀ, ଗୁଜରାଟ ସରକାରଙ୍କ ଅଧିକାରୀ ଏବଂ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ। ଏହି ଗସ୍ତକାଳରେ ଶ୍ରୀ ପ୍ରଧାନ ଟେକ୍ନୋଲୋଜି କମ୍ପାନୀ ନାମଟେକ୍ ପରିଦର୍ଶନ କରିବା ସହ ସେଠାରେ ଛାତ୍ରଛାତ୍ରୀଙ୍କୁ ଭେଟିଥିଲେ। କେନ୍ଦ୍ରମନ୍ତ୍ରୀଙ୍କ ଉପସ୍ଥିତିରେ ବିକଶିତ ସ୍ମାର୍ଟ ଭବିଷ୍ୟତ ଦିଗରେ ଶିଳ୍ପ ପାଇଁ ଦକ୍ଷ ତାଲିମ ଦେବା ସହ ନୂଆ ନୂଆ ପ୍ରତିଭାଙ୍କୁ ସୃଷ୍ଟି କରିବା ପାଇଁ ନାମଟେକ୍ ଏବଂ ଆଇଟିଜ୍, ସିଙ୍ଗାପୁର ମଧ୍ୟରେ ଏକ ବୁଝାମଣା ପତ୍ର (ଏମଓୟୁ) ସ୍ୱାକ୍ଷରିତ ହୋଇଥିଲା।

## ରାଜ୍ୟର ସାଂସଦ ଓ ବିଧାୟକଙ୍କ ବିରୋଧରେ ରହିଛି ୪୨୩ ଫୌଜଦାରୀ ମାମଲା



**କଟକ :** ରାଜ୍ୟରେ ବିଭିନ୍ନ ସାଂସଦ ଏବଂ ବିଧାୟକଙ୍କ ବିରୋଧରେ ସମୁଦାୟ ୪୨୩ଟି ଫୌଜଦାରୀ ମାମଲା ବିଚାରାଧୀନ ରହିଛି। ତା'ମଧ୍ୟରୁ ଖୋର୍ଦ୍ଧା ଜିଲ୍ଲାରେ ରହିଛି ସର୍ବାଧିକ ୮୬ଟି ମାମଲା। ସେହିପରି୫୩ଟି ମାମଲା ସହ ସୁନ୍ଦରଗଡ଼ ଦ୍ୱିତୀୟ ସ୍ଥାନରେ ଥିବାବେଳେ ଗଞ୍ଜାମ ୫୧ଟି ମାମଲାର ତୃତୀୟ ଏବଂ କୋରାପୁଟ ୪୮ଟି ମାମଲା ସହ ଚତୁର୍ଥ ସ୍ଥାନରେ ରହିଛି। କିନ୍ତୁ ପୁରୀ, ଭଦ୍ରକ, ଯାଜପୁର, ଜଗତସିଂହପୁର ସମେତ ୧୭ଟି ଜିଲ୍ଲାରେ କୌଣସି ସାଂସଦ କିମ୍ବା ବିଧାୟକଙ୍କ ବିରୋଧରେ ଗୋଟିଏ ବି ମାମଲା ବିଚାରାଧୀନ ନାହିଁ ବୋଲି ହାଇକୋର୍ଟରେ ତଥ୍ୟ ଦାଖଲ ହୋଇଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ, ହାଇକୋର୍ଟ ନିଜ ଆଡୁ ଦାୟର କରିଥିବା ମାମଲାରେ ଏହି ତଥ୍ୟ ସାମ୍ନାକୁ ଆସିଛି। ବିଭିନ୍ନ ଜିଲ୍ଲାରୁ ଗତ ଡିସେମ୍ବର ସୁଦ୍ଧା ସଂଗୃହିତ ତଥ୍ୟରେ ଏହା ସ୍ପଷ୍ଟ ହୋଇଛି। ସର୍ବାଧିକ ମାମଲାର ଶୁଣାଣି ଆପିୟରାନ୍ସ ବା ପ୍ରାରମ୍ଭିକ ସ୍ତରରେ ରହିଛି। ଏସବୁ ମାମଲା ଗୁଡିକର ତ୍ୱରିତ ଶୁଣାଣି ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି, କାର୍ଯ୍ୟକାରୀ ମୁଖ୍ୟ ବିଚାରପତିଙ୍କ ଖଣ୍ଡପୀଠ ଜାଣିବାକୁ ଚାହିଁଛନ୍ତି। ସେନେଇ ସତ୍ୟପାଠ ଦାଖଲ କରିବାକୁ ସରକାରୀ ଓକିଲଙ୍କୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଦୁଇ ସପ୍ତାହ ପରେ ମାମଲାର ପରବର୍ତ୍ତି ଶୁଣାଣି ହେବ।

PLOT FOR SALE
MOUZA:BHOLA



N.H. Bye Pass (Old Trunk Road), Near ASBM College, Chandaka, Bhubaneswar, Odisha
Contact : 8658607286

## ନିଜ ଜନ୍ମମାଟିରେ ପପୁ ସିଂଙ୍କୁ ଭବ୍ୟ ସ୍ୱାଗତ



**ମାଲକାନଗିରି :** ଦକ୍ଷିଣ ଆଫ୍ରିକା ଟୁର ସାରି, ନିଜ ଭିଟାମାଟି କୁ ଫେରିଛନ୍ତି. ମାଲକାନଗିରି ପୁଅ ସତବୀର ସିଂ ରିଆ ଓରଫ ପପ୍ପୁ ଭାଇ। ସତବୀର ସିଂ ଭାରତୀୟ କ୍ରିକେଟ ଦଳରେ ଦକ୍ଷିଣ ଆଫ୍ରିକା ଟୁର ସମୟରେ ୨ଟି ଟେଷ୍ଟ ଏବଂ ଦିନିକିଆ ମ୍ୟାଚ ପାଇଁ ମ୍ୟାନେଜର ଭାବରେ ମନୋନୀତ ହୋଇଥିଲେ। ତେବେ ୨ଟି ଟେଷ୍ଟ ମ୍ୟାଚରେ ପ୍ରଥମ ମ୍ୟାଚଟି ଦକ୍ଷିଣ ଆଫ୍ରିକା ଜିତି ଥିବା ବେଳେ, ଦ୍ୱିତୀୟ ମ୍ୟାଚ ଭାରତୀୟ କ୍ରିକେଟ ଦଳ ଐତିହାସିକ ବିଜୟୀ ହାସଲ କରିଥିଲେ। ଯାହାଫଳରେ ସିରିଜ୍ ଡ୍ର ରହିଥିଲା। ଦଳରେ ବିରାଟ କୋହଲି, ରୋହିତ ଶର୍ମା, ଲୋକେଶ ରାହୁଲ୍, ଭଳି ଷ୍ଟାର କ୍ରିକେଟର ସାମିଲ ରହିଥିଲେ। ତେବେ ସାଉଥ୍ ଆଫ୍ରିକା ଟୁର ପରେ ନିଜ ଜନ୍ମ ମାଟିକୁ ଫେରିଛନ୍ତି। ଭାରତୀୟ ସିନିୟର୍ କ୍ରିକେଟ ଟିମ୍‌ର ମ୍ୟାନେଜର ସତବୀର ସିଂ। ତାଙ୍କର ଏଭଳି ସଫଳତା ପରେ ସେ ଆଜି ମାଲକାନଗିରି ପହଞ୍ଚିଛନ୍ତି। ତାଙ୍କର ସମର୍ଥକ, ସହିତ ବିଭିନ୍ନ ବିଦ୍ୟାଳୟରୁ ଯୁବ ଛାତ୍ରଛାତ୍ରୀ, ବୁଦ୍ଧିଜୀବୀ, କ୍ରିକେଟ ପ୍ରେମୀ, ବିଭିନ୍ନ କ୍ରୀଡ଼ାବିତ୍, ତାଙ୍କର ସାଙ୍ଗସାଥୀ ମାନେ ବିରାଟ ଶୋଭାଯାତ୍ରା କରି ଫୁଲମାଳ ଦେଇ ତାଙ୍କୁ ସ୍ୱାଗତ କରିଛନ୍ତି। ପିଲାଟି ଦିନରୁ କ୍ରିକେଟ, ବ୍ୟାଡମିଟନ ଖେଳ ପ୍ରତି ଆଗ୍ରହ ଥିଲା। ସମୟ ପାଇଲେ କ୍ରିକେଟ ଓ ବ୍ୟାଡମିଟନ ରେ ସମୟ କାଟନ୍ତି। ମାଲକାନଗିରିରେ ସ୍ୱାଗତ କରିବା ସମୟରେ ଲୋକଙ୍କ ଭଲପାଇବା ଦେଖି ଭାବ ବିହ୍ୱଳ ହୋଇ ପଡ଼ିଥିଲେ ସତବୀର। ତାଙ୍କର ପ୍ରତ୍ୟେକଟୀ ମୂହୁର୍ତ୍ତର ଅନୁଭୂତି ଆମ ସହିତ ବଖାଣିଛନ୍ତି।



PLOT FOR SALE
MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455



MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30ft Approch Road
Contact : 8658607286 / 8917571455

Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com
Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : **ଲକ୍ଷ୍ମୀପ୍ରିୟା ଦାଶ**
Editor : **Tarak Mohanty**
ସମ୍ପାଦକ : **ତାରକ ମହାନ୍ତି**